ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୯/୨୦୨୫ (୧୪ ପୃଷ୍ଠା+ ଛୁଟିଦିନ) Bhubaneswar, Sunday, November 9/2025 Page 14 ₹ 7.00 | BERHAMPUR
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul
୫୧ଶ ଭାଗ ୩୪୩ ସଂଖ୍ୟା VOLUME 51 ISSUE 343 ମୂଲ୍ୟ₹୭/-

# ଆପାର୍ଟମେଣ୍ଟ ବାଲ୍‌କୋନି ଭୁଶୁଡ଼ି ୩ମୃତ



କଟକ ବକ୍ସିବଜାର ମଣିସାହୁ ଛକରେ କୋଠାର ବାଲ୍‌କୋନି ଭୁଶୁଡ଼ି ପଡ଼ିଛି।

## ୪ ଗୁରୁତର, ସମସ୍ତ ମୃତାହତ ୨ଟି ପରିବାରର

**ଐତିହାସିକ ବାଲିଯାତ୍ରା ପାଇଁ କଟକ ସହର ଚଳଚଞ୍ଚଳ ହୋଇ ଉଠିଥିବାବେଳେ ଶନିବାର ଅପରାହ୍ଣରେ ମଣିସାହୁ ଛକ ନିକଟରେ ଘଟିଛି ଏକ ଅଘଟଣ। ଏକ ପୁରୁଣା ଆପାର୍ଟମେଣ୍ଟର ୫ମ ମହଲାରେ ଥିବା ବାଲ୍‌କୋନି ଭୁଶୁଡ଼ି ଆଜ୍‌ବେଷ୍ଟସ୍ ଘର ଉପରେ ଖସି ପଡ଼ିଛି। ଏଥିରେ ଜଣେ ଶିଶୁ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନ୍ୟ ୨ମହିଳା ଏବଂ ୨ପିଲା ମଧ୍ୟ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।**

**କଟକ,୮।୧୧(କାର୍ତ୍ତିକ ସାହୁ)**

ବକ୍ସିବଜାର ମଣିସାହୁ ଛକରେ ଶନିବାର ଅପରାହ୍ଣ ପ୍ରାୟ ୪.୪୫ ମିନିଟ ସମୟରେ ଏକ କୋଠାର ବାଲକୋନି ଭୁଶୁଡ଼ି ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଅବଦୁଲ ଜଲିଲ(୬୦), ଅବଦୁଲ ଜାହିଦ(୩୦) ଓ ରମ୍‌ଜାନି ଖାନ୍‌ଙ୍କ ପୁଅ ରେହାନ ଖାନ୍(୮)। ଅବଦୁଲ ଜଲିଲଙ୍କ ସ୍ତ୍ରୀ ରେହମାତୁନ୍ ନିଶା(୫୦) ଏବଂ ଅବଦୁଲ ଜାହିଦଙ୍କ ସ୍ତ୍ରୀ ସାହିନା ବେଗମ୍(୨୯) ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଉଭୟେ ସମ୍ପର୍କରେ ଶାଶୂ-ବୋହୂ ଅଟନ୍ତି। ଏହି ଘଟଣାରେ ଅବଦୁଲ୍ ଜାହିଦ୍‌ଙ୍କ ୨ପୁଅ ଅବଦୁଲ୍ ରେହମାନ୍(୮) ଏବଂ ଅବଦୁଲ ମୁଜାହିଦ୍(୪) ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତାହତ ସମସ୍ତେ ଦୁଇଟି ପରିବାରର ବୋଲି ଜାଣିବାକୁ ମିଳିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛି।

ସୂଚନାନୁସାରେ, ବକ୍ସିବଜାର ମଣିସାହୁ ନିକଟସ୍ଥ ହାଡ଼ିବନ୍ଧୁ ସ୍କୁଲ ନିକଟ ବସ୍ତିରେ ପ୍ରାୟ ୨୫ରୁ ୩୦ ପରିବାର ରହନ୍ତି। ସମସ୍ତେ ଶ୍ରମିକ ଶ୍ରେଣୀର। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଆପାର୍ଟମେଣ୍ଟଟି ୨୦୦୦ ମସିହାରେ ନିର୍ମାଣ ଶେଷ ହୋଇ ସେଠାରେ ଲୋକମାନେ ରହୁଥିଲେ। ☞ପୃଷ୍ଠା-୪









## ସଂକ୍ଷେପରେ

### ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୮।୧୧

ଜମ୍ମୁ-କଶ୍ମୀରର କୁପଓ୍ୱାଡ଼ା ଜିଲା ଅନ୍ତର୍ଗତ କେରନ୍ ସେକ୍ଟରରେ ଥିବା ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ଶନିବାର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ସେନା ପଣ୍ଡ କରିଦେଇଛି। ସେନା ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଅନୁପ୍ରବେଶ ଉଦ୍ୟମ ସମ୍ପର୍କରେ ଗୋଇନ୍ଦା ସୂଚନା ପାଇ ସେନା ଓ ପୋଲିସ ପକ୍ଷରୁ ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ସୀମା ନିକଟରେ ସନ୍ଦିଗ୍ଧ ଗତିବିଧି ଦେଖିବା ପରେ ଯବାନମାନେ ଗୁଳି ଚଳାଇଥିଲେ। ଏଥିରେ ୨ ଆତଙ୍କବାଦୀ ନିହତ ହୋଇଥିବାବେଳେ ଘଟଣାସ୍ଥଳକୁ ଅଧିକ ସୈନ୍ୟ ପଠାଯାଇଛି। ଆକାଶମାର୍ଗରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖିବା ପାଇଁ ଡ୍ରୋନ୍ ଏବଂ ୟୁଏଭି ବ୍ୟବହାର କରାଯାଇଥିଲା।

### ଡିଏନ୍ଏ ଆବିଷ୍କର୍ତ୍ତା ନୋବେଲ ବିଜୟୀ ଜେମ୍ସ ୱାଟ୍ସନ୍ଙ୍କ ପରଲୋକ



ନ୍ୟୁୟର୍କ,୮।୧୧

ଡିଏନ୍ଏ ଡବଲ୍ ହେଲିକ୍ସର ସହ-ଆବିଷ୍କର୍ତ୍ତା ନୋବେଲ ପୁରସ୍କାର ବିଜୟୀ ବୈଜ୍ଞାନିକ ଜେମ୍ସ ଡି. ୱାଟ୍ସନଙ୍କର ଗୁରୁବାର ପରଲୋକ ହୋଇଯାଇଛି। ଆମେରିକାର ଏହି ମଲିକ୍ୟୁଲାର ବାୟୋଲୋଜିଷ୍ଟଙ୍କୁ ୯୭ ବର୍ଷ ହୋଇଥିଲା। ୱାଟ୍ସନ ତାଙ୍କ ଜୀବନର ଅଧିକାଂଶ ସମୟ ବିତାଇଥିବା ଲଙ୍ଗ୍ ଆଇଲାଣ୍ଡସ୍ଥିତ କୋଲ୍ଡ ସ୍ପ୍ରିଙ୍ଗ୍ ହାର୍ବର ଲାବୋରେଟୋରି ପକ୍ଷରୁ ତାଙ୍କ ପରଲୋକ ସମ୍ପର୍କରେ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ମାନବ ଗୁଣସୂତ୍ର ପ୍ରକଳ୍ପର ଜନକ କୁହାଯାଉଥିବା ୱାଟ୍ସନଙ୍କ ପରବର୍ତ୍ତୀ ଜୀବନ କେତେକ ଜାତିବାଦ ମନ୍ତବ୍ୟକୁ ନେଇ ବିବାଦୀୟ ହୋଇଯାଇଥିଲା। ସହଯୋଗୀ ଗବେଷକ ଫ୍ରାନ୍ସିସ୍ କ୍ରିକ୍ଙ୍କ ସହ ୱାଟ୍ସନ ୧୯୫୩ରେ ଡବଲ୍ ହେଲିକ୍ସ ଉଦ୍ଭାବନ କରିଥିଲେ, ଯାହା ତାଙ୍କୁ ବିଂଶ ଶତାବ୍ଦୀର ଚର୍ଚ୍ଚିତ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନିତ କରିଥିଲା। ୧୯୬୨ରେ ତାଙ୍କୁ କ୍ରିକ୍ ଏବଂ ମୌରିକ୍ ୱିଲକିନ୍ସଙ୍କ ସହ ନୋବେଲ ପୁରସ୍କାର ମିଳିଥିଲା।

### ଏନ୍‌ଜିଓ ଏଜୁକେଟ୍ ଗର୍ଲ୍ସକୁ ମିଳିଲା ମାଗ୍‌ସେସେ ପୁରସ୍କାର

ମାନିଲା,୮।୧୧(ପି.ଟି.)

ଭାରତୀୟ ଅଣଲାଭଦାୟକ ସଂଗଠନ ଏଜୁକେଟ୍ ଗର୍ଲ୍ସକୁ ମର୍ଯ୍ୟାଦାଜନକ ରମନ ମାଗ୍‌ସେସେ ପୁରସ୍କାର ମିଳିଛି। ଉକ୍ତ ଏନ୍‌ଜିଓ ଏହି ସମ୍ମାନକୁ ଏହାର ଅନେକ ହଜାର କ୍ଷେତ୍ର ସମନ୍ୱୟକାରୀ, ସ୍ୱେଚ୍ଛାସେବୀ ଏବଂ ଯୁବ ମେଣ୍ଟରଙ୍କୁ ଉତ୍ସର୍ଗ କରିଛି। କାରଣ ସେହିମାନେ ଦେଶର ଅନେକ ଲକ୍ଷ ବାଳିକାଙ୍କୁ ସ୍କୁଲ୍‌କୁ ଆଣିବାରେ ସହାୟତା କରିଥିଲେ। ଏପ୍ରିଲ ୩୧ରେ ଏହି ପୁରସ୍କାର ଘୋଷଣା ହୋଇଥିବାବେଳେ ଶୁକ୍ରବାର ଫିଲିପାଇନ୍ସ ରାଜଧାନୀ ମାନିଲାସ୍ଥିତ ମେଟ୍ରୋପଲିଟାନ୍ ଥିଏଟରରେ ପୁରସ୍କାର ପ୍ରଦାନ କରାଯାଇଛି।

୨୦୦୭ରେ ପ୍ରତିଷ୍ଠିତ ଏଜୁକେଟ୍ ଗର୍ଲ୍ସ ଦାରିଦ୍ର୍ୟ ଓ ନିରକ୍ଷରତା ଦୂର କରିବା ଲାଗି ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ବିହାରର ୩୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ କାର୍ଯ୍ୟ କରୁଛି। ୫୫,୦୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଏହି ଏନ୍‌ଜିଓ ୨ ନିୟୁତରୁ ଅଧିକ ଝିଅଙ୍କୁ ସ୍କୁଲ୍‌କୁ ଆଣିବା ସହ ଉପଚାରାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ୨.୪ ନିୟୁତ ପିଲାଙ୍କୁ ସହାୟତା କରିପାରିଛି। ପୁରସ୍କାର ଗ୍ରହଣ କରିବା ଅବସରରେ ଏନ୍‌ଜିଓ ପ୍ରତିଷ୍ଠାତା ସଫିନା ହୁସେନ୍ କହିଛନ୍ତି, ଏହି ପୁରସ୍କାର ଆମ ଝିଅମାନଙ୍କ ପାଇଁ, ସେମାନଙ୍କ ସାହସ ଓ ଧୈର୍ଯ୍ୟ ଆମକୁ ଉତ୍ସାହିତ କରିଥିଲା।



୯୩ତମ ବାୟୁସେନା ଦିବସ ପାଳନ ପୂର୍ବରୁ ଆସାମର ଗୁଆହାଟୀଠାରେ ଆଇଏଏଫ୍‌ର ସାରଙ୍ଗ ଟିମ୍ ପକ୍ଷରୁ ଶନିବାର ସାମରିକ କୌଶଳର ରିହର୍ସାଲ କରାଯାଉଛି।

# ୧,୮୦୦ କୋଟିର ସରକାରୀ ଜମିକୁ ୩୦୦ କୋଟିରେ ବିକ୍ରି

- ୨୧ କୋଟିର ଷ୍ଟାମ୍ପ୍ ଡ୍ୟୁଟି ଛାଡ଼ ଅଭିଯୋଗ
- ଅଜିତ ପାୱାର ପୁଅଙ୍କ ଜମି ଦୁର୍ନୀତି ପଦାକୁ ଆଣିଥିଲେ ଆକ୍ଟିଭିଷ୍ଟ

ପୁଣେ,୮।୧୧



ପାର୍ଥ ପାୱାର

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାର ମୁନ୍ଧଓ୍ୱାରୁ କିଣିଥିବା ୩୦୦ କୋଟି ଟଙ୍କାର ଜମି ଉପରେ ଷ୍ଟାମ୍ପ୍ ଡ୍ୟୁଟିକୁ ବେଆଇନ ଭାବେ ଛାଡ଼ କରାଯାଇଥିବା କଥା ପୁଣେର ଜଣେ ସାମାଜିକ କର୍ମୀ ପଦାକୁ ଆଣିଥିଲେ। ଆମାଡେଆ ଏଣ୍ଟରପ୍ରାଇଜେସ୍ ଏଲ୍ଏଲ୍‌ପି ପାର୍ଟନର ଦିଗ୍‌ବିଜୟ ପାଟିଲଙ୍କ ଦ୍ୱାରା ଜମି କବଲା ହେବାର ୧୫ ଦିନ ପରେ ଉକ୍ତ ଆକ୍ଟିଭିଷ୍ଟ ଯୁଗ୍ମ ଜିଲା ପ୍ରବନ୍ଧକ (ଜେଡିଆର୍)ଙ୍କୁ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଆମାଡେଆ ଏଣ୍ଟରପ୍ରାଇଜେସ୍‌ରେ ପାର୍ଥ ପାୱାର ଅଂଶୀଦାର ଅଛନ୍ତି। ବିକଶିତ ମୁନ୍ଧଓ୍ୱା ଅଞ୍ଚଳରେ ୪୦ ଏକରର ପ୍ଲଟ୍‌କୁ ଆମାଡେଆ ଏଣ୍ଟରପ୍ରାଇଜେସ୍‌କୁ ୩୦୦ କୋଟି ଟଙ୍କାରେ ବିକ୍ରିକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ବିଶେଷ କରି ତାହା ସରକରୀ ଜମି ଏବଂ ଷ୍ଟାମ୍ପ୍ ଡ୍ୟୁଟି ଛାଡ଼କୁ ନେଇ ରାଜନୀତି ଜୋର୍ ଧରିଛି। ଉକ୍ତ ଜମିର ପ୍ରକୃତ ଦାମ୍ ୧,୮୦୦ କୋଟି ହେବ ବୋଲି ବିରୋଧୀ ଦାବି କରୁଛନ୍ତି।

ମୁନ୍ଧଓ୍ୱା ଜମିକୁ ଗତ ମେ' ୨୦ରେ ବିକ୍ରି କରାଯାଇଥିବାବେଳେ ଜୁନ୍ ୫ରେ ଛାଭା କାମଗାର ୟୁନିୟନ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଦିନକର କୋଟ୍‌କାର(୬୦) ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର୍)ଙ୍କ କାର୍ଯ୍ୟାଳୟକୁ ପତ୍ର ଲେଖି ଉକ୍ତ ଜମି ବିକ୍ରିରେ ଭୁଲ୍‌କ୍ରମେ ୨୧ କୋଟି ଟଙ୍କାର ଷ୍ଟାମ୍ପ୍ ଡ୍ୟୁଟି ଛାଡ଼ କରାଯାଇଥିବା ଜଣାଇଥିଲେ। ଏନେଇ ଜେଡିଆର୍ ସନ୍ତୋଷ ହିଙ୍ଗାନେ ଦେଇଥିବା ଏତଲାରେ ଉକ୍ତ ଚିଠି ପାଇଥିବା ସ୍ୱୀକାର କରିଛନ୍ତି। ଜମି ବିକ୍ରିରେ ସରକାରୀ ରେକର୍ଡ ବଦଳାଯାଇଥିବା ସେ ଜାଣିବାକୁ ପାଇଥିବା କହିଛନ୍ତି। ଜୁନ୍ ୨୩ରେ କୋଟ୍‌କାର ପୁନର୍ବାର ଚିଠି ଲେଖି ଷ୍ଟାମ୍ପ୍ ଡ୍ୟୁଟି ଛାଡ଼ ଜନିତ ରାଜସ୍ୱ କ୍ଷତି ଭରଣା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ ବିଭାଗରୁ ତାଙ୍କୁ କୌଣସି ଜବାବ ମିଳି ନ ଥିବାବେଳେ ଜଣେ ବ୍ୟକ୍ତି ତାଙ୍କୁ ମାମଲାରୁ ଦୂରେଇ ରହିବାକୁ କହିବା ସହ ପରିଣାମ ଭୟାବହ ହେବ ବୋଲି ଧମକ ଦେଇଥିବା କୋଟ୍‌କାର କହିଛନ୍ତି। ଯୁଗ୍ମ ହଜଡିଆର୍ ରାଜେନ୍ଦ୍ର ମୁଥେ ଜମି କିଣାବିକା ଅନିୟମିତତାର ତଦନ୍ତ ଚଳାଇଥିବାବେଳେ ୭ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ଦେବେ। ତେବେ ଉକ୍ତ ଡିଲ୍‌କୁ ବାତିଲ କରିଦିଆଯାଇଥିବା ଶୁକ୍ରବାର ସନ୍ଧ୍ୟାରେ ଅଜିତ ପାୱାର ଘୋଷଣା କରିଥିଲେ। ଉକ୍ତ ଜମି ସରକାରୀ ବୋଲି ତାଙ୍କ ପୁଅ ଜାଣି ନ ଥିବା ସେ ସଫେଇ ଦେଇଥିଲେ।

ଜମି ଦୁର୍ନୀତିକୁ ନେଇ ବିବାଦ ତୀବ୍ର ହେବା ପରେ ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାର ଶନିବାର ମୁହଁ ଖୋଲିଛନ୍ତି। ମାମଲାର ସମ୍ପୂର୍ଣ୍ଣ ତଦନ୍ତ କରାଯାଇ ଫଳାଫଳ ସର୍ବସାଧାରଣରେ ପ୍ରକାଶ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ମଧ୍ୟ ଘଟଣାକୁ ଅତ୍ୟନ୍ତ ଗମ୍ଭୀର ବୋଲି କହିବା ସହ ଏହାର ନିଶ୍ଚୟ ତଦନ୍ତ କରାଯିବ ବୋଲି ଘୋଷଣା କରିଥିଲେ।

### ପିଲାଙ୍କ ଅସାଧୁ କାର୍ଯ୍ୟ ପାଇଁ ଉତ୍ତରଦାୟୀ ହୁଅନ୍ତୁ ମନ୍ତ୍ରୀ: ଆନ୍ନା ହାଜାରେ

ପୁଣେ,୮।୧୧



ମନ୍ତ୍ରୀଙ୍କ ପିଲାମାନେ ଅସାଧୁ କାର୍ଯ୍ୟରେ ସମ୍ପୃକ୍ତ ଥିଲେ, ଏଥିପାଇଁ ସମ୍ପୃକ୍ତ ମନ୍ତ୍ରୀ ନିଜକୁ ଉତ୍ତରଦାୟୀ କରିବା ଉଚିତ ବୋଲି ଦୁର୍ନୀତି ବିରୋଧୀ ଯୋଦ୍ଧା ଆନ୍ନା ହାଜାରେ ଶନିବାର କହିଛନ୍ତି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ମାଲିକାନାରେ ଥିବା କମ୍ପାନୀ ବିବାଦୀୟ ଜମି କିଣାରେ ସମ୍ପୃକ୍ତ ଥିବା ଘଟଣା ପଦାକୁ ଆସିବା ପରେ ଆନ୍ନା ଏଭଳି ମନ୍ତବ୍ୟ ଦେଇଛନ୍ତି। ପୁଣେରେ ସରକାରୀ ଜମିକୁ ୩୦୦ କୋଟି ଟଙ୍କାରେ ବିକ୍ରି ଘଟଣାରେ ଯଦି ଅନିୟମିତତା ହୋଇଥାଏ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ମୂଲ୍ୟବୋଧ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହା ପରିବାରରୁ ଆସିଥାଏ। ନୈତିକ ମୂଲ୍ୟବୋଧର ଅଭାବରେ ଏଭଳି ଘଟଣା ଘଟୁଥିବା ଆନ୍ନା କହିଛନ୍ତି।

### ଚନ୍ଦ୍ର ମେରୁର ରାଡାର ଫଟୋ ପଠାଇଲା ଚନ୍ଦ୍ରାୟନ-୨

ନୂଆଦିଲ୍ଲୀ,୮।୧୧

ଚନ୍ଦ୍ରୟାନ-୨ର ଅର୍ବିଟର ଚନ୍ଦ୍ରପୃଷ୍ଠର ଉଭୟ ମେରୁ ଅଞ୍ଚଳରୁ କେତେକ ରାଡାର ଫଟୋ ପଠାଇଛି। ୨୦୧୯ରୁ ଅର୍ବିଟର ପ୍ରାୟ ୧୪୦୦ ରାଡାର ଡେଟାସେଟ୍ ପଠାଇଲାଣି। ମିଶନର ଡୁଆଲ୍ ଫ୍ରିକ୍ୱେନ୍ସି ସିନ୍ଥେଟିକ୍ ଆପେର୍‌ଚର ରାଡାରରୁ ମିଳିଥିବା ଉକ୍ତ ଡେଟାଗୁଡ଼ିକୁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଅହମଦାବାଦରେ ଥିବା ସ୍ପେସ୍ ଆପ୍ଲିକେଶନ୍ସ ସେଣ୍ଟର (ଏସ୍ଏସି) ଅନୁଧ୍ୟାନ କରୁଛି। ଚନ୍ଦ୍ରପୃଷ୍ଠ ମୃତ୍ତିକାର ସାନ୍ଦ୍ରତା ଏବଂ ଏଥିରେ ବାୟୁ ଚଳାଚଳ ପାଇଁ ରହିଥିବା ସୂକ୍ଷ୍ମ ଛିଦ୍ର ସମ୍ପର୍କରେ ଜଣିବା ପାଇଁ ଡାଇଇଲେକ୍ଟ୍ରିକ୍ ଗୁଣ ଏବଂ ସମ୍ଭାବ୍ୟ ପାଣି-ବରଫର ଉପସ୍ଥିତି ସମ୍ପର୍କରେ ପରୀକ୍ଷାନିରୀକ୍ଷା କରାଯାଉଛି। ଚନ୍ଦ୍ରପୃଷ୍ଠର ଗଠନ ଏବଂ ଆଭ୍ୟନ୍ତରୀଣ ପ୍ରକୃତି ସମ୍ପର୍କରେ ଜାଣିବାରେ ଏହା ସହାୟକ ହେବ ବୋଲି କୁହାଯାଉଛି।

### ରୁଷିଆ ସେନାରେ ୪୪ ଭାରତୀୟ

**ମୁକ୍ତି ଲାଗି କ୍ରେମ୍‌ଲିନ୍‌କୁ ଅନୁରୋଧ**

ନୂଆଦିଲ୍ଲୀ,୮।୧୧

ରୁଷିଆ ସେନାରେ ୪୪ ଜଣ ଭାରତୀୟ ନିଯୁକ୍ତ ଥାଇ ସମ୍ପ୍ରତି ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢୁଥିବା ଜଣାପଡ଼ିଛି। ଉକ୍ତ ଭାରତୀୟମାନଙ୍କୁ ଚିହ୍ନଟ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର କହିଛି। ସେମାନଙ୍କୁ ତୁରନ୍ତ ମୁକ୍ତ କରିବା ସମେତ ଭାରତୀୟଙ୍କୁ ସେନାରେ ନିଯୁକ୍ତ ନ କରିବା ପାଇଁ ମନ୍ତ୍ରଣାଳୟ ରୁଷିଆ କର୍ତ୍ତୃପକ୍ଷଙ୍କୁ ଜଣାଇଛି। ରୁଷିଆ ସେନାରେ ଥିବା ଭାରତୀୟଙ୍କ ପରିବାର ସମେତ ରୁଷିଆ ଅଧିକାରୀମାନଙ୍କ ସହ ବହିର୍ବ୍ୟାପାର ମନ୍ତ୍ରଣାଳୟ ଯୋଗାଯୋଗରେ ରହିଥିବା ଏହାର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ସେଠାରେ କାର୍ଯ୍ୟରତ ଭାରତୀୟଙ୍କ ସମ୍ପର୍କରେ ସେମାନଙ୍କ ପରିବାରକୁ ନିୟମିତ ତଥ୍ୟ ଦିଆଯାଉଛି ଓ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ମସ୍କୋ ସହିତ ସରକାର ସମନ୍ୱୟ ରଖି କାର୍ଯ୍ୟ କରୁଥିବା ରଣଧୀର କହିଛନ୍ତି। ଭାରତୀୟ ଯୁବକଙ୍କୁ ରୁଷିଆରେ ଉଚ୍ଚ ବେତନରେ ନିଯୁକ୍ତି ପ୍ରତିଶ୍ରୁତି ଦିଆଯାଇ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢ଼ିବାକୁ ବାଧ୍ୟ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା।

## ଦିଲ୍ଲୀରେ ୫୦୦ ଝୁମ୍ପୁଡ଼ି ଜଳିଗଲା



ନୂଆଦିଲ୍ଲୀ,୮।୧୧

ଦିଲ୍ଲୀର ରୋହିଣୀ ଅଞ୍ଚଳ ଅନ୍ତର୍ଗତ ରିଥାଲା ମେଟ୍ରୋ ଷ୍ଟେଶନ ନିକଟରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୫୦୦ ଝୁମ୍ପୁଡ଼ି ଜଳିଯାଇଛି। କେତେକ ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେବାରୁ ନିଆଁ ଭୟଙ୍କର ରୂପ ନେଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଦିଲ୍ଲୀ ଅଗ୍ନିଶମ ପକ୍ଷରୁ କୁହାଯାଇଛି। ବସ୍ତିରୁ ପ୍ରବଳ ଧୂଆଁ ଉଠୁଥିବାବେଳେ ଆତଙ୍କିତ ଲୋକେ ସେମାନଙ୍କ ଜିନିଷପତ୍ର ଧରି ସୁରକ୍ଷିତ ସ୍ଥାନକୁ ପଳାଇଥିଲେ। ନିଆଁ ଲିଭାଇବାରେ ଅଗ୍ନିଶମ ବିଭାଗର ବହୁ ଦମକଳ ସମେତ ଫାୟାରଫାଇଟିଂ ରୋବାକୁ ନିୟୋଜିତ କରାଯାଇଥିଲା। ଭୋର ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଥିବା ଅଗ୍ନିଶମ ବିଭାଗ କହିଛି।

## ବାରାଣସୀରୁ ୪ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କଲେ ମୋଦି

ବାରାଣସୀ/ଲକ୍ଷ୍ନୌ/ବରେଲି,୮।୧୧(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉତ୍ତରପ୍ରଦେଶର ବାରାଣସୀ ରେଳଷ୍ଟେଶନରୁ ୪ଟି ନୂଆ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଯାତ୍ରାକୁ ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ୍‌ଗୁଡ଼ିକ ବନାରସ-ଖଜୁରାହୋ, ଲକ୍ଷ୍ନୌ-ସାହାରନ୍‌ପୁର, ଫିରୋଜପୁର-ଦିଲ୍ଲୀ ଏବଂ ଏର୍ନାକୁଲମ୍-ବେଙ୍ଗାଲୁରୁ ରୁଟ୍‌ରେ ଚଳାଚଳ କରିବ। ବନାରସ୍-ଖଜୁରାହୋ ବନ୍ଦେ ଭାରତ ଟ୍ରେନ୍ ବାରାଣସୀ, ପ୍ରୟାଗରାଜ ଏବଂ ଚିତ୍ରକୂଟ ଭଳି ପ୍ରମୁଖ ସାଂସ୍କୃତିକ ଓ ଧାର୍ମିକ ସ୍ଥଳକୁ ସଂଯୋଗ କରିବ।

ସେମି ହାଇସ୍ପିଡ୍ ଟ୍ରେନ୍‌ଗୁଡ଼ିକ ବୃହତ୍ ଷ୍ଟେଶନ ମଧ୍ୟରେ ଯାତ୍ରା ସମୟ ହ୍ରାସ କରିବା ସହ ଆଞ୍ଚଳିକ ଯାତାୟାତ ବଢ଼ାଇବ। ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ଆର୍ଥିକ କାରବାରରେ ସହାୟକ ହେବ ବୋଲି କୁହାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ବିକାଶ ପଥରେ ଦ୍ରୁତଗତିରେ ଆଗେଇ ଚାଲିଛି। ବଡ଼ ପ୍ରଗତି ହାସଲ କରିଥିବା ପ୍ରତ୍ୟେକ ଦେଶ ପଛରେ ରହିଛି ଚଳନ ଶକ୍ତି। ତାହା ହେଉଛି ଭିତ୍ତିଭୂମି ବିକାଶ। ଯେଉଁ ଅଞ୍ଚଳରେ ଏହାର ବିକାଶ ହୋଇଛି ସେଠାରେ ସବୁପ୍ରକାର ବିକାଶ ଦେଖାଦେଇଛି। ଭାରତରେ ଏବେ ବହୁ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରିବା ସହ ବିଶ୍ୱର ଅନେକ ଦେଶରୁ ବିମାନ ଆସୁଛି। ଏସବୁ ଅଭିବୃଦ୍ଧି ସହ ଜଡ଼ିତ। ବନ୍ଦେ ଭାରତ, ନମୋ ଭାରତ ଏବଂ ଅମୃତ ଭାରତ ଭଳି ଟ୍ରେନ୍‌ଗୁଡ଼ିକ ନୂଆ ପିଢ଼ିର ଭାରତୀୟ ରେଳୱେର ମୂଳଦୁଆ ପକାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ରେଳଷ୍ଟେଶନରେ ରୁଣ୍ଡ ହୋଇଥିବା ପିଲା ଏବଂ ବାରାଣସୀ-ଖଜୁରାହୋ ବନ୍ଦେ ଭାରତ ଟ୍ରେନ୍‌ରେ ଥିବା ପିଲାମାନଙ୍କ ସହ କଥା ହୋଇଥିଲେ। ବାରାଣସୀରେ ଏତେ ମେଧାବୀ ପିଲା ରହିଥିବା ଜାଣି ଏଠାର ସାଂସଦ ଭାବେ ଗର୍ବ ଅନୁଭବ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ବାରାଣସୀ ରେଳଷ୍ଟେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରୁଛନ୍ତି।

## ଫୁରସତ୍


### ପ୍ରେମରେ ପଡ଼ିଛନ୍ତି ଅହାନ




ଅହାନ ସେଟ୍ଟୀ

**ମୁମ୍ବାଇ:** ପ୍ରେମରେ ପଡ଼ିଛନ୍ତି ଖ୍ୟାତନାମା ବଲିଉଡ୍ ଷ୍ଟାର ସୁନୀଲ ସେଟ୍ଟୀଙ୍କ ପୁଅ ଅହାନ ସେଟ୍ଟୀ। ଟେଲି ପରଦାର ଜଣେ ଚୁଲ୍‌ବୁଲି ଅଭିନେତ୍ରୀଙ୍କୁ ସେ ଡେଟ୍ କରୁଛନ୍ତି। ସେହି ଅଭିନେତ୍ରୀ ହେଲେ ଜିୟା ଶଙ୍କର। ନୂଆ ନୂଆ ପ୍ରେମ ହୋଇଥିବାରୁ ଉଭୟ ଏନେଇ ମୁହଁ ଖୋଲୁନାହାନ୍ତି। ସବୁକିଛି ଲୁଚାଛପାରେ ଚାଲିଛି। ଜିୟା ଅନେକ ଟେଲି ଧାରାବାହିକରେ ଅଭିନେତ୍ରୀ ଭାବେ ନଜରକୁ ଆସିଛନ୍ତି। ହେଲେ କିଛି ମାସ ଧରି ସେ ଅଭିନୟରୁ ବ୍ରେକ୍ ନେଇ ନିଜକୁ ସମୟ ଦେଉଛନ୍ତି। ନିକଟରେ ସେ ଛୁଟିରେ ପ୍ରେମିକଙ୍କ ସହ ବିଦେଶ ଯାଇଥିବା କୁହାଯାଉଛି। ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସେ ଅନେକ ଫଟୋ ପୋଷ୍ଟ କରୁଛନ୍ତି, ଯେଉଁଥିରେ ସେ ତାଙ୍କ ପ୍ରେମିକଙ୍କ ବିଷୟରେ ଉଲ୍ଲେଖ କରୁଛନ୍ତି। ସୁନୀଲଙ୍କ ପୁଅ ଅହାନଙ୍କ ବିଷୟରେ କହିଲେ, ସେ ପୂର୍ବରୁ ଅଭିନେତ୍ରୀ ତାନ୍ୟା ଶ୍ରଫ୍‌ଙ୍କୁ ଡେଟ୍ କରିଥିଲେ। ବ୍ରେକ୍‌ଅପ୍ ପରେ ସେ ଏକୁଟିଆ ହୋଇଯାଇଥିଲେ। ଏବେ କିନ୍ତୁ ପୁଣି ତାଙ୍କ ପ୍ରେମର ଗାଡ଼ି ଷ୍ଟେଶନ ଛାଡ଼ିଛି। ଅହାନ ବଲିଉଡ୍ ଜଗତର ପରିଚିତ ପରିବାରରୁ ଆସିଥିବା ବେଳେ ଜିୟା ଅଭିନୟରେ ବେଶ ନାଁ କମାଇଛନ୍ତି। ଅନେକ ଲୋକପ୍ରିୟ ଧାରାବାହିକ ବ୍ୟତୀତ 'ବିଗ୍ ବସ୍ ଓଟିଟି ୨'ରେ ସେ ନଜରକୁ ଆସିଥିଲେ। ସେତେବେଳେ ତାଙ୍କ ନାମ ଅଭିଷେକ ମଲହାନଙ୍କ ସହ ଯୋଡ଼ା ଯାଇଥିଲା। ମାତ୍ର ଦୁହେଁ ପରସ୍ପରକୁ ଭଲ ବନ୍ଧୁ କହି ଆଲୋଚନାକୁ ଏଡ଼ାଇ ଯାଇଥିଲେ। ଏବେ ଜିୟା ତାଙ୍କ ମନର ମଣିଷ ପାଇଥିବା ଚର୍ଚ୍ଚା ଜୋର ଧରିଛି।

### ସୁପରଫିଟ୍ ଜେଜେ ମା'





କାନ୍‌ବେରା

ଆଜିକାଲି ବ୍ୟସ୍ତବହୁଳ ଜୀବନରେ ନିଜକୁ ଫିଟ୍ ରଖିବା କଷ୍ଟକର ବ୍ୟାପାର। କିନ୍ତୁ ଅଷ୍ଟ୍ରେଲିଆର ଜଣେ ଜେଜେ ମା' ୬୫ ବର୍ଷ ବୟସରେ ମଧ୍ୟ ନିଜକୁ ସୁପରଫିଟ୍ ରଖିଛନ୍ତି। ତାଙ୍କ ଆକର୍ଷଣୀୟ ଚେହେରା ସହ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଛନ୍ତି। ଏହି ବୟସ୍କା ମହିଳାଙ୍କ ଟୋଣ୍ଡ ଶରୀର ଏବଂ ବଜାୟ ଥିବା ଫିଗରକୁ ଦେଖି କେହି ଅନୁମାନ କରିବେ ନାହିଁ ଯେ, ତାଙ୍କର ୨୦ ବର୍ଷ ବୟସ୍କା ନାତୁଣୀ ଅଛନ୍ତି। ମେଲବୋର୍ଣ୍ଣର ଲେସଲି ମ୍ୟାକ୍ସୱେଲଙ୍କ ଅବିଶ୍ୱସନୀୟ ଫିଟନେସ୍ ସମସ୍ତଙ୍କ ପାଇ ପ୍ରେରଣାର ଉତ୍ସ। ଏହି ସୁପରଫିଟ ଜେଜେ ମା' ତାଙ୍କ ନାତୁଣୀ, ଟିୟା କ୍ରିଷ୍ଟୋଫିଙ୍କ ସହିତ ବ୍ୟାୟାମ କରିବାକୁ ଭଲ ପାଆନ୍ତି, ଏବଂ ତାଙ୍କର ଯୁବା ଲୁକ ପ୍ରାୟତଃ ଯୁବକମାନଙ୍କୁ ବିସ୍ମିତ କରିଦିଏ

ସେ ସମ୍ପ୍ରତି ତାଙ୍କର ଅବିଶ୍ୱସନୀୟ ପରିବର୍ତ୍ତନର ରହସ୍ୟ ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ଲେସଲି ପ୍ରକାଶ କରିଛନ୍ତି, ସେ ଏକ ହାଇ-ପ୍ରୋଟିନ, ହାଇ ଡାଏଟ ଅନୁସରଣ କରୁଛନ୍ତି ଏବଂ ଏହା ପ୍ରକୃତରେ କାମ କରୁଛି। ପେଶାରେ ଜଣେ ଫିଟନେସ ପ୍ରଶିକ୍ଷକ ଲେସଲି, ଦୀର୍ଘ ସମୟ ଧରି ଭୋକରେ ରହିବା ପରିବର୍ତ୍ତେ ନିୟମିତ ଭାବରେ ଖାଇବାକୁ ପରାମର୍ଶ ଦିଅନ୍ତି। ସେ ବିଶ୍ୱାସ କରନ୍ତି ଯେ, ଏହା ମହିଳାମାନଙ୍କୁ ଶକ୍ତିଶାଳୀ, ପତଳା ଏବଂ ଶକ୍ତିଶାଳୀ ରହିବାରେ ସାହାଯ୍ୟ କରେ। ସେ ଚାହାଁନ୍ତି ଯେ ଲୋକମାନେ ପ୍ରେରଣା ପାଆନ୍ତୁ।

ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୯/୨୦୨୫ | Bhubaneswar, Sunday, November 9/2025




ନୂଆପଡ଼ା ଏକତାଛକରେ ଶନିବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଶାଳ ରୋଡ୍ ଶୋ'।

# ମୁନିରଙ୍କ କ୍ଷମତା ବୃଦ୍ଧିକୁ କ୍ୟାବିନେଟ ମଞ୍ଜୁରୀ

**ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ଅଧିକ କ୍ଷମତା ପ୍ରଦାନ ସମ୍ପର୍କିତ ପ୍ରସ୍ତାବକୁ ଶନିବାର ଶେହବାଜ୍ ଶରିଫ୍ ସରକାରଙ୍କ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ୨୭ତମ ସମ୍ବିଧାନ ପ୍ରସ୍ତାବ ଅନୁଯାୟୀ ଅନୁଚ୍ଛେଦ ୨୪୩ରେ ପରିବର୍ତ୍ତନ କରାଯିବ। ଏସଂକ୍ରାନ୍ତ ପ୍ରସ୍ତାବ ଉଚ୍ଚସଦନ ସିନେଟରେ ଆଗତ କରାଯାଇଛି, ଯାହା ଉପରେ ରବିବାର ଆଲୋଚନା ହେବ। ଏହା ଗୃହୀତ ହେଲେ ମୁନିର ଆହୁରି ଶକ୍ତିଶାଳୀ ହୋଇ ଉଭାହେବେ, ଯାହାକି ଭାରତ ପାଇଁ ବିପଦ ହୋଇପାରେ ବୋଲି ମନେକରାଯାଉଛି।**

- **ପାକିସ୍ତାନ ଆଣିଲା ସମ୍ବିଧାନ ସଂଶୋଧନ ବିଲ୍**
- **ସୃଷ୍ଟିହେବ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ ପଦବୀ**



ଫିଲ୍ଡ ମାର୍ଶଲ ଆସିମ୍ ମୁନିର

ଇସ୍‌ଲାମାବାଦ, ୮।୧୧ (ପି.ଟି./ ଏଜେନ୍ସି)

ଭାରତ ସହ ସଂକ୍ଷିପ୍ତ ସାମରିକ ସଂଘର୍ଷର ୬ ମାସ ପରେ ପାକିସ୍ତାନ ଏହାର ସାମରିକ କମାଣ୍ଡ ଢାଞ୍ଚାରେ ବଡ଼ଧରଣର ସାମ୍ବିଧାନିକ ପରିବର୍ତ୍ତନ କରିବାକୁ ଯାଉଛି। ସ୍ଥଳସେନା, ନୌସେନା ଏବଂ ବାୟୁସେନାର ଏକକ କମାଣ୍ଡ ପାଇଁ ଏକ ଶକ୍ତିଶାଳୀ ପଦବୀ ସୃଷ୍ଟି କରିବା ପାଇଁ ପାକ୍ ସରକାର ଶନିବାର ସମ୍ବିଧାନ ସଂଶୋଧନ ବିଲ୍ ଆଣିଛନ୍ତି। ଏହି ସଂଶୋଧନ ଦ୍ୱାରା ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କ କ୍ଷମତା ବଢ଼ିବା ସହ ସରକାରଙ୍କ କ୍ଷମତା ସଙ୍କୁଚିତ ହେବାକୁ ଯାଉଛି।

ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ ବା ପ୍ରତିରକ୍ଷା ବଳ ମୁଖ୍ୟ ପଦବୀ ସୃଷ୍ଟି କରିବା ପାଇଁ ପାକ୍ ପାର୍ଲାମେଣ୍ଟରେ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ ହୋଇଛି। ସଶସ୍ତ୍ର ବଳ ଓ ଅନ୍ୟାନ୍ୟ ପ୍ରସଙ୍ଗ ସହ ଜଡ଼ିତ ସମ୍ବିଧାନର ଅନୁଚ୍ଛେଦ ୨୪୩ରେ ପରିବର୍ତ୍ତନ ଉକ୍ତ ବିଲ୍‌ର ଉଦ୍ଦେଶ୍ୟ। ସଂଶୋଧିତ ବିଲ୍ ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ରାଷ୍ଟ୍ରପତି ଦେଶର ସେନାମୁଖ୍ୟ ଏବଂ ପ୍ରତିରକ୍ଷା ବଳ ମୁଖ୍ୟଙ୍କୁ ନିଯୁକ୍ତି ପ୍ରଦାନ କରିବେ। ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ତଥା ଚିଫ୍ ଅଫ୍ ଡିଫେନ୍ସ ଫୋର୍ସ ପ୍ରଧାନମନ୍ତ୍ରୀଙ୍କ ସହ ପରାମର୍ଶ କରି ନ୍ୟାଶନାଲ ଷ୍ଟ୍ରାଟେଜିକ୍ କମାଣ୍ଡ ମୁଖ୍ୟଙ୍କୁ ନିଯୁକ୍ତି ଦେବେ। ନ୍ୟାଶନାଲ ଷ୍ଟ୍ରାଟେଜିକ୍ କମାଣ୍ଡ ପାକ୍ ସେନାରୁ ହିଁ ହେବେ।

ଏଥିସହିତ ସରକାର ସଶସ୍ତ୍ର ବଳର ଅଧିକାରୀମାନଙ୍କୁ ଫିଲ୍ଡ ମାର୍ଶାଲ, ମାର୍ଶାଲ ଅଫ୍ ଦି ଏୟାର ଫୋର୍ସ ଏବଂ ଆଡମିରାଲ ଅଫ୍ ଦି ଫ୍ଲିଟ୍ ପଦବୀକୁ ପଦୋନ୍ନତି ଦେଇପାରିବେ। ଫିଲ୍ଡ ମାର୍ଶାଲଙ୍କ ପାହ୍ୟା ଏବଂ ବିଶେଷ ଅଧିକାର ଜୀବନବ୍ୟାପୀ, ଅର୍ଥାତ୍ ସେ ବଞ୍ଚିଥିବା ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିବେ। ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ କମିଟିର ଅଧ୍ୟକ୍ଷ ପଦବୀ ସମୟସୀମା ଆସନ୍ତା ୨୭ ତରିଖରେ ଶେଷ ହୋଇଯିବ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନର ସଂଘର୍ଷରୁ ମିଳିଥିବା ଶିକ୍ଷା ଇସ୍‌ଲାମାବାଦକୁ ଏଭଳି ପଦକ୍ଷେପ ନେବାକୁ ବାଧ କରିଛି। ଏଥିସହିତ ଆଧୁନିକ ଯୁଦ୍ଧାସ୍ତ୍ରର କ୍ରମବିକାଶ ସମନ୍ୱିତ ଭାବେ ତ୍ୱରିତ୍ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରୁଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ଜବାବ ଦେବାକୁ ଯାଇ ଭାରତ ମେ' ୭ରେ ପାକିସ୍ତାନ ନିୟନ୍ତ୍ରଣରେ ଥିବା ଆତଙ୍କବାଦୀ ଭିତ୍ତିଭୂମିଗୁଡ଼ିକୁ ଟାର୍ଗେଟ କରିଥିଲା। ପାକିସ୍ତାନ ଏହାର ଜବାବ ଦେବାରୁ ୪ ଦିନ ଧରି ସାମରିକ ସଂଘର୍ଷ ଲାଗି ରହିଥିଲା। ମେ' ୧୦ରେ ଦୁଇ ଦେଶର ସେନା ☞ପୃଷ୍ଠା-୪

# ନୂଆପଡ଼ାର ଆଦିବାସୀ ଅବହେଳିତ: ମୁଖ୍ୟମନ୍ତ୍ରୀ

- **୧୨ କି.ମି.ର ବିଶାଳ ରୋଡ୍ ଶୋ**
- **ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଲେ ମୋହନ**

ନୂଆପଡ଼ା,୮।୧୧ (ପୀତାମ୍ବର ସାହୁ/ମକାରୁ ବେମାଲ)

ମୁଁ ଜଣେ ଆଦିବାସୀ। ନୂଆପଡ଼ାକୁ ଆସିବା ଅବସରରେ ଉପାନ୍ତ ସୁନାବେଡ଼ା ଯାଇ ସେଠାକାର ଆଦିବାସୀ ମା'ଭଉଣୀଙ୍କୁ ଭେଟିଥିଲି। ଏଠାରେ ଲୋକେ ଅନେକ ସମସ୍ୟା ଭିତରେ ଅଛନ୍ତି। ଆଦିବାସୀ ଜନଜାତି ଅବହେଳାର ଶିକାର ହୋଇଛନ୍ତି। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ କୌଣସି ମୁଖ୍ୟମନ୍ତ୍ରୀଙ୍କ ପାଦ ଏଠାରେ ପଡ଼ିପାରି ନ ଥିଲା। ମୁଁ ଆଜିକୁ ମିଶାଇ ୬ଥର ନୂଆପଡ଼ା ଆସିଛି। ମୁଁ ଆଦିବାସୀ ଭଉଣୀ ଭାଇଙ୍କ ସହ ମିଶି ସେମାନଙ୍କ ସମସ୍ୟା ଶୁଣିବି ବୋଲି ଆସିଛି। ସୁନାବେଡ଼ା ଅଞ୍ଚଳରେ ପିଇବା ପାଣି ଭଳି ଅନେକ ସମସ୍ୟା ରହିଛି। କେତେକଙ୍କ ରାଶନ କାର୍ଡ ନାହିଁ, ଘରକୁ ବିଜୁଳି ନାହିଁ, କେତେକ ଗାଁକୁ ପକ୍କା ରାସ୍ତା ମଧ୍ୟ ନାହିଁ। ଏହାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି ଶନିବାର ପ୍ରଚାର ପାଇଁ ନୂଆପଡ଼ା ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ ପ୍ରଚାର ଅବସରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ନବୀନ ବାବୁ ଏଠାକୁ ପ୍ରଚାର କରିବାକୁ ଆସି ଅନେକ କଥା କହିଥିଲେ। ତାଙ୍କ ଦଳ ଦୀର୍ଘ ୨୪ ବର୍ଷ ଧରି ଶାସନରେ ରହିଥିଲା। ଆମେ ତାଙ୍କଠୁ ଅନେକ କିଛି ଆଶା କରିଥିଲୁ। ମାତ୍ର ସେ ଆମର ଭାବନାକୁ ବୁଝିପାରିଲେ ନାହିଁ। ସେ ନୂଆପଡ଼ାରୁ ଜଣେ ମହିଳା କିମ୍ବା ଅନ୍ୟ କାହାକୁ ପ୍ରାର୍ଥୀ ନ କରି ଅନ୍ୟ ଜିଲାରୁ ପ୍ରାର୍ଥୀ କରିଛନ୍ତି। ତାଙ୍କ ସହିତ ତାଙ୍କ ଦଳର ବିଧାୟକମାନେ ଭେଟ ହୋଇପାରନ୍ତି ନାହିଁ। ଏଠାକାର ଲୋକପ୍ରିୟ ନେତା ରାଜେନ୍ଦ୍ର ଢୋଲକିଆ ମଧ୍ୟ ତାଙ୍କୁ ଭେଟିପାରୁ ନ ଥିଲେ। ତେଣୁ ତାଙ୍କ ପରିବାର ଲୋକେ ଭାଜପାରେ ମିଶି ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରା ଓ ବିକାଶରେ ଅନୁପ୍ରାଣିତ ହୋଇଥିଲେ। ଏବେ ଆପଣମାନେ ଜୟ ଢୋଲକିଆଙ୍କୁ ଭୋଟ ଦେଇ ବିଜୟୀ କରନ୍ତୁ, ଆମେ ମିଶି ନୂଆପଡ଼ାର ବିକାଶ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନୂଆପଡ଼ାର ଉପାନ୍ତ ଅଞ୍ଚଳ ସୁନାବେଡ଼ା ଯାଇ ସେଠାକାର ଅଧିଷ୍ଠାତ୍ରୀ ଦେବୀ ସୁନଦେଈଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେଇ ବିଜୟୀ କରାଇବାକୁ କହିଥିଲେ। ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଆସି ସ୍ଥାନୀୟ ସର୍କିଟ ହାଉସଠାରୁ ଏକ ବିଶାଳ ରୋଡ୍ ଶୋ'ରେ ବାହାରିଥିଲେ। ଏହି ଅବସରରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନେତୃତ୍ୱର ବିଜୟ**

**ଆଜିର ମନ୍ତବ୍ୟ**

"ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତଙ୍କ ନିକଟରେ ନ୍ୟାୟ ପହଞ୍ଚାଇପାରିଲେ ସାମାଜିକ ନ୍ୟାୟ ସୁନିଶ୍ଚିତ ହୋଇପାରିବ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ୧ରୁ ସଂସଦର ଶୀତ ଅଧିବେଶନ

**ଉଠିପାରେ ଏସ୍‌ଆଇଆର୍, ଟ୍ରମ୍ପ୍ ଝଡ଼**

ନୂଆଦିଲ୍ଲୀ, ୮।୧୧(ପି.ଟି./ ଏଜେନ୍ସି)

ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୧ରେ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶନିବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଛନ୍ତି। ଶୀତ ଅଧିବେଶନ ସମ୍ପର୍କିତ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିଛନ୍ତି। ଏହି ଅଧିବେଶନ ଗଠନମୂଳକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହେବା ସହ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି 'X'ରେ ରିଜିଜୁ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଏହାକୁ ଅସ୍ୱାଭାବିକ ବିଳମ୍ବିତ ଓ କାଣ୍ଟଛାଟ କରାଯାଇଥିବା ଅଧିବେଶନ କହି ☞ପୃଷ୍ଠା-୪

# ଗୁଣ୍ଡିଚା ମନ୍ଦିର ଦଳାଚକଟା: ୭ ପୋଲିସ ଦାୟୀ

**କାର୍ଯ୍ୟାନୁଷ୍ଠାନ ସୁପାରିସ କଲେ ଉନ୍ନୟନ କମିଶନର**

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଓ ରଥ ସମ୍ମୁଖରେ ଦଳାଚକଡ଼ା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯେଉଁଥିରେ ୩ ଭକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ରୁ ଅଧିକ ଆହତ ହୋଇଥିଲେ। ଉକ୍ତ ଘଟଣାରେ ରାଜ୍ୟ ସରକାର ସମାଲୋଚିତ ହୋଇଥିଲେ। ଫଳରେ ମୁଖ୍ୟମନ୍ତ୍ରୀ ଘଟଣାର ଦାୟିତ୍ୱ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନେତୃତ୍ୱରେ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ମାସେବ୍ୟାପୀ ତଦନ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ଡିଜିଙ୍କୁ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ସଚିବ ସୌମେନ୍ଦ୍ର ପାତ୍ର ଚିଠି ଲେଖିଛନ୍ତି।

ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟା ଘଟଣା ପାଇଁ ୭ଜଣ ପୋଲିସ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଏଭଳି ଦୁଃଖଦ ଘଟଣା ଘଟିଥିବା ଉନ୍ନୟନ କମିଶନର ଅନୁ ଗର୍ଗ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ତେଣୁ ଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣାରେ ୭ ପୋଲିସ୍ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ପୋଲିସ ଡିଜିଙ୍କୁ ରିପୋର୍ଟ ଦିଆଯାଇଛି। ଡିଜିପିଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟରେ ଅବହେଳା ନେଇ ୭ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। ଏହି ଅଧିକାରୀମାନେ ହେଲେ କୋରାପୁଟରେ କାର୍ଯ୍ୟରତ ଓଏସ୍ଏପି କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ, କମିଶନରେଟ ପୋଲିସର ହେଡ୍ କ୍ୱାର୍ଟର୍ସ ଡିସିପି ବିଷ୍ଣୁପ୍ରସାଦ ପତି, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ, ଡେପୁଟି କମାଣ୍ଡାଣ୍ଟ କେ.କେ. ନାୟକ, ପୁରୀ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଓ ଓଏସ୍ଏଫ୍ ୮ମ ବାଟାଲିୟନ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କ ନାମ ରହିଛି।


ସୂଚନାଯୋଗ୍ୟ, ଗତ ଜୁନ୍ ୨୯ ତାରିଖ ଭୋର ସମୟରେ ଗୁଣ୍ଡିଚାମନ୍ଦିର ସମ୍ମୁଖରେ ଦଳାଚକଟା ହୋଇଥିଲା। ଏଥିରେ ୩ଜଣ ମୃତ୍ୟୁବରଣ କରିବା ସହ ଅନେକ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ରାଜ୍ୟ ସରକାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବା ସହ ତଦନ୍ତ ଦାୟିତ୍ୱ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ଦାୟିତ୍ୱ ଦେଇଥିଲେ। ଏକ ମାସ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା। ସେହିପରି ତତ୍କାଳୀନ ଜିଲାପାଳ ଏବଂ ଏସ୍‌ପିଙ୍କୁ ବଦଳି କରାଯାଇଥିଲା। ମୃତକଙ୍କ ପରିବାର ଲୋକଙ୍କୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା।

# ଅନ୍ଧବିଶ୍ୱାସ: ଭୂତ ଛଡ଼ାଇବାକୁ ଯୁବତୀଙ୍କୁ ଜବରଦସ୍ତି ମଦ, ବିଡ଼ି ପିଆଇଲେ

କୋଟ୍ଟାୟମ୍,୮।୧୧

ଦେହରେ ଭୂତ ସବାର ହୋଇଛି କହି ତାକୁ ଘଉଡ଼ାଇବା ପାଇଁ ଯୁବତୀଙ୍କୁ ଜୋର୍‌ଜବରଦସ୍ତ ମଦ ଓ ବିଡ଼ି ପିଆଇଛନ୍ତି ଗ୍ରାମବାସୀ। ଏପରି କି କଳାଯାଦୁ ନାମରେ ତାଙ୍କୁ ଅନେକ ଘଣ୍ଟା ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଛନ୍ତି। କେରଳର କୋଟ୍ଟାୟମ ଜିଲାରେ ଘଟିଥିବା ଏହି ଘଟଣା ସମ୍ପର୍କରେ ଶନିବାର ସ୍ଥାନୀୟ ପୋଲିସ ସୂଚନା ଦେଇଛି।

ଗତ ସପ୍ତାହରେ ଯୁବତୀ ଜଣକ ତାଙ୍କ ପୁରୁଷବନ୍ଧୁ ଘରକୁ ଯାଇଥିଲେ। ପୁରୁଷବନ୍ଧୁଙ୍କ ମା' ଯୁବତୀଙ୍କ ଶରୀରରେ ସମ୍ପର୍କୀୟଙ୍କ ଭୂତ ଚଢ଼ିଥିବା କହି ଜଣେ ଗୁଣିଆଙ୍କୁ ଡାକିଥିଲେ। ଗୁଣିଆ ଯୁବତୀଙ୍କ ଦେହରୁ ଭୂତ ଛଡ଼ାଇବା ପାଇଁ ପୂର୍ବାହ୍ନ ୧୧ଟାରୁ ରାତି ପର୍ଯ୍ୟନ୍ତ ଅନେକ ଘଣ୍ଟା ଧରି ତାଙ୍କୁ ନିର୍ଯାତନା ଦେଇଥିଲେ। ସେ ଯୁବତୀଙ୍କୁ ଜବରଦସ୍ତ ମଦ ଓ ବିଡ଼ି ପିଆଇବା ସହ ପବିତ୍ର ଭସ୍ମ (ପାଉଁଶ) ଖୁଆଇଥିଲେ। ଯୁବତୀଙ୍କ ମାନସିକ ଅବସ୍ଥା ଖରାପ ହେବାରୁ ସେ ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କ ବାପା ଏନେଇ ଶୁକ୍ରବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଗୁଣିଆ ଶିବ ଦାସ(୫୪), ଯୁବତୀଙ୍କ ପୁରୁଷବନ୍ଧୁ ଅଖିଳ ଦାସ(୨୬) ଓ ତାଙ୍କ ୫୪ ବର୍ଷୀୟ ବାପାଙ୍କୁ ପୋଲିସ ଗିରଫ କରି କୋର୍ଟରେ ହାଜର କରିଛି। ପୁରୁଷବନ୍ଧୁଙ୍କ ମା' ଫେରାର ଅଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- 'ଆ କା ମା-ବିଜ୍ ବଜ୍ ସୋଇରି' ବିଜନେସ୍ କାର୍ନିଭାଲ, ସ୍ଥାନ: ଆର୍‌ସିଏମ୍ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା।
- ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ଗୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ମେଡିକାଲ ଛକ, ବାରଙ୍ଗ, ସମୟ: ଅପରାହ୍ନ୫ଟା।

## କଟକ
- ନୀଳାଚଳ ସାରସ୍ୱତ ସଂଘ ବଡ଼ମ୍ବା ଶାଖାର ୫୪ତମ ବାର୍ଷିକ ଉତ୍ସବ, ସ୍ଥାନ: ନିଗମ ନିକେତନ, ବଡ଼ମ୍ବା, ସମୟ: ପ୍ରାତଃ ୫ଟା।

## ବାଲେଶ୍ୱର
- ସାଇବର ସୁରକ୍ଷା ସମ୍ପର୍କିତ ସାଇକ୍ଲୋଥନ୍, ସ୍ଥାନ: ପୋଲିସ ଲାଇନ ଛକ, ବାଲେଶ୍ୱର, ସମୟ: ସକାଳ ୬ଟା ୩୦।
- ଆର୍‌ଏସ୍‌ଏସ୍ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ସରକାରୀ ଆଇଟିଆଇ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ, ଭୋଇସାହି, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ରାମ ମନ୍ଦିରରେ ସୀତା ବିବାହ କାର୍ଯ୍ୟକ୍ରମ, ସ୍ଥାନ: ବାଇପୁର, ବନ୍ତ, ସମୟ: ସକାଳ ୭ଟା।
- ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଲକ୍ଷ୍ମୀନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ବନସର କଲ୍ୟାଣୀ, ଧାମନଗର, ସମୟ: ସକାଳ ୮ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ, ସ୍ଥାନ: ଭଦ୍ରକ କଲେଜ, ସମୟ: ସକାଳ ୯ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଯଶୋଦା ସେନାପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଜଗନ୍ନାଥପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବାଦୀପାଲା ଓ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଷେଣ୍ଡପୁର, ଧାମନଗର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଜାତୀୟ ଆଇନ ସେବା ଦିବସ ପାଳନ, ସ୍ଥାନ: ବାରିପଦା ଡିଗ୍ରୀ କଲେଜ ବାରିପଦା, ସମୟ: ସକାଳ ୮ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ସକାଳ ୯ଟା।
- ବାର୍ଷିକ ଉତ୍ସବ 'ୟୁଫୋନୀ'ର ଉଦ୍‌ଯାପନୀ ଦିବସ, ସ୍ଥାନ: ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ବାରିପଦା, ସମୟ: ଅପରାହ୍ନ ୪ଟା।
- ସ୍ୱର୍ଣ୍ଣଲତା କଲେଜ ଅଫ୍ ମେଡିକାଲ ସାଇନ୍ସର ୫ମ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ କ୍ୟାମ୍ପସ, ପୁରୁଣା ବାରିପଦା, ଗୋପବନ୍ଧୁନଗର, ସମୟ: ଅପରାହ୍ନ ୫ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।
- ଓଲିଉଡ ନାଇଟସ୍ ଅସୀମା ପଣ୍ଡା ଆଣ୍ଡ ଗ୍ରୁପ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭପୁର ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଆଲ୍‌ଫା କପ୍, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ ଟା।
- ଆଇସିଏଚଆର ପକ୍ଷରୁ ଜାତୀୟ କର୍ମଶାଳା, ସ୍ଥାନ: ବିନାୟକ ଆଚାର୍ଯ୍ୟ ସରକାରୀ କଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଢେଙ୍କାନାଳ
- ସାଇ ସତ୍ୟ ନାରାୟଣ ବ୍ରତ ପୂଜା, ସ୍ଥାନ: ଶ୍ରୀରାମ ମଣ୍ଡପ ପରିସର, ସମୟ: ସକାଳ ୮ଟା୩୦।
- ସଂସଦ ଖେଳ ଅଭିଯାନ, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ, କାମାକ୍ଷାନଗର, ସମୟ: ସକାଳ ୯ଟା।
- ଥିଙ୍କର୍ସ ଫୋରମର ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ପରଜଙ୍ଗ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ପରଜଙ୍ଗ ବଜାର, ସମୟ: ପୂର୍ବାହ୍ନ ୧୦ ଟା।

## ଅନୁଗୋଳ
- ଟ୍ରାକ୍ଟର ମାଲିକ ସଂଘ ବୈଠକ, ସ୍ଥାନ : ଆଠମଲ୍ଲିକ ରାସ ମଣ୍ଡପ, ସମୟ : ଅପରାହ୍ନ ୫ ଟା।

## ଜଗତ୍‌ସିଂହପୁର
- କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଅନନ୍ୟା ନନ୍ଦଙ୍କ ମ୍ୟୁଜିକାଲ ନାଇଟ୍, ସ୍ଥାନ: କଳିଙ୍ଗ ବାଲିଯାତ୍ରା ମଞ୍ଚ, ବତୀଘର ପାଖ ପାରାଦୀପ, ସମୟ: ରାତି ୯ ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଇଁ ଏନ୍‌ସିସି ଆଲମୋନି ଆସୋସିଏଶନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜହଙ୍ଗର, ଲକ୍ଷ୍ମୀନାରାୟଣପୁର, ଡେରାବିଶ, ସମୟ: ସକାଳ ୯ଟା।
- ଆମ ଗାଁ ସାହିତ୍ୟ ପରିଷଦର ସାରସ୍ୱତ କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜାଯୋବ, ସ୍ଥାନ: ପିତାପଲ୍ଲୀ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡ଼ା ସହର, ଲୁଣାନଦୀ ତଟ, କଳପଡ଼ା, କେନ୍ଦ୍ରାପଡ଼ା, ମା' ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମା' ରାମଚଣ୍ଡୀ ଭାଗବତ ଆଶ୍ରମ, କୋଚିଲା ଭାଗବତ ପୀଠ, ଧ୍ୟାନ ଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା, ଶାସନୀପଡ଼ା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ: ସନ୍ଧ୍ୟା ୭ଟା।
- ପୁରାତନ ଛାତ୍ର ସଂଘ ପକ୍ଷରୁ ଗୁରୁ ପୂଜନ ସମାରୋହ, ସ୍ଥାନ:ମାଣ୍ଡିଆ ରାଘବପୁର ଉଚ୍ଚ ବିଦ୍ୟାଳୟ, ମାର୍ଶାଘାଇ, ସମୟ:ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନିଖିଳ ଉତ୍କଳ କଂସାରୀ ସମାଜର ମହାସଭା, ସ୍ଥାନ:କଣ୍ଟିଲୋ, ସମୟ:ପୂର୍ବାହ୍ନ ୯ଟା।
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ୟୁପି ସ୍କୁଲ, ସମୟ:ପୂର୍ବାହ୍ନ ୯ଟା।
- ନୀଳମାଧବ ବିଦ୍ୟାପୀଠ କଣ୍ଟିଲୋର ୧୯୭୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ, ସ୍ଥାନ:ଭାପୁର ବ୍ଲକ ପଥରଚକଡା ନିକଟସ୍ଥ ନାରାୟଣୀ ମନ୍ଦିରର ନିରୁପମା ନିବାସ, ସମୟ:ପୂର୍ବାହ୍ନ ୧୦ଟା।
- ବାବା ବଳିଆଙ୍କ ହରି କଥାମୃତର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବଡବାଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ:ସଂଧ୍ୟା ୬ଟା।

## ରାୟଗଡ଼ା
- ଜାତୀୟ ଆଇନସେବା ଦିବସ, ସ୍ଥାନ: ସିଭିଲ କୋର୍ଟ ପରିସର, ରାୟଗଡ଼ା, ସମୟ: ସକାଳ ୮ଟା ୩୦।
- ଜାତୀୟ ଆଇନ ସହାୟତା ଦିବସ ପାଳନ, ସ୍ଥାନ: ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ନାଇରା, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ରାହ୍ମଣ ସମାଜ ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗୁଡାରି, ସମୟ: ଅପରାହ୍ନ ୩ଟା।

## ନବରଙ୍ଗପୁର
- ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ନବରଙ୍ଗପୁର ଥାନା, ସମୟ: ପୂର୍ବାହ୍ନ ୧୧ଟା।
- ସନମୁଗା ପାତ୍ର, ପ୍ରଭାକର ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ:କୃଷିଗ୍ରାମ, ସରୁଗୁଡ଼ା, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ରାଜ୍ୟସ୍ତରୀୟ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ:ସକାଳ ୯ଟା।

## ସମ୍ବଲପୁର
- ୟଙ୍ଗ ବଏଜ ଆସୋସିଏଶନ ପକ୍ଷରୁ ତୃତୀୟ ସହୀଦ କୁଞ୍ଜଲ ସିଂ ସ୍ମାରକୀ ଆନ୍ତଃକ୍ଲବ ବାଳକ କବାଡି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାଲିବନ୍ଧା ନିକଟସ୍ଥ ବ୍ରଜମୋହନ ପାର୍କ, ସମୟ : ସକାଳ ୮ଟା।
- ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୬୯ତମ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ : ପୂର୍ବାହ୍ନ ୧୧ଟା।
- ଡକ୍ଟର ହାଡିବନ୍ଧୁ ମିର୍ଦ୍ଧା ସ୍ମୃତି ସମିତି ପକ୍ଷରୁ ପୁସ୍ତକ ସମୀକ୍ଷା ସଭା ହୃଦ୍ୟ ହାଡିବନ୍ଧୁ କାର୍ଯ୍ୟକ୍ରମ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ଶିଳା ଟାୱାର ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଜିଗଜାଗ କ୍ଲବ ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ ଉପଲକ୍ଷେ ଗୀତ ଓ ନୃତ୍ୟ ପ୍ରତିଯୋଗୀତା, ସ୍ଥାନ : ହାରାକୁଦ ଜିଗଜାଗ କ୍ଲବ ପରିସର, ସମୟ : ଅପରାହ୍ନ ୫ଟା।
- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ, ଟିନ ଓ ଲିଟିଲ ମାଷ୍ଟର, ଟିନ -୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା ୩୦।

## ରାଉରକେଲା
- ସାଇବର ସୁରକ୍ଷା ଅଭିଯାନ ପାଇଁ ୱାକାଥନ୍, ସ୍ଥାନ: ଛେଣ୍ଡ ଛକରୁ ଉଦିତନଗର ଫିଟନେସ୍ ପାର୍କ, ସମୟ: ସକାଳ ୭ଟା ୩୦।
- ଆଦର୍ଶ ଯୁବ ପରିଷଦ ପକ୍ଷରୁ ଶିଶୁ ମହୋତ୍ସବ--୨୦୨୫, ସ୍ଥାନ: ସେକ୍ଟର-୭, ସମୟ: ସକାଳ ୮ଟା।
- ଗୁରୁନାନକ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ, ସ୍ଥାନ: ନୟାବଜାର, ସେକ୍ଟର--୨୧, ସମୟ: ସକାଳ ୯ଟା।
- ବାସନ୍ତୀ ପାଠାଗାରରେ ଯୋଗ ଶିବିର ଓ ହୋମଯଜ୍ଞ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଇନୋଭିଜନ୍ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ହୋମ୍ ଆଣ୍ଡ ହୋପ୍‌ର ସଚେତନତା ଶିବିର, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ, ସମୟ: ଅପରାହ୍ନ ୪ଟା।
- ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର, ସ୍ଥାନ: ଗୁରୁନାନକ ପବ୍ଲିକ ସ୍କୁଲ, ସ୍ଥାନ: ସେକ୍ଟର-୨୧, ନୟାବଜାର ସମୟ: ଅପରାହ୍ନ ୪ଟା।
- ଶିଶୁ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୭, ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୫ଟା ୩୦।
- କ୍ରିୟା ଯୋଗ ଧ୍ୟାନକେନ୍ଦ୍ରର ବାର୍ଷିକ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ବ୍ରହ୍ମ କୁମାରୀ ପକ୍ଷରୁ ସକାରାତ୍ମକ ଚିନ୍ତନ ପ୍ରବଚନ, ସ୍ଥାନ: ପ୍ରଭୁ ଉପହାର ଭବନ ରାଜଯୋଗ ଶିକ୍ଷା କେନ୍ଦ୍ର, ଏକତା ନଗର, ସୁନ୍ଦରଗଡ, ସମୟ: ଅପରାହ୍ନ ୫ଟା ରୁ ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ, ସ୍ଥାନ:କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡ, ବରାହଗୋଡା, ବରଗଡ଼, ସମୟ:ସକାଳ ୮ଟା।
- ଡୁମାଳ ପରିଷଦର ବୈଠକ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ଗୋଡ଼ଭଗା, ଅତାବିରା, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ,ସମୟ: ଅପରାହ୍ନ ୪ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଦେବଗଡ଼ ବାଳକ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ସାଇବର ସୁରକ୍ଷା ସଚେତନତା ପାଇଁ ଗଣଦୌଡ, ସ୍ଥାନ: ସୋନପୁର ନଳିନୀ ଛକ, ସମୟ: ସକାଳ ୬ଟା ୩୦।
- ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ବୈଠକ, ସ୍ଥାନ: ବୀରମହାରାଜପୁର ମୈତ୍ରୀ ସଦନ, ସମୟ: ପୂର୍ବାହ୍ନ ୧୦ଟା୩୦।
- ରାମ ଚରିତ ମାନସ ସ୍ୱଧର୍ମ ଚେତନା ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ବିନିକା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସ୍ଥାନ: ସନ୍ଧ୍ୟା ୬ଟା।
- ଗୋକୁଳାଷ୍ଟାମୀ ମହୋତ୍ସବ ଅଧିବାସ, ସ୍ଥାନ: କଂସାରୀ ପଡା, ବିନିକା, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅନୁକୂଳ ଗ୍ରହସ୍ଥିତି କାରଣରୁ ମାନସିକ ସୁସ୍ଥତା ସାଙ୍ଗକୁ ଅର୍ଥ ସମ୍ପଦ ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** ଆଜି ଆପଣଙ୍କ ରାଶିର ଶୁଭତ୍ୱ ବୃଦ୍ଧି ପାଇବା ସହ ଅଭିଳାଷ ପୂରଣ ହୋଇଯିବ। ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ। କିନ୍ତୁ ହଠାତ୍ କୌଣସି ପଦକ୍ଷେପ ନେଲେ ଝାମେଲା ବଢ଼ିଯିବ। ଜମିଜମା କିମ୍ବା କଚେରି ମାମଲା ସମାଧାନ ହୋଇପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳତା ହାସଲ କରିପାରିବେ। ବିନୟପୂର୍ବକ ପାଟି ଖୋଲିଲେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ପୂର୍ବ ସ୍ଥିରୀକୃତ କର୍ମାରମ୍ଭ ପାଇଁ ବାଧ ହେବେ। ଘରକଥା ନେଇ ସ୍ତ୍ରୀଙ୍କ ସହ ଆଲୋଚନା କରିବେ। ଅବଶ୍ୟ ଆପଣଙ୍କ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ବନ୍ଧୁଙ୍କ ଗହଣରେ ଚର୍ଚ୍ଚାର ବିଷୟ ହେବ। ପରିବହନ, ବ୍ୟବସାୟ ଓ ସଙ୍ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ।

**ସିଂହ** ମାନସିକ ଅସ୍ଥିରତା କାରଣରୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟା ବୃଦ୍ଧିର ପୃଷ୍ଠଭୂମି ପାଲଟିଯିବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ। ସନ୍ତାନଙ୍କ କାମ ଲାଗି ଅପମାନିତ ହୋଇପାରନ୍ତି।

**କନ୍ୟା** ଆଜିର ଗ୍ରହସମ୍ପର୍କ ପ୍ରଭାବରେ ଶୁଭ ଖବର ପାଇବେ। ଦିନଟି ଯଦିଓ ପୂର୍ଣ୍ଣତଃ ମନ୍ଦ ନୁହେଁ, ତଥାପି ବୁଝିବିଚାରି କାମ କରନ୍ତୁ, ନଚେତ୍ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୃଙ୍ଖଳା ଉପଦେଶ ଶୁଣି ମନରେ ବିରକ୍ତି ଆସିପାରେ। ବ୍ୟବସାୟ ଓ ନିର୍ମାଣ କାମରୁ ଲାଭବାନ୍ ହେବାର ସୂଚନା ରହିଛି।

**ତୁଳା** ଆଜି ଆର୍ଥିକ ଅଭିବୃଦ୍ଧି ସହ କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ। ପରୋକ୍ଷ ଶତ୍ରୁତା କାରଣରୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟିକ କିମ୍ବା ବିବାଦୀୟ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ। ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପ୍ରତ୍ୟେକ ସ୍ତରରେ ମତାନ୍ତର ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ପରିସ୍ଥିତିରେ ପଡ଼ି ବହୁତ ଟଙ୍କା ଖର୍ଚ୍ଚ କରିବାକୁ ବାଧ ହେବେ।

**ଧନୁ** ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କଲେ ଉପକୃତ ହେବେ। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବାର ସୂଚନା ରହିଛି। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

**ମକର** ଆଜି କୌଣସି କାମ ଅଟକିବ ନାହିଁ। ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ସୁବିଧାରେ ହୋଇଯିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ପରିବାରରେ ସମ୍ମାନଜନକ ସ୍ଥିତିରେ ରହିବେ।

**କୁମ୍ଭ** କଠିନ ଶ୍ରମ ଏବଂ ବିଶ୍ରାମହୀନ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବାର ଆଶା କରାଯାଇପାରେ। ବନ୍ଧୁଙ୍କ ପରାମର୍ଶରେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ହେତୁ ଆଶ୍ୱସ୍ତି ଲଭିବେ।

**ମୀନ** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହିତ ମାନସିକ ସ୍ତରରେ ଖୁସି ଅନୁଭବ କରିବେ। ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ, କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଦୀର୍ଘଦିନରୁ ଚେଷ୍ଟା କରୁଥିବା ଆନୁଷ୍ଠାନିକ କାମରେ ଅବଶ୍ୟ ସଫଳତା ପାଇବେ।

ଆଜି ନଭେମ୍ବର ୯ ତାରିଖ, ଜାତୀୟ ଆଇନ ସେବା ଦିବସ, ମାର୍ଗଶିର କୃଷ୍ଣ ୫ମୀ ରବିବାର, ସୀତା ବିବାହ, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୪୦ ଗତେ ଘ.୦୮।୫୪ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୧ ଗତେ ଘ.୦୫।୦୫ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅତି ଭଲ ନୁହେଁ ଚବର ଚବର,**
**ଅତି ଭଲ ନୁହେଁ ଚୁପ,**
**ଅତି ଭଲ ନୁହେଁ ବର୍ଷା ବାଦଲ,**
**ଅତି ଭଲ ନୁହେଁ ଧୂପ ।**

ଅତିର ବ୍ୟବହାର ଅତ୍ୟନ୍ତ ହାନିକାରକ। ଅତି ସର୍ବତ୍ର ଗର୍ହିତମ। ଅତି ବକ ବକ ହେବା କି ଚୁପ ରହିବା ଯେମିତି ଭଲ ହୋଇ ନ ଥାଏ ସେମିତି ଅତି ବର୍ଷା କି ଖରା ଭଲ ଲାଗି ନ ଥାଏ। ଅତିର ମାତ୍ରା ସବୁବେଳେ ଖରାପ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅନ୍ଧାରକଣା,**
**ରାତି ହେଲେ ହୁଏ ବାଟବଣା।**

ଅନ୍ଧାରକଣା ବ୍ୟକ୍ତିଙ୍କୁ ରାତିରେ ଭଲ ଦିଶି ନ ଥାଏ। ସଞ୍ଜ ନଇଁଲେ ନିଜ ଦୈନନ୍ଦିନ କାର୍ଯ୍ୟ କରିବାରେ ସେମାନେ ଦହଗଞ୍ଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଆପାର୍ଟମେଣ୍ଟ ବାଲ୍‌କୋନି ...

ମାତ୍ର ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଆପାର୍ଟମେଣ୍ଟର ବାଲକୋନି ଦୁର୍ବଳ ହୋଇପଡ଼ିଥିଲା। ବାଲିଯାତ୍ରା ଯିବା ପାଇଁ ସମସ୍ତେ ତତ୍ପର ଥିବାବେଳେ ବସ୍ତିକୁ ଲାଗି ରହିଥିବା ଉକ୍ତ ପୁରୁଣା ଆପାର୍ଟମେଣ୍ଟର ବାଲକୋନୀ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ଆପାର୍ଟମେଣ୍ଟ ନିକଟସ୍ଥ ଆଜବେଷ୍ଟସ୍ ଘର ଭିତରେ ଥିବା ୭ ଜଣଙ୍କ ଉପରେ ବାଲ୍‌କୋନିର କଂକ୍ରିଟ ସବୁ ଅଜାଡ଼ି ହୋଇପଡ଼ିଥିଲା। ସ୍ଥାନୀୟ ଲୋକେ ଖବର ପାଇ ଘଟଣାସ୍ଥଳରୁ ତୁରନ୍ତ ମୁଜହିଦ୍(୪)ଙ୍କୁ ଉଦ୍ଧାର କରି ମେଡିକାଲ ନେଇଯାଇଥିଲେ। ପରେ ଦମକଳ ବାହିନୀ ଅନ୍ୟ ୬ ଜଣଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲା। ମାତ୍ର ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୪ ଜଣ ଏବେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଗଙ୍ଗାଧର ସାହୁଙ୍କ କହିବାନୁସାରେ, ମଣିସାହୁ ଛକରେ ଥିବା ଏହି ଆପାର୍ଟମେଣ୍ଟଟି ପୁରୁଣା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଂକୁଳ ଅବସ୍ଥାରେ ରହିଥିଲା। ଯଦି ଏହାର ଉପଯୁକ୍ତ ଯତ୍ନ ନିଆଯାଇଥାନ୍ତା ତେବେ ଏଭଳି ଅଘଟଣ ଘଟି ୩ଜଣଙ୍କ ଜୀବନ ଯାଇ ନ ଥାନ୍ତା। ଗତ ସେପ୍ଟେମ୍ବର ମାସରେ ଓଡ଼ିଶା ହାଇକୋର୍ଟ କଟକ ସହରରେ ବିପଦଶଙ୍କୁଳ ଅବସ୍ଥାରେ ଥିବା ୨୨୧ଟି ବିଲ୍ଡିଂକୁ ଭାଙ୍ଗିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏସମ୍ପର୍କରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଯଦି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧିକାରୀ ପୂର୍ବରୁ ଏନେଇ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତେ, ତେବେ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ସାହୁ କହିଛନ୍ତି।

## ୧ରୁ ସଂସଦର...

ସମାଲୋଚନା କରିଛନ୍ତି। ସୂଚନାନୁସାରେ ୩ ସପ୍ତାହ ଧରି ଚାଲିବାକୁ ଥିବା ଶୀତକାଳୀନ ଅଧିବେଶନରେ ମୋଟ ୧୫ଟି କାର୍ଯ୍ୟଦିବସ ରହିବ। ବିହାର ବିଧାନସଭା ନିର୍ବାଚନରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଲାଗୁ କରାଯିବା ପରେ ନିର୍ବାଚନ କମିଶନ (ଇସି) ଦ୍ୱିତୀୟ ପର୍ଯ୍ୟାୟରେ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା ଆରମ୍ଭ କରିଛନ୍ତି। କଂଗ୍ରେସ, ଆର୍‌ଜେଡି, ଟିଏମ୍‌ସି, ଡିଏମ୍‌କେ ସମେତ ବିରୋଧୀ ଦଳଗୁଡ଼ିକ ଏସ୍‌ଆଇଆର୍‌କୁ ବିରୋଧ କରିଆସୁଥିବାବେଳେ ଶୀତ ଅଧିବେଶନରେ ସେମାନେ ଏହି ପ୍ରସଙ୍ଗରେ ନିଜ ସ୍ୱରକୁ ଆହୁରି ଶାଣିତ କରିପାରନ୍ତି। ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଓ ପାକିସ୍ତାନକୁ ୨୫୦% ଟାରିଫ୍‌ର ଭୟ ଦେଖାଇ ଦୁଇଦେଶ ମଧ୍ୟରେ ଯୁଦ୍ଧବିରତି କରାଇଥିବା ଦାବି କରୁଛନ୍ତି। ଏପରି କି 'ଅପରେଶନ୍ ସିନ୍ଦୂର' ବେଳେ ୮ଟି ଯୁଦ୍ଧବିମାନ ଖସିଥିବା ସେ କହୁଛନ୍ତି। ଏହାବାଦ୍ ଗତ ଅଗଷ୍ଟ ଶେଷଭାଗରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଟାରିଫ୍ କଷିଛନ୍ତି। ଏହି ସବୁ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ସଂସଦୀୟ କାର୍ଯ୍ୟ ବାଧିତ ହୋଇପାରେ। ଅଧିବେଶନ ତାରିଖ ଘୋଷଣା ମାତ୍ରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ମାତ୍ର ୧୫ ଦିନ କାର୍ଯ୍ୟଦିବସ ରଖି ସରକାର କେଉଁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ଜୟରାମ 'X'ରେ ପ୍ରଶ୍ନ କରିଛନ୍ତି। ସେହିପରି ଟିଏମ୍‌ସି ନେତା ଡେରେକ୍ ଓ'ବ୍ରାଏନ୍ କହିଛନ୍ତି, ସରକାର ପାର୍ଲାମେଣ୍ଟର ସମ୍ମୁଖୀନ ହେବାକୁ ଭୟ କରୁଥିବାରୁ ଶୀତ ଅଧିବେଶନକୁ ୧୫ ଦିନ ଭିତରେ ସୀମିତ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଶୀତ ଅଧିବେଶନ ନଭେମ୍ବର ୨୫ରେ ଆରମ୍ଭ ହୋଇ ଡିସେମ୍ବର ୨୦ରେ ଶେଷ ହୋଇଥିଲା।

## ମୁନିରଙ୍କ କ୍ଷମତା ବୃଦ୍ଧିକୁ ...

ଅଧିକାରୀଙ୍କ ମଧ୍ୟରେ ବୁଝାମଣା ପରେ ଅସ୍ତ୍ରବିରତି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ସଂଘର୍ଷରେ ପାକିସ୍ତାନୀ ସେନାର ଅନ୍ୟୂନ ୧୨ଟି ଯୁଦ୍ଧବିମାନ ଭାରତୀୟ ସେନା ଆକ୍ରମଣରେ ଧ୍ୱଂସ ହୋଇଥିବା ଗତ ମାସରେ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ କହିଥିଲେ। ପାକିସ୍ତାନର ବିଭିନ୍ନ ସାମରିକ ଭିତ୍ତିଭୂମି ଉପରେ ଭାରତୀୟ ସେନା ଜୋର୍‌ଦାର ମିଶାଇଲ୍ ମାଡ଼ କରିବାରୁ ଇସ୍‌ଲାମାବାଦ ଯୁଦ୍ଧ ବନ୍ଦ କରିବାକୁ ନିବେଦନ କରିଥିଲା ବୋଲି ନୂଆଦିଲ୍ଲୀ କହିଆସୁଛି। ଏହି ସଂଘର୍ଷ ପରେ ପରେ ପାକ୍ ସରକାର ସେନାମୁଖ୍ୟ ଆସିମ୍ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ପାହ୍ୟା ପ୍ରଦାନ କରିଥିଲେ। ଦେଶର ଇତିହାସରେ ଏହି ସର୍ବୋଚ୍ଚ ସାମରିକ ଅଧିକାରୀ ପଦବୀ ପାଇବାରେ ମୁନିର ଦ୍ୱିତୀୟ ସେନା ମୁଖ୍ୟ।

୨୭ତମ ସମ୍ବିଧାନ ସଂଶୋଧନ ବିଲ୍‌ରେ ସଂଘୀୟ ସାମ୍ବିଧାନିକ କୋର୍ଟ ପ୍ରତିଷ୍ଠା କରିବା ପ୍ରସ୍ତାବ ରହିଛି। ଏହାଦ୍ୱାରା ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି ପ୍ରକ୍ରିୟା ବଦଳିବା ସହ ପ୍ରାଦେଶିକ କ୍ୟାବିନେଟ୍ ସୀମାରେ ପରିବର୍ତ୍ତନ ହେବ। ଉକ୍ତ ବିଲ୍ କ୍ୟାବିନେଟ ମଞ୍ଜୁରୀ ପାଇବା ପରେ ଆଇନ ମନ୍ତ୍ରୀ ଆଜମ ନାଜିର ତରାର ଏହାକୁ ପାକ୍ ସିନେଟ୍‌ରେ ଆଗତ କରିଛନ୍ତି। ସିନେଟ ଅଧ୍ୟକ୍ଷ ୟୁସୁଫ୍ ରାଜା ଗିଲାନି ଉକ୍ତ ବିଲ୍ ଉପରେ ବିଚାରବିମର୍ଶ ଓ ସମୀକ୍ଷା ପାଇଁ ଏହାକୁ ସ୍ଥାୟୀ ଆଇନ ଓ ନ୍ୟାୟ କମିଟିକୁ ପଠାଇଦେଇଛନ୍ତି। ଏହା ଉପରେ ରବିବାର ବିଚାରବିମର୍ଶ ଓ ଆଲୋଚନା ହେବ।

## ନୂଆପଡ଼ାର ଆଦିବାସୀ ...

ବହୁ ହଜାର ଭାଜପା କର୍ମୀ ଓ ସମର୍ଥକ ରୋଡ ଶୋ'ରେ ସାମିଲ ହୋଇଥିଲେ। ଏହି ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ପାରମ୍ପରିକ ସମ୍ବଲପୁରୀ, ଡାଲଖାଇ, ଘୁମୁରା, ସଙ୍କୀର୍ତ୍ତନ, ମେଲୋଡି, ଆଦିବାସୀ ନୃତ୍ୟ, ଘଣ୍ଟବାଦ୍ୟ, ଦୁଲଦୁଲି ଆଦି ପରିବେଷଣ ହୋଇଥିଲା। ଏହି ଅବସରରେ ସେ ସ୍ଥାନୀୟ ଏକତା ଛକରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଭାଜପାକୁ ଭୋଟ ଦେବାକୁ ନିବେଦନ କରିଥିଲେ ୧୨ କିଲୋମିଟର ଧରି ବିଶାଳ ରୋଡ୍ ଶୋ' ଖରିଆର ରୋଡ୍ ପର୍ଯ୍ୟନ୍ତ କରାଯାଇଥିଲା। ଖରିଆର ରୋଡ୍‌ରେ ମଧ୍ୟ ରୋଡ୍ ଶୋ' ବେଳେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ରୋଡ୍ ଶୋ'ରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଭାଜପା ବିଧାୟକ ପ୍ରାର୍ଥୀ ଜୟ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କୋରେଇ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକଙ୍କ ସମେତ ବହୁ ଦଳୀୟ ବିଧାୟକ ଓ ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ। ଶୁକ୍ରବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖରିଆର ରୋଡ୍‌ରୁ ନୂଆପଡ଼ାକୁ ରୋଡ୍ ଶୋ' କରିବା ପରେ ଭାଜପା ଏହାକୁ କାଉଣ୍ଟର କରି ଏହି ରୋଡ୍ ଶୋ' କରିଥିବା ଆଲୋଚନା ହେଉଛି।





# ଯାଜପୁର ଲୋକ ସଭା ଆସନକୁ ସଂରକ୍ଷଣମୁକ୍ତ ଦାବି ତେଜିଲା

ଯାଜପୁର,୮।୧୧
(ହର୍ଷବର୍ଦ୍ଧନ ବେହେରା)

ସମ୍ବିଧାନ ପ୍ରସ୍ତୁତ ହେଲାବେଳେ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ପ୍ରଥମ ୧୦ ବର୍ଷ ପାଇଁ ଲାଗୁ ହୋଇଥିଲା। ହେଲେ ଯାଜପୁର ଲୋକ ସଭା ଆସନ ଆରମ୍ଭରୁ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ହୋଇ ରହିଆସିଛି। ତେଣୁ ଜାତି ପରିସଂଖ୍ୟାନ ଆଧାରରେ ଯାଜପୁର ଲୋକ ସଭା ଆସନଟିକୁ ସଂରକ୍ଷଣମୁକ୍ତ କରାଯିବାକୁ ଜୋରଦାର ଦାବି ହେଉଛି। ଯାଜପୁର ଆସନକୁ ସାଧାରଣ ବର୍ଗଙ୍କ ପାଇଁ ରାଜନୈତିକ ସ୍ୱାଧୀନତା ଦିଆଯିବାକୁ ବରିଷ୍ଠ ପୁସ୍ତକାର ହରେକୃଷ୍ଣ ପଣ୍ଡା, ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ସାମଲ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ସୀମା ପୁନର୍ଗଠନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

୧୯୫୨ରୁ ଏଯାବତ ୧୭ଟି ନିର୍ବାଚନ ହେଲାଣି, ହେଲେ ଯାଜପୁର ଲୋକ ସଭା ଆସନ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ



ହୋଇରହିଛି। ପ୍ରଥମେ ୧୯୫୨ରେ ଭୁବନାନନ୍ଦ ଦାସ ଓ ଲକ୍ଷ୍ମୀଧର ଜେନା ନିର୍ବାଚିତ ହୋଇଥିଲାବେଳେ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ନିର୍ବାଚନମଣ୍ଡଳୀଟି ଉଠିଯାଇଥିଲା। ତା'ପରେ ୧୯୬୨ରେ ରାମଚନ୍ଦ୍ର ମଲ୍ଲିକ, ୧୯୬୭ରେ ବାଇଧର ବେହେରା, ୧୯୭୧ରେ ଅନାଦି ଚରଣ ଦାସ, ୧୯୭୭ରେ ରାମଚନ୍ଦ୍ର ମଲ୍ଲିକ, ୧୯୮୦ରୁ ୧୯୯୧ ପର୍ଯ୍ୟନ୍ତ ଅନାଦି ଚରଣ ଦାସ, ୧୯୯୬ରେ ଅଞ୍ଚଳ ଦାସ, ୧୯୯୮ରେ ରାମଚନ୍ଦ୍ର ମଲ୍ଲିକ, ୧୯୯୯ରେ ଜଗନ୍ନାଥ ମଲ୍ଲିକ, ୨୦୦୪ ଓ ୨୦୦୯ରେ ମୋହନ ଜେନା, ୨୦୧୪ରେ ରୀତା ତରାଇ, ୨୦୧୯ରେ ଶର୍ମିଷ୍ଠା ସେଠୀ ଏବଂ ୨୦୨୪ରେ ରବୀନ୍ଦ୍ର ନାରାୟଣ ବେହେରା ଏଠାରୁ ନିର୍ବାଚିତ ହୋଇଛନ୍ତି। ଏଯାବତ୍ ଏହି ଲୋକ ସଭା ଆସନଟି ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ପାରି ନ ଥିବାରୁ ଯାଜପୁର ଜିଲାର ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ଜିଲାସ୍ତରରେ କୌଣସି ଦାବି ହେଉ ନ ଥିବାରୁ ସୀମା ପୁନର୍ଗଠନ କମିଟି ପକ୍ଷରୁ ଆଲୋଚନାସ୍ତରକୁ ଆସିପାରିନାହିଁ। ଭାରତୀୟ ସୀମା ପୁନର୍ଗଠନ କମିଶନରଙ୍କ ବୈଠକ ଇତିମଧ୍ୟରେ ୩ ଥର ବସିସାରିଲାଣି। କିନ୍ତୁ ବିଞ୍ଝାରପୁର ବିଧାନସଭା ଆସନ ଏବଂ ଯାଜପୁର ଲୋକ ସଭା ଆସନର ସଂରକ୍ଷଣ ପରିବର୍ତ୍ତନ ପାଇଁ କୌଣସି ଆନ୍ତରିକତା ଦେଖିବାକୁ ମିଳିନାହିଁ। ନିୟମ ଅନୁଯାୟୀ ଲୋକସଂଖ୍ୟା ଅନୁପାତ ଅନୁଯାୟୀ ଲୋକ ସଭା ଆସନର ସଂରକ୍ଷଣ ସ୍ଥିତିରେ ପରିବର୍ତ୍ତନ ହୋଇପାରିବ। ଯାଜପୁର ଜିଲାରେ ୨୦୧୧ ଜନଗଣନା ଅନୁସାରେ ଲୋକସଂଖ୍ୟା ୧୮,୨୭,୧୯୨ ରହିଥିଲା। ସେତେବେଳେ ଅନୁସୂଚିତ ଜନଜାତି (ଏସ୍‌ଟି) ହାର ୮.୨୯% ଥିଲାବେଳେ ଅନୁସୂଚିତ ଜାତି (ଏସ୍‌ସି) ହାର ୨୩.୭୨% ରହିଥିଲା। ସେହି ସମୟରେ ସୋନପୁର, କଟକ, ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଜପତି, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ନୂଆପଡା ଆଦି କେତେକ ସ୍ଥାନରେ ଏସ୍‌ଟି ଓ ଏସ୍‌ସି ହାର ମିଶି ୩୦ରୁ ୪୦ ପ୍ରତିଶତ ରହିଥିଲା। ୨୦୨୪ ସାଧାରଣ ନିର୍ବାଚନ ସମୟରେ ଯାଜପୁର ଜିଲାର ଲୋକସଂଖ୍ୟା ୧୯,୯୫,୫୮୬ ରହିଛି। ତେବେ ଏସ୍‌ଟି ଓ ଏସ୍‌ସି ହାର ଏବେ ଆହୁରି ହ୍ରାସ ପାଇଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀରୁ ସଂରକ୍ଷଣ ହଟାଇ ସାଧାରଣ ବର୍ଗଙ୍କ ପାଇଁ କରିବାକୁ ଦାବି ହେଉଛି।

# କାର ଧକ୍କାରେ ୨ କଲେଜ ଛାତ୍ରୀ ମୃତ

ଆନନ୍ଦପୁର,୮।୧୧
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଦେଇ ଯାଇଥିବା ୨୦ନଂ. ଜାତୀୟ ରାଜପଥର ଘସିପୁରା ଥାନା ଶାଳପଡ଼ାଠାରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର ଧକ୍କାରେ ୨ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବେଲବାହାଲି ଗାଁର ଦୀପାଞ୍ଜଳି ସାହୁ, ସିଆପଡ଼ାର ଅନ୍ନପୂର୍ଣ୍ଣା ପାତ୍ର। ଉଭୟ କନକମଞ୍ଜରୀ ମହିଳା ମହାବିଦ୍ୟାଳୟରେ ପାଠ ପଢୁଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ କ୍ଷତିପୂରଣ ଓ ରାଜପଥରେ ସର୍ଭିସ ରୋଡ୍ ନିର୍ମାଣ ଦାବିରେ ରାଜପଥ ଅବରୋଧ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୨ ଛାତ୍ରୀ ଯୁକ୍ତ୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ।


ରାସ୍ତା ଅବରୋଧ କରିଥିବା ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ଶନିବାର ଉଭୟ କ୍ଲାସ୍ ସାରି ମଧ୍ୟାହ୍ନ ୧୨ଟାରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। କଲେଜଠାରୁ ଅନତି ଦୂର ଶାଳପଡ଼ାଠାରେ ପଛପାଖରୁ ଆସୁଥିବା ଏକ କାର ସେମାନଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଦୁର୍ଘଟଣାରେ ଉଭୟ ଛାତ୍ରୀ ରାସ୍ତାରେ ଛିଟିକି ପଡ଼ି ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ତ୍ୟକ୍ତ ଲୋକେ ମୃତ ଛାତ୍ରୀଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ, ଉକ୍ତ ରାଜପଥ ନିକଟରେ ସର୍ଭିସ ରୋଡ୍ ନିର୍ମାଣ, ଫେରାର ଗାଡ଼ିକୁ ଧରି କାର୍ଯ୍ୟାନୁଷ୍ଠାନ ଓ ବେଲବାହାଲିରେ ଥିବା ବେଲେଶ୍ୱର ମହାବିଦ୍ୟାଳୟରେ ଯୁକ୍ତ ୩ ପାଠ୍ୟକ୍ରମ ଖୋଲିବାକୁ

## କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ଦାବି କରି ବାରିଗାଁଠାରେ ୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିସହ କିଛି ସମୟ ମେଡିକାଲ ପରିସରରେ ଉତ୍ତେଜନା ଲାଗିରହିଥିଲା। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ରାମଚନ୍ଦ୍ରପୁର ପୋଲିସ, ଘସିପୁରା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ୨ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଦୁର୍ଘଟଣା ଘଟାଇଥିବା କାରକୁ ଯାଜପୁର ପୋଲିସ ସହାୟତାରେ ଜବତ ହୋଇଛି। ଘଟଣାରେ ଘସିପୁରା ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଗୋରୁ ବୋଝେଇ ମିନି ଟ୍ରକ୍ ଜବତ

କେନ୍ଦୁଝର,୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ପୋଲିସ ଏକ ଗୋରୁ ବୋଝେଇ ମିନି ଟ୍ରକ୍ ଶୁକ୍ରବାର ରାତିରେ ଜବତ କରିଛି। ଘଟଣାସ୍ଥଳରୁ ଗୋରୁ ବ୍ୟବସାୟରେ ସମ୍ପୃକ୍ତ ଆଲ୍ଲାଉଦ୍ଦିନ ସେଖ୍, ଡ୍ରାଇଭର ଗୋବିନ୍ଦ ମେହେର ଓ ହେଲ୍‌ପର ଲଖନ ଚୌଧୁରୀଙ୍କୁ ପୋଲିସ ଗିରଫ କରିଛି। ଗାଡ଼ିରେ ୧୬ ଗୋରୁ ବୋଝେଇ ହୋଇ ସମ୍ବଲପୁରରୁ ଯଶିପୁରକୁ ଯାଉଥିଲା। କେନ୍ଦୁଝର ବଜରଙ୍ଗଦଳର କର୍ମକର୍ତ୍ତା ଭୋର ୪ଟାରେ ଗାଡ଼ିକୁ କେନ୍ଦୁଝର ନିକଟରେ ଅଟକାଇ ସଦର ଥାନାରେ ଜିମା ଦେଇଥିଲେ।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| CIRCULATION EXECUTIVES | ▸ 2-3 years sales experience in print media.<br>▸ Oversee distribution to subscribers, retailers & customers.<br>▸ Willingness to travel & keep in touch with agents. Collection of outstanding dues. Own bike or transport will be preferred.<br>▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ଓଏସ୍‌ଆର୍‌ଟିସି ବସ୍‌କୁ ଧକ୍କାଦେଲା ଟ୍ରକ୍, ୧୦ ଆହତ

ପରଜଙ୍ଗ, ୮।୧୧
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରା ଘାଟି ଫାଣ୍ଡି ଅଧୀନ ୧୪୯ ନଂ. ଜାତୀୟ ରାଜପଥର ଦୋମୁହାଣି ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଓଏସ୍‌ଆରଟିସି ବସ୍‌କୁ ଏକ ଟ୍ରକ୍ ଧକ୍କା ଦେବା ଫଳରେ ୧୦ଜଣ ଆହତ ହୋଇଛନ୍ତି। ଟ୍ରକ୍ ଡ୍ରାଇଭରଙ୍କ ସମେତ ୪ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ୩ ଜଣଙ୍କୁ କାମାକ୍ଷାନଗର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଟ୍ରକ୍ ଡ୍ରାଇଭରଙ୍କୁ ଅନୁଗୋଳ ଜିଲା ମୁଖ୍ୟ

## ଟ୍ରକ୍ ଡ୍ରାଇଭରଙ୍କ ସମେତ ୪ ଗୁରୁତର



ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଗୁରୁତରମାନଙ୍କ ମଧ୍ୟରେ ଭୁବନେଶ୍ୱରର ସୁଜାତା ଦୋରା, ରତ୍ନାକର ଦୋରାଙ୍କ ପରିଚୟ ମିଳିଛି। ସେମାନେ କଟକରୁ ରାଉରକେଲା ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିଲେ। ବସ୍‌ଟି ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ଝାରସୁଗୁଡ଼ାରୁ ଅନୁଗୋଳ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରକ୍‌ର ଡ୍ରାଇଭର ଝାରସୁଗୁଡ଼ା ବନ୍ଧବାହାଲ କଲୋନୀ ବଅଁରପାଲି ଗ୍ରାମର ରାଜେଶ ପଟେଲଙ୍କ ଆଖି ନିଦରେ ପଡ଼ିଯିବାରୁ ଟ୍ରକ୍‌ଟି ସିଧାସଳଖ ବସ୍‌କୁ ଧକ୍କା ଦେଇଥିଲା। ଟ୍ରକ୍ ଡ୍ରାଇଭରଙ୍କୁ କଟର ସାହାଯ୍ୟରେ କଟାଯାଇ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ରହିଛି। ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ପହଞ୍ଚି ଗାଡ଼ି ୨ଟିକୁ ଜବତ କରିଛନ୍ତି।

# ପୋଖରୀରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ

ଢେଙ୍କାନାଳ,୮।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ନିହଳପ୍ରସାଦ ଗ୍ରାମର ୨ ଭାଇ ଶୁକ୍ରବାର ପୋଖରୀରେ ବୁଡ଼ିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ଗ୍ରାମର ଅଭୟ ଦାସଙ୍କ ବଡ଼ପୁଅ ଓମ୍‌ପ୍ରକାଶ(୧୩) ଓ ସାନପୁଅ ସତ୍ୟପ୍ରକାଶ(୧୦) ଶୁକ୍ରବାର ମଧ୍ୟାହ୍ନରେ ବାପାଙ୍କ ଖାଇବା ନେଇ ଚାଷଜମିକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳେ ଦୁଇଭାଇ ସାଙ୍ଗହୋଇ ଘରକୁ ଫେରିବା ବେଳେ ବାଟରେ ଥିବା ଏକ ପୋଖରୀରେ ଗୋଡ଼ହାତ ଧୋଇବା ସମୟରେ ସାନଭାଇ ସତ୍ୟପ୍ରକାଶଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ସାନଭାଇକୁ ଉଦ୍ଧାର କରିବା ପାଇଁ ବଡ଼ଭାଇ ଓମ୍‌ପ୍ରକାଶ ଚେଷ୍ଟା କରିବାକୁ ଯାଇ ସେ ମଧ୍ୟ ବୁଡ଼ି ଯାଇଥିଲେ। ବାପା ଅଭୟ ଦାସ କାମସାରି ଘରକୁ ଫେରି ୨ ପୁଅ ନ ଥିବା ଦେଖି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ପୋଖରୀ ଆଡ଼କୁ ଯାଇ ଖୋଜିଥିଲେ। ପୋଖରୀରୁ ୨ ଜଣଙ୍କୁ ଉଦ୍ଧାର କରି ଯାଜପୁର ଜିଲା ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତରମାନେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଗ୍ରାମକୁ ଅଣାଯାଇଥିଲା। ଏ ସଂକ୍ରାନ୍ତରେ ବଡ଼ଚଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କୋଇଲା ବୋଝେଇ ଟ୍ରେନ୍‌ର ୪ ବଗି ଲାଇନଚ୍ୟୁତ

ତାଳଚେର,୮।୧୧(ମନୋଜ ନନ୍ଦ)

ଅନୁଗୋଳ ଜିଲା କଣିହାଁସ୍ଥିତ ଆମ୍ବପାଳ ଲେଭଲ କ୍ରସିଂଠାରେ ଶନିବାର ଏନ୍‌ଟିପିସି କୋଇଲା ବୋଝେଇ ଟ୍ରେନ୍‌ର ୪ଟି ବଗି ଲାଇନଚ୍ୟୁତ ହୋଇଛି। ବାହାର ରାଜ୍ୟରୁ ଏନ୍‌ଟିପିସିକୁ ଏକ ମାଲବାହୀ ଟ୍ରେନ୍ କୋଇଲା ନେଇ ଆସୁଥିବା ବେଳେ କୌଣସି କାରଣରୁ ଲେଭଲକ୍ରସିଂ ନିକଟରେ ଏହି ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ କୌଣସି ଜୀବନହାନି ହୋଇ


ଲାଇନଚ୍ୟୁତ୍ ହୋଇଥିବା କୋଇଲା ବୋଝେଇ ଟ୍ରେନ୍।

ନ ଥିବା ଜଣାପଡିଛି। ତେବେ ଏହି ଦୁର୍ଘଟଣା ପରେ ଏନ୍‌ଟିପିସି ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ତାଳଚେରରୁ କୋଇଲା ପରିବହନ ବନ୍ଦ ରହିଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଘଟିଲା ବୋଲି ସାଧାରଣରେ ଅଭିଯୋଗ ହେଉଛି। ସନ୍ଧ୍ୟା ବେଳକୁ ଏନ୍‌ଟିପିସି ତରଫରୁ ଲାଇନଚ୍ୟୁତ ବଗିଗୁଡିକ ସାଇଡ କରି ଟ୍ରାକ କ୍ଲିୟର କରାଯାଇଥିବା ସୂଚନା ମିଳିଛି।

## ଜାତୀୟ ଆଇନ ସେବା ଦିବସ
# ଆଇନଗତ ସହାୟତା

ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର। ଭାରତର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଏବଂ ଆଇନ ଅନୁଯାୟୀ ସମାନ ସୁରକ୍ଷା ପ୍ରଦାନ କରିବାର ଗ୍ୟାରେଣ୍ଟି ଦିଏ। ତଥାପି ନିରକ୍ଷରତା, ଦାରିଦ୍ର୍ୟ, ପ୍ରାକୃତିକ ବିପର୍ଯ୍ୟୟ, ଅପରାଧ କିମ୍ବା ଆର୍ଥିକ ସାଧନର ଅଭାବ ତଥା ଅନ୍ୟାନ୍ୟ ପ୍ରତିବନ୍ଧକ ଯୋଗୁ ଅନେକ ଲୋକ ଆଇନଗତ ସେବା ପାଇପାରୁନାହାନ୍ତି। ଏମାନଙ୍କୁ ମାଗଣା ଏବଂ ଦକ୍ଷ ଆଇନଗତ ସେବା ପ୍ରଦାନ କରିବା ପାଇଁ ଆଇନଗତ ସେବା ପ୍ରାଧିକରଣ ଆଇନ-୧୯୮୭ ଅଧୀନରେ ଆଇନଗତ ସେବା ପ୍ରାଧିକରଣ ପ୍ରତିଷ୍ଠା କରାଯାଇଥିଲା। ଏହି ଆଇନ ୧୯୯୫ ମସିହା ନଭେମ୍ବର



୯ରେ କାର୍ଯ୍ୟକାରୀ ହୋଇଥିଲା। ଉକ୍ତ କାର୍ଯ୍ୟାନ୍ୱୟନକୁ ସ୍ମରଣ କରିବା ପାଇଁ ଏହି ଦିନକୁ ପ୍ରତିବର୍ଷ ଜାତୀୟ ଆଇନ ସେବା ଦିବସ ଭାବରେ ପାଳନ କରାଯାଉଛି। ଉକ୍ତ ଦିନ ସାରା ଦେଶରେ ରାଜ୍ୟ ଆଇନଗତ ସେବା ପ୍ରାଧିକରଣ ଦ୍ୱାରା ଆଇନଗତ ସଚେତନତା ଶିବିର ଅନୁଷ୍ଠିତ ହୁଏ, ଯାହା ଆଇନଗତ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଇଥିବା ଆଇନଗତ ସହାୟତା ଏବଂ ଅନ୍ୟାନ୍ୟ ସେବାର ଉପଲବ୍ଧତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥାଏ।

# ଗଣତନ୍ତ୍ରର ମୂଲ୍ୟବୋଧକୁ ଗୁରୁତ୍ୱ

ନଭେମ୍ବର ୯ରେ ପାଳନ ହୋଇଆସୁଛି ବିଶ୍ୱ ସ୍ୱାଧୀନତା ଦିବସ। ୧୯୮୯ର ବର୍ଲିନ ପ୍ରାଚୀରର ପତନକୁ ସ୍ମରଣ କରାଇବା ପାଇଁ ଏହି ଦିବସ ପାଳନ କରାଯାଇଥାଏ, ଯାହା ପୂର୍ବ ୟୁରୋପରେ କମ୍ୟୁନିଷ୍ଟ ଶାସନର ଅନ୍ତ ଏବଂ ଅତ୍ୟାଚାର ଉପରେ ସ୍ୱାଧୀନତା ବିଜୟର ପ୍ରତୀକ ଥିଲା। ଏହି ଦିବସ ସ୍ୱାଧୀନତା ଓ ଗଣତନ୍ତ୍ରର ମୂଲ୍ୟବୋଧକୁ ପାଳନ କରେ।


ଆଜି ବିଶ୍ୱ ସ୍ୱାଧୀନତା ଦିବସ

ଏଥିସହ ସ୍ୱାଧୀନତା ଏବଂ ମାନବାଧିକାର ପାଇଁ ଲଢ଼ିଥିବା ଲୋକଙ୍କୁ ସମ୍ମାନିତ କରେ। ତେବେ ବର୍ଲିନ ପ୍ରାଚୀରର ପତନକୁ ମନେପକାଇବା ଲାଗି ୨୦୦୧ ମସିହାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କ ଦ୍ୱାରା ବିଶ୍ୱ ସ୍ୱାଧୀନତା ଦିବସକୁ ଆନୁଷ୍ଠାନିକ ଭାବରେ ନାମିତ କରାଯାଇଥିଲା। ସେବେଠାରୁ ନଭେମ୍ବର ୯ରେ ବିଶ୍ୱ ସ୍ୱାଧୀନତା ଦିବସ ପାଳନ ହୋଇଆସୁଛି। ଏହି ଦିବସ କେବଳ ଲୌହ ପରଦା ପଛରେ ସ୍ୱାଧୀନତା ପାଇଁ ଲଢ଼ିଥିବା ଲୋକଙ୍କ ସାହସକୁ ସମ୍ମାନ କରେ ନାହିଁ ବରଂ ବିଶ୍ୱବ୍ୟାପୀ ଗଣତନ୍ତ୍ର ଏବଂ ମାନବାଧିକାର ପାଇଁ ଚାଲିଥିବା ସଂଘର୍ଷର ସ୍ମରଣ କରାଇଥାଏ।




| ENTRY | Air Force Common Admission Test (AFCAT) Entry | NCC Special Entry |
| --- | --- | --- |
| BRANCHES | Flying/ Technical/ Weapon Systems/ Administration/ Logistics/ Accounts/ Education/ Meteorology | Flying (NCC Air Wing 'C' certificate is mandatory) |

AFCAT Entry: Registration mandatory and online exam/ NCC Special Entry registration mandatory and no online exam
Aadhaar card is mandatory for online registration
Registrations open from **10 Nov 2025 till 09 Dec 2025**
For more details, refer to Employment News dated 08 Nov 2025 and for detailed notification visit our website **careerairforce.gov.in** and **afcat.edcil.co.in**
**For updates, follow us on**
DISHA by Indian Air Force | careeriniaf | CareerinIAF
**DISHA Cell, Air Headquarter, Vayu Bhawan**
**Tel: 011-23013690 | Toll-free No.: 1800-11-2448 | E-mail: careeriniaf@gmail.com**
**CBC 10801/13/0016/2526**

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା

# ନେତୃତ୍ୱର ବିଜୟ



ଆକାର ପଟେଲ

ଆମେରିକା ସମ୍ବିଧାନର ପ୍ରଥମ ସଂଶୋଧନରେ କୁହାଯାଇଥିଲା ଯେ, ଏକ ଧର୍ମକୁ ସମ୍ମାନ ଜଣାଇବା କିମ୍ବା ଏହାକୁ ସ୍ୱାଧୀନ ଭାବେ ପାଳନ କରିବା ଉପରେ ପ୍ରତିବନ୍ଧକ ଲଗାଇବା ; ବାକ୍ କିମ୍ବା ଗଣମାଧ୍ୟମ ସ୍ୱାଧୀନତାର କଣ୍ଠରୋଧ କରିବା, ଲୋକଙ୍କର ଶାନ୍ତିପୂର୍ଣ୍ଣ ସମାବେଶ ଉପରେ କଟକଣା ଲଗାଇବା ଏବଂ କୌଣସି ଏକ ଅଭିଯୋଗର ସମାଧାନ ପାଇଁ ସରକାରଙ୍କୁ ଆବେଦନ କରିବାର ଅଧିକାରରେ ବାଧା ଆଣିବା ଭଳି କୌଣସି ଆଇନ କଂଗ୍ରେସ ପ୍ରଣୟନ କରିପାରିବ ନାହିଁ। ଏହା ୧୭୮୯ରେ ଉଲ୍ଲେଖ କରାଯାଇଥିଲା ଏବଂ ଆମେ ଏଥିରୁ ସ୍ପଷ୍ଟ ଭାବେ ବୁଝିପାରୁଛୁ, ବାକ୍ ସ୍ୱାଧୀନତାକୁ ରୋକାଯାଇପାରିବ ନାହିଁ। ତେବେ ହିଂସାର ଧମକ ଓ ଅଶ୍ଳୀଳ ମନ୍ତବ୍ୟ ହୋଇଥିଲେ ଏହା ଉପରେ କଟକଣା ଲଗାଯାଇପାରିବ। ୨୦୧୦ରେ, ଆମେରିକାର ସୁପ୍ରିମକୋର୍ଟ ନିର୍ବାଚନ ପାଣ୍ଠିକୁ ନେଇ ରହିଥିବା କଟକଣାକୁ ହଟାଇ ଦେଇଥିଲେ। କର୍ପୋରେଶନ ଓ ଧନୀ ବ୍ୟକ୍ତିମାନେ ବିଜ୍ଞାପନରେ ଖର୍ଚ୍ଚ କରି ନିର୍ବାଚନକୁ ପ୍ରଭାବିତ କରିବାକୁ ସ୍ୱାଧୀନତା ପାଇଗଲେ। ସିଟିଜେନ୍ସ ୟୁନାଇଟେଡ ବନାମ ଫେଡେରାଲ ଇଲେକ୍ସନ କମିଶନ ମାମଲାରେ ଏଭଳି ରାୟ ଆସିଥିଲା, ଯାହା ଆମେରିକାର ଗଣତନ୍ତ୍ରକୁ ଭୀଷଣ କ୍ଷତି କରିଛି, କାରଣ ଆମେରିକାର ଉଭୟ ରାଜନୈତିକ ଦଳ ଲଗାତର ଭାବେ କର୍ପୋରେଟ ସ୍ୱାର୍ଥ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଯଦି ତୁମେ ତୁମ ଡୋନରଙ୍କ ଯୋଗୁ ନିର୍ବାଚନ ଜିତ, ତେବେ କ୍ଷମତାରେ ତୁମ କାର୍ଯ୍ୟ ସେମାନଙ୍କ ଦ୍ୱାରା ପ୍ରଭାବିତ ହେବ ; ଯାହା ଆମେରିକା ରାଜନୀତିରେ ଦେଖାଯାଇଛି। ତେବେ ରାଜନୀତି କରିବାର ଆଉ ଏକ ବାଟ ରହିଛି ଏବଂ ଏହାର ପଦ୍ଧତି ସରଳ ହେଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଷ୍ଟକର। ବିଫଳତାର ପ୍ରତିଶତ ଅଧିକ ଥିବା କୌଣସି ବିଷୟରେ ସଫଳତା ପାଇବା ବାସ୍ତବରେ ଉଲ୍ଲେଖନୀୟ। ଏଥିପାଇଁ ନିର୍ଦ୍ଦିଷ୍ଟ ପ୍ରକାର ପ୍ରତିବଦ୍ଧତା ଓ ଦୃଷ୍ଟିକୋଣ ଦରକାର ; ଯାହାର ଉଦାହରଣ ନିକଟରେ ନ୍ୟୁୟର୍କ ମେୟର ନିର୍ବାଚନରୁ ସାମ୍ନାକୁ ଆସିଛି। ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ମୁଖରେ ଥିଲା ଦୁଇଟି ଭିନ୍ନ ଦୃଷ୍ଟିକୋଣ। ପ୍ରଥମ ଦୃଷ୍ଟିକୋଣ ହେଉଛି, ବିରୋଧୀଠାରୁ ଅଧିକ ଅର୍ଥ ସଂଗ୍ରହ କରି ଜିତିବା, ଯାହାକୁ ଉଭୟ ରାଜନୈତିକ ଦଳ ଓ ସେମାନଙ୍କ ପ୍ରାର୍ଥୀମାନେ ପସନ୍ଦ କରିଛନ୍ତି। ଏହି ଅର୍ଥ ମେସେଜ ବିଶେଷକରି ଟିଭିରେ ବିଜ୍ଞାପନ ଦେବା ଓ ଇ–ମେଲ ବାର୍ତ୍ତାରେ ଖର୍ଚ୍ଚ ହୋଇଛି। ଧାରଣା ରହିଛି, ଯିଏ ଯେତେ ଅଧିକ ବିଜ୍ଞାପନ ଦେବ ତାଙ୍କର ସଫଳତା ସମ୍ଭାବନା ବେଶି। ୨୦୧୮ରେ 'ଅର୍ଥ କିଭଳି ନିର୍ବାଚନକୁ ପ୍ରଭାବିତ କରେ' ଶୀର୍ଷକ ଖବରରୁ ଜଣାପଡ଼ିଥିଲା, ୯୦%ରୁ ଅଧିକ ସମୟ ଦେଇ ଯେଉଁ ପ୍ରାର୍ଥୀ ଅଧିକ ପାଣ୍ଠି ଯୋଗାଡ଼ କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅଧିକ ଖର୍ଚ୍ଚ କରିଥିଲେ ସେମାନେ ନିର୍ବାଚନରେ କଂଗ୍ରେସ ସିଟ୍ ଜିତିଥିଲେ। ତେବେ ନ୍ୟୁୟର୍କରେ ଆଣ୍ଡ୍ରୁ କ୍ୱୋମୋ ନାମକ ଜଣେ ପ୍ରମୁଖ ପ୍ରାର୍ଥୀ ଏହି ଦୃଷ୍ଟିକୋଣକୁ ଆପଣାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ୫ଗୁଣରୁ ଅଧିକ ଅର୍ଥ ସଂଗ୍ରହ କରିଥିଲେ। କିନ୍ତୁ ସେ ହାରିଗଲେ କାହିଁକି ?

ଦ୍ୱିତୀୟ ଦୃଷ୍ଟିକୋଣ ହେଉଛି, ବିନା ବିଜ୍ଞାପନରେ ବ୍ୟକ୍ତିଗତ ଭାବେ ଆଲୋଚନା କରି ଭୋଟରଙ୍କୁ ଅବଗତ କରିବା। ଏହା ପ୍ରଭାବଶାଳୀ, କିନ୍ତୁ ଗ୍ରହଣୀୟ ବୋଲି ମନେହେଉନାହିଁ। ଯେଉଁ ସାଧାରଣ ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ଅନେକ ଲକ୍ଷ ଥିବ ସେ କ୍ଷେତ୍ରରେ ଏହି ପଦ୍ଧତି ଆପଣାଇବା ବୋକାମି। ଏ କ୍ଷେତ୍ରରେ ଭୋଟରଙ୍କୁ ବ୍ୟକ୍ତିଗତ ଭାବେ ଅବଗତ କରିବା ପାଇଁ ଆବଶ୍ୟକ ଲୋକଙ୍କ ଲାଗି ଖର୍ଚ୍ଚ ନିଶ୍ଚିତ ଭାବେ ବିଜ୍ଞାପନ ତୁଳନାରେ ଅଧିକ ହେବ। ଏମାନେ ଅଜଣା ଲୋକଙ୍କ ସହ ଖୋଲାଖୋଲି ଆଲୋଚନା କରିବା କଷ୍ଟକର ହୋଇପାରେ। କାରଣ ଘରେ ଥିବା ଅନେକ ଲୋକ ଉତ୍ତର ଦେବେ ନାହିଁ କିମ୍ବା ପ୍ରାର୍ଥୀଙ୍କ ସପକ୍ଷରେ ଆଲୋଚନା କରିବାକୁ ଯାଇଥିବା ଲୋକଙ୍କୁ ଘରୁ ଚାଲି ଯିବା ଲାଗି କହିବେ କିମ୍ବା ରାସ୍ତାରେ ନ ଅଟକାଇବା ପାଇଁ କହିବେ। ଯଦି ବି ସେମାନେ କଥା ହେବା ପାଇଁ ଚାହିଁବେ, ତଥାପି ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ସେମାନଙ୍କୁ ବୁଝାଇବା ସହଜ ନୁହେଁ। ଏଥିରେ ଜଣଙ୍କୁ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ସକାଶେ ବୁଝାଇଲେ ବି ଅନ୍ୟ ୧୦ ଜଣ ଘର ଦ୍ୱାର ବନ୍ଦ କରିଦେବେ କିମ୍ବା ସେମାନେ ଅନ୍ୟ ପ୍ରାର୍ଥୀଙ୍କୁ ସମର୍ଥନ କରନ୍ତି ବୋଲି କହିବେ କିମ୍ବା କିଛି ନ କହି ଚାଲିଯିବେ। ଜଣେ ପ୍ରାର୍ଥୀ କିପରି ଏଭଳି ପ୍ରୟାସ ଜାରି ରଖିବା ଲାଗି କର୍ମୀମାନଙ୍କୁ ଉତ୍ସାହିତ କରିବେ। ଏହିସବୁ କାରଣରୁ ଏହି ଦୃଷ୍ଟିକୋଣ ଗ୍ରହଣୀୟ ନୁହେଁ। ଏଥିପାଇଁ ପ୍ରାର୍ଥୀମାନେ ପାଣ୍ଠି ସଂଗ୍ରହକୁ ପସନ୍ଦ କରୁଛନ୍ତି। ଏଥିରେ କେବଳ କେତେକ ନିର୍ଦ୍ଦିଷ୍ଟ ସ୍ଥିତିରେ ସଫଳତା ମିଳିପାରେ। ପ୍ରଥମରେ, ମେସେଜ ବହୁ ସଂଖ୍ୟାରେ ସମ୍ଭାବ୍ୟ ଭୋଟରଙ୍କୁ ଆକର୍ଷିତ କରୁଛି। ଦ୍ୱିତୀୟରେ, ପ୍ରଚାର ପାଇଁ କର୍ମୀମାନେ ଅତ୍ୟଧିକ ଉତ୍ସାହିତ ହୋଇଥାନ୍ତି। ତୃତୀୟରେ, ଏଥିରେ କିଛି ପ୍ରକ୍ରିୟା ରହିଛି, ଯାହା ନିର୍ବାଚନ ଲଢ଼େଇକୁ ସଞ୍ଚାଳନ କରିବା ସହ ମତଦାନ ଦିବସ ଯାଏ ଏହା ଉପରେ ନିରୀକ୍ଷଣ କରାଯାଇଥାଏ। ଅର୍ଥାତ୍ ଲୋକଙ୍କ ସହ ଯୋଗାଯୋଗ ହୋଇଗଲା ମାତ୍ରକେ ସେମାନଙ୍କ ସହ ଲଗାତର ସମ୍ପର୍କରେ ରହିବାକୁ ହୁଏ। ଭାରତୀୟ ବଂଶୋଦ୍ଭବ ସୋସାଲିଷ୍ଟ ଜୋହରାନ ମମ୍‌ଦାନିଙ୍କର ଏହି ଦୃଷ୍ଟିକୋଣ ଥିଲା ଏବଂ ସେଥିପାଇଁ ସେ ଜିତିଲେ ଏବଂ ନ୍ୟୁୟର୍କର ମେୟର ହେବେ। ଯେଉଁମାନେ କହୁଛନ୍ତି ସେ ଅନଭିଜ୍ଞ ଓ ନେତୃତ୍ୱ ସମ୍ପର୍କରେ କମ୍ ଜାଣିଛନ୍ତି, ସେମାନେ ବୁଝିବା ଦରକାର ଯେ, କୌଣସି କାମ ପାଇଁ ଲୋକଙ୍କୁ ପ୍ରେରିତ କରିବାରେ ଅଧିକ ବିଫଳ ହେବା ସମ୍ଭାବନା ରହିଛି ଏବଂ ସଫଳ ହେବାକୁ ହେଲେ ନେତୃତ୍ୱର ସର୍ବୋଚ୍ଚ ପରିପ୍ରକାଶ ହିଁ ଅଧିକ ଗୁରୁତ୍ୱ ରଖେ। ୭୦୦ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଆର୍ମି ଜୋହରାନଙ୍କ ପାଇଁ କାମ କରିଥିଲେ। ଏମାନଙ୍କ ମଧ୍ୟରେ ଅଧିକାଂଶ ଯୁବକ, ମଧ୍ୟ ବୟସ୍କ ତଥା ବୟସ୍କ ବ୍ୟକ୍ତି ଥିଲେ, ଯେଉଁମାନେ ସେମାନଙ୍କ ଲକ୍ଷ୍ୟ ହାସଲ ପାଇଁ ବହୁ ସମୟ ଦେଇ ଅନେକ ମାସ ପରିଶ୍ରମ କରିଥିଲେ। ଜୋହରାନଙ୍କୁ ଜଣେ ଆତଙ୍କବାଦୀ ଭାବେ ଚିତ୍ରଣ କରିବା ପାଇଁ କର୍ପୋରେଟ ସହଯୋଗରେ ଆଣ୍ଡ୍ରୁ କ୍ୱୋମୋ ୪୦ ମିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରିଥିଲେ। କିନ୍ତୁ ସେ ସ୍ୱେଚ୍ଛାସେବୀଙ୍କ ନିକଟରେ ହାର ମାନିଲେ। ଏହି ବିଜୟକୁ ଦୀର୍ଘଦିନ ଧରି ଅନୁଧ୍ୟାନ କରାଯିବ, କାରଣ ଏହା ନିର୍ବାଚନ ବିଜୟ ଅତିଧନୀ ବ୍ୟକ୍ତିବିଶେଷଙ୍କ କ୍ଷମତାର ସୀମାକୁ ଦର୍ଶାଏ। ଆମେରିକାରେ ଜଣେ ଆକ୍ଟିଭିଷ୍ଟ କହନ୍ତି, ସେମାନଙ୍କ ପାଖରେ ଟଙ୍କା ଅଛି, ହେଲେ ଆମ ନିକଟରେ ଲୋକ ଅଛନ୍ତି।

Email:aakar.patel@gmail.com

# ଟମ୍ କକାଙ୍କ ଦିନ



ରଞ୍ଜନ କୁମାର ଦାସ

ଆଜିକୁ ପ୍ରାୟ ଦେଢ଼ଶହ ବର୍ଷ ତଳେ ୧୮୫୨ ମସିହାରେ ପ୍ରକାଶ ପାଇଥିଲା ହ୍ୟାରିଏଟ ବିଚର୍ ଷ୍ଟାୱେଙ୍କର କାଳଜୟୀ ଉପନ୍ୟାସ 'ଅଙ୍କଲ ଟମ୍ସ କ୍ୟାବିନ'। ପରବର୍ତ୍ତୀ କାଳରେ ତାହା ଉଦୟନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ଓଡ଼ିଆରେ ଅନୁଦିତ ହୋଇଥିଲା 'ଟମ୍ କକାଙ୍କ କୁଟିର' ନାମରେ। କାହାଣୀଟି ଥିଲା ଅଙ୍କଲ ଟମ୍ ଓ ଏଲିଜା ନାମକ ଦୁଇଜଣ କ୍ରୀତଦାସଙ୍କର ଦୟନୀୟ ଜୀବନ ଉପରେ ଆଧାରିତ। ତତ୍କାଳୀନ ଆମେରିକୀୟ ସମାଜରେ ପ୍ରଚଳିତ କ୍ରୀତଦାସ ପ୍ରଥା ବିରୋଧରେ ଏହା ଥିଲା ଏକ ସଭ୍ୟ ମାନବର ପ୍ରଥମ ପ୍ରତିବାଦ। ଗୋରା ଲୋକଙ୍କ ଦ୍ୱାରା ମୂଳ ଆମେରିକୀୟ ନିଗ୍ରୋମାନଙ୍କ ଉପରେ ହେଉଥିବା ଶାରୀରିକ ଓ ମାନସିକ ନିର୍ଯାତନାର କାହାଣୀ ସେଥିରେ ଏଭଳି ହୃଦୟ ବିଦାରକ ଭାବେ ବର୍ଣ୍ଣିତ ଥିଲା, ଯାହା ଆମେରିକାନ ସିଭିଲ ୱାରର ଜନ୍ମର କାରଣ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଦାସତ୍ୱ ପ୍ରଥା ଆମେରିକାରେ ସମ୍ପୂର୍ଣ୍ଣ ଭାବେ ଲୋପ ପାଇବା ପଛରେ ଥିଲା ଏହି ବହିର ବହୁଳ ପ୍ରଭାବ।

ଏହି ବହିଟି ପ୍ରକାଶ ପାଇଲା ପରେ ଅଙ୍କଲ ଟମ୍ ବା ଓଡ଼ିଆରେ ଯାହା ଟମ୍ କକା ରୂପେ ଅଭିହିତ ହୋଇଥିଲେ ପାଲଟିଗଲେ କୃଷ୍ଣକାୟ ଦାସଙ୍କର ପ୍ରତିନିଧି ଓ ବର୍ଣ୍ଣବୈଷମ୍ୟ ନୀତିର ଚାକ୍ଷୁଷ ପ୍ରମାଣ। ଦିନ ଥିଲା ତାଙ୍କ ନିଜ ମାଟିରେ ଏହି ନିଗ୍ରୋ ବା ଲୋହିତ ଭାରତୀୟମାନେ ୟୁରୋପୀୟ ଶ୍ୱେତାଙ୍ଗମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ, ପଣ୍ୟଦ୍ରବ୍ୟ ପରି ବିକ୍ରି ହେଉଥିଲେ। ଯିଏ ତାଙ୍କୁ କିଣୁଥିଲା, ସେ ପାଲଟି ଯାଉଥିଲା ତାଙ୍କର ମୁନିବ। ମାତ୍ର ଏ ଘୃଣ୍ୟ ପ୍ରଥାକୁ ନେଇ ଆମେରିକାର ବିଭିନ୍ନ ରାଜ୍ୟ ମଧ୍ୟରେ ଅଙ୍କଲ ଟମ୍ସ କ୍ୟାବିନ ପୁସ୍ତକ ପ୍ରକାଶ ପାଇବା ପରେ ଜନମତ ସୃଷ୍ଟି ହେଲା ଏବଂ ସେମାନେ ସପକ୍ଷ ଓ ବିପକ୍ଷରେ ଭାଗଭାଗ ହୋଇଗଲେ। ୧୮୬୧ ମସିହାରେ ଆରମ୍ଭ ହେଲା ରକ୍ତାକ୍ତ ଗୃହଯୁଦ୍ଧ ଏବଂ ୧୮୬୫ ରେ ଏହାର ପରିସମାପ୍ତି ହେଲା। ଚାରି ବର୍ଷର ସଂଗ୍ରାମ ପରେ ଚାରିଲକ୍ଷରୁ ଊର୍ଦ୍ଧ୍ୱ କ୍ରୀତଦାସ ସାଧାରଣ ଲୋକଙ୍କ ପରି ନାଗରିକ ଅଧିକାର ପାଇଲେ। ଏହି ଯୁଦ୍ଧରେ ସାତଲକ୍ଷ ପାଖାପାଖି ସୈନ୍ୟ ମୃତ୍ୟୁବରଣ କରିଥିଲେ ଏବଂ ଅନେକ କ୍ଷୟକ୍ଷତି ହୋଇଥିଲା। ମୁକ୍ତିର ଏହି ସନନ୍ଦ ସ୍ୱାକ୍ଷରିତ ହେବା ପୂର୍ବରୁ କୃଷ୍ଣକାୟମାନେ ଶ୍ୱେତାଙ୍ଗମାନଙ୍କ ଘରେ, ଫାର୍ମରେ ଏବଂ କଳକାରଖାନାରେ ରୋଷେୟା, ସେବକ, ଗୋପାଳକ, ଅଶ୍ୱପାଳକ, ଶ୍ରମିକ ବା ସୈନିକ ଭାବେ କାମ କରିବାକୁ ବାଧ୍ୟ ହେଉଥିଲେ। ସେଥିପାଇଁ ତାଙ୍କୁ ଦରମା ମିଳୁ ନ ଥିଲା। ଦୁଇବକ୍ତ ଖାଇବା ଛଡ଼ା ଆଉ ପ୍ରାୟ କିଛି ତାଙ୍କୁ ମିଳୁନଥିଲା। ସେମାନଙ୍କର କୌଣସି ଆଇନଗତ ଅଧିକାର ନଥିଲା। ସେମାନେ ନିଜ ଇଚ୍ଛାରେ କୌଣସି ଜିନିଷ କରିପାରୁନଥିଲେ। ଛୋଟ ଛୋଟ ଭୁଲ୍ ପାଇଁ କଠୋର ଦଣ୍ଡ ମିଳୁଥିଲା ତାଙ୍କୁ। ନିଜ ଦେଶରେ ସେମାନେ ଥିଲେ ପରାଧୀନ।



ନିକଟରେ ବ୍ୟକ୍ତିଗତ କାର୍ଯ୍ୟରେ କିଛିଦିନ ପାଇଁ ଆମେରିକା ଯାଇଥିଲି। ମନରେ ସେଇ ଧାରଣା ଥିଲା ଯେ ସ୍ୱାଧୀନତା ପାଇଥିଲେ ମଧ୍ୟ ସେମାନେ ଏବେ ବି କିଛି ନା କିଛି ବର୍ଣ୍ଣବୈଷମ୍ୟର ଶିକାର ପାଲଟୁଥାଇପାରନ୍ତି। ଦ୍ୱିତୀୟ ଶ୍ରେଣୀର ନାଗରିକ ରୂପେ ଜୀବନଯାପନ କରୁଥାଇପାରନ୍ତି। ଆମେରିକା କହିଲେ ତ ସାଧାରଣରେ ବୁଝାଯାଏ ଗୋରାମାନଙ୍କ ଦେଶ। ଅଙ୍କଲ ସାମ୍ ସେ ଦେଶର ଏକ ପ୍ରତୀକ, ଯାହା ଆମେରିକୀୟ ଶାସନ ଓ ସମାଜ ବ୍ୟବସ୍ଥାର ପ୍ରତିନିଧି। ଅଙ୍କଲ ସାମ୍ (ସାମ୍ କକେଇ)ଙ୍କ ଦେଶରେ ଏବେ ଅଙ୍କଲ ଟମ୍ (ଟମ୍ କକା)ଙ୍କ ବ୍ୟବସ୍ଥା କିପରି ଥିବ ଜାଣିବା ପାଇଁ ଉତ୍ସୁକତା ରହିବା ସାଭାବିକ କଥା। ସେଠି ଦେଖିଛୁ କୃଷ୍ଣକାୟ ନିଗ୍ରୋମାନେ ଆସି ହୋଟେଲରେ ଖାଆନ୍ତି ଯେଉଁଠାରେ ଶ୍ୱେତାଙ୍ଗମାନେ ତାଙ୍କ ଅର୍ଡର ନେବା, ପ୍ଲେଟ ଉଠାଇବା ଓ ଟେବୁଲ ପୋଛିବା ପାଇଁ ନିୟୋଜିତ ହୋଇଥାନ୍ତି। ବଡ଼ବଡ଼ ମଲ୍‌ରେ ଟମ୍ କକେଇ ଓ ଟମି ଖୁଡ଼ୀମାନେ ନିଜ ମନପସନ୍ଦର ଜିନିଷ କିଣିବା ପାଇଁ ଘୂରି ବୁଲୁଥାଆନ୍ତି ଓ ସେଠି ଟଏଲେଟ ସଫା କରିବାକୁ ନିୟୋଜିତ ଥାଆନ୍ତି କେହି ନା କେହି ଜଣେ ଶ୍ୱେତାଙ୍ଗ। ଏ ପରିବର୍ତ୍ତନ ଦେଖି ମନକୁ ଗୋଟିଏ କଥା ଆସୁଥିଲା ଯେ ସବୁ ରାତିର ଗୋଟେ ସକାଳ ଥାଏ। ସେ ଅନ୍ଧକାର ରାତି ବିତିଗଲା ପରେ ସକାଳର ସୂର୍ଯ୍ୟାଲୋକ ପଡ଼େ। ଗଛଲତା ହସିଉଠନ୍ତି! ସେମିତି ସବୁ ବୋହୂର ବି ଗୋଟେ ଦିନ ଆସେ। ସବୁବେଳେ ସେ ଶାଶୁର ହାକିମାତି ଭିତରେ ନଥାଏ। ସେମିତି ଏବେ ସେଠି କୃଷ୍ଣକାୟମାନେ ଆଉ ଶ୍ୱେତାଙ୍ଗଙ୍କ ଦ୍ୱାରା କବଳିତ, ନିଷ୍ପେଷିତ ବା ନିର୍ଯାତିତ ନୁହନ୍ତି। ସେମାନେ ସମାନ ଅଧିକାର ପାଇଛନ୍ତି ଏବଂ ସମାଜରେ ଅନେକ କ୍ଷେତ୍ରରେ ସେଇ ଶ୍ୱେତାଙ୍ଗଙ୍କ ଉପରେ ଅଛନ୍ତି, ଯେଉଁମାନେ ଦିନେ ତାଙ୍କୁ ପଦଦଳିତ କରି ରଖିଥିଲେ।

ଆମେରିକୀୟ ଲୋକସଂଖ୍ୟାର ଚଉଦ ଶତାଂଶ କୃଷ୍ଣକାୟ। ଏମାନଙ୍କ ସଂଖ୍ୟା ପ୍ରାୟ ପଚାଶ ନିୟୁତ (ପାଞ୍ଚ କୋଟି) ହେବ। ଏମାନେ ସବୁ କ୍ଷେତ୍ରରେ ଶ୍ୱେତାଙ୍ଗଙ୍କ ସହ ଏବେ ସମକକ୍ଷ। ଏପରିକି କୃଷ୍ଣକାୟ ଝିଅମାନେ ଶ୍ୱେତାଙ୍ଗ ପୁଅଙ୍କ ସହ ବିବାହ କରିଥିବାର ଦୃଶ୍ୟ ମଧ୍ୟ ଦୃଷ୍ଟିଗୋଚର ହୁଏ। କୃଷ୍ଣକାୟ ପୁଅମାନେ ମଧ୍ୟ ଶ୍ୱେତାଙ୍ଗୀମାନଙ୍କୁ ବିବାହ କରିଥିବାର ଉଦାହରଣ ବିରଳ ନୁହେଁ। ଟେକ୍ସାସ, ଫ୍ଲୋରିଡା ଏବଂ ଜର୍ଜିଆ ପରି ରାଜ୍ୟରେ ସେମାନେ ସଂଖ୍ୟାଗରିଷ୍ଠ। ନ୍ୟୁୟର୍କ, ଆଟଲାଣ୍ଟା, ୱାଶିଂଟନ ଡିସି ଓ ଚିକାଗୋ ଭଳି ସହରରେ ମଧ୍ୟ ଏମାନ ବହୁଳ ଭାବରେ ରହିଛନ୍ତି। କୃଷ୍ଣକାୟଙ୍କ ଉପରେ ହୋଇଥିବା ଏକ ସର୍ଭେରୁ ଜଣାପଡ଼େ ଯେ ସେମାନଙ୍କର ହାରାହାରି ବାର୍ଷିକ ପାରିବାରିକ ଆୟ ୫୪,୦୦୦ ଡଲାରରୁ ଊର୍ଦ୍ଧ୍ୱ (ଅର୍ଥାତ ୪୭ ଲକ୍ଷ ଟଙ୍କା)। ୩୭% କୃଷ୍ଣକାୟ ପରିବାରର ଆୟ ବାର୍ଷିକ ୭୫,୦୦୦ ଡଲାରରୁ ଊର୍ଦ୍ଧ୍ୱ ଏବଂ ୨୫% ପରିବାରର ବାର୍ଷିକ ଆୟ ୧,୦୦,୦୦୦ ଡଲାରରୁ ଊର୍ଦ୍ଧ୍ୱ (୮୮ ଲକ୍ଷ ଟଙ୍କା)। ଶିକ୍ଷାକ୍ଷେତ୍ରରେ ଦେଖାଯାଇଛି ଯେ ୪୧% କୃଷ୍ଣକାୟ ଅନ୍ୟୂନ ଗ୍ରାଜୁଏଟ ଏବଂ ୧୧% ଉଚ୍ଚତର ଡିଗ୍ରୀଧାରୀ। ଉଚ୍ଚତର ଶିକ୍ଷା ଏବଂ ଆୟ ଯୋଗୁ ସେମାନେ ଆଉ ଦ୍ୱିତୀୟ ଶ୍ରେଣୀର ନାଗରିକ ରୂପେ ପରିଗଣିତ ହେଉ ନାହାନ୍ତି। ସେମାନଙ୍କ ଭିତରୁ ଅନେକେ ଏବେ ପୋଲିସ , ସୈନ୍ୟବାହିନୀ ଅଥବା ବିଭିନ୍ନ ପ୍ରଶାସନିକ ପଦପଦବୀରେ ଅଧିଷ୍ଠିତ ଏବଂ ନିର୍ଣ୍ଣାୟକ ଭୂମିକାରେ ଅଛନ୍ତି

ସାମାଜିକ ପରିବର୍ତ୍ତନରେ ଦିନେ ଯେଉଁମାନେ ସମାଜକୁ ନିୟନ୍ତ୍ରଣ କରୁଥିଲେ ସେମାନେ ଏବେ ସାଧାରଣ ନାଗରିକ ଏବଂ ଯେଉଁମାନେ ଦଳିତଦଳାନ୍ତ ହୋଇ କ୍ରୀତଦାସ ଜୀବନ ଜିଉଥିଲେ ସେମାନେ ମୁଣ୍ଡଟେକି ଚାଲୁଛନ୍ତି। ଗଣତନ୍ତ୍ରରେ ଏ ସବୁ ସମ୍ଭବ। ଆମ ଦେଶରେ ଚା' ବିକୁଥିବା ଲୋକ ବି ଦିନେ ଦେଶର ପ୍ରଧାନମନ୍ତ୍ରୀ ପାଲଟିପାରେ ଏବଂ ନିଜାମଙ୍କ ପରିବାର ଲୋକେ ବି ପେଟ ପୋଷିବାକୁ ଚା' ବିକି ପାରନ୍ତି! ଏକଦା ଜମିଦାରି କରୁଥିବା ପରିବାରର ଦାୟାଦ ଦାଦନ ଖଟିବାକୁ ଯାଇପାରେ ଏବଂ ଦାଦନ ଖଟୁଥିବ ପରିବାରର ପିଲା ବି କଲେକ୍ଟର ହୋଇପାରେ। ତେଣୁ ଅଙ୍କଲ ସାମ୍ (ସାମ୍ କକା)ଙ୍କ ଦେଶରେ ଅଙ୍କଲ ଟମ୍ (ଟମ୍ କକା) ସବୁଦିନ ପାଇଁ କ'ଣ ଦୁଃଖିନୀ ଗୋବରଗୋଟେଇର ଦାୟାଦ ହୋଇ ରହିଥାନ୍ତେ ? କେବେ ନା କେବେ ଦିନେ ତ ତାଙ୍କ ଭିତରୁ ଜଣେ କେହି ବାରାକ ଓବାମା ବାହାରେ! କେବେ ଦିନେ ତ ସେମାନେ ମୁଣ୍ଡଟେକି 'ହ୍ୱାଇଟ ହାଉସ' ରେ ପତାକା ଉତ୍ତୋଳନ କରନ୍ତି ଯେଉଁ ପତାକା ତଳେ ସାଲ୍ୟୁଟ ମାରି ଠିଆହୋଇଥାନ୍ତି ଅଙ୍କଲ ସାମ୍!

ମୋ: ୯୪୩୭୨୮୬୫୧୨

# ଜୀବନର ମୂଲ୍ୟ



ଡ. ମନୋରଞ୍ଜନ ପ୍ରଧାନ

ଆଜିକାଲିର ଯୁବପିଢ଼ି ପାଖରେ ଜୀବନ ମୂଲ୍ୟର ଉତ୍କଟ ଅଭାବ ସବୁଆଡ଼େ ପରିଲକ୍ଷିତ ହେଲାଣି, ଯାହା ସମାଜ ପାଇଁ ଏକ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯୁବପିଢ଼ି ପାଇଁ ଶିକ୍ଷା କହିଲେ ପାଠ ଘୋଷିବା, ପ୍ରଶ୍ନୋତ୍ତର କରିବା ଏବଂ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା। ଚାକିରିଟିଏ କରି ରୋଜଗାର କରିବା ସେମାନଙ୍କ ଜୀବନର ସବୁଠାରୁ ବଡ଼ ଲକ୍ଷ୍ୟ ବୋଲି ଗ୍ରହଣ କରିସାରିଲେଣି। କିନ୍ତୁ ସାଧାରଣ ଜୀବନର ମୂଲ୍ୟ ଅଭାବରେ ଜୀବନଟା ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ, ଅସନ୍ତୁଳିତ ଓ ବିଶୃଙ୍ଖଳିତ ହୋଇଯାଏ ସେକଥାଟି ପିଲାଙ୍କ ଚିନ୍ତା ଓ ଚେତନାରେ ନାହିଁ କି ତାହା ସେମାନଙ୍କ ମୁଣ୍ଡରେ ଭର୍ତ୍ତି କରିବାକୁ ଆଜିକାଲିର ଶିକ୍ଷୟିତ୍ରୀ ଶିକ୍ଷକ ଅବା ପିତାମାତା ଜରୁରୀ ମନେକରୁନାହାନ୍ତି। ଉଦାହରଣ ସ୍ୱରୂପ ଆପଣ ଆପଣଙ୍କ ପିଲାଙ୍କ କିମ୍ବା ନିଜ ପାଖାପାଖି ରହୁଥିବା ଯୁବତୀଯୁବକଙ୍କ ପାଖରେ ଏଭଳି ଆଚରଣ ନିଶ୍ଚିତ ଦେଖିଥିବେ ଯେଉଁଥିପାଇଁ ସେମାନଙ୍କର ସାମାନ୍ୟ ଅନୁସୂଚନା ନାହିଁ। ଯେମିତି କି ଘରର/ ଅଫିସ୍‌ର/ ସାଧାରଣ ସ୍ଥାନରେ ଲାଇଟ ଜଳୁଥିବ, ଫ୍ୟାନ୍ ବୁଲୁଥିବ, ଟ୍ୟାପ୍‌ରେ ପାଣି ବୋହିଯାଉଥିବା, ଏଭଳି ଅନେକ ଘଟଣା ଦୈନନ୍ଦିନ ଜୀବନରେ ଦେଖୁଥିବେ। ସେଗୁଡ଼ିକୁ ବନ୍ଦ କରିବା, ଜଳ, ବିଜୁଳି ଇତ୍ୟାଦିକୁ ସଂରକ୍ଷଣ ଆମର ସାମ୍ବିଧାନିକ ଓ ମାନବିକ କର୍ତ୍ତବ୍ୟ ଏକଥା ସେମାନେ ବୁଝିପାରନ୍ତି ନାହିଁ କିମ୍ବା ସେମାନଙ୍କୁ ଏ କଥାଟା ବୁଝେଇବାକୁ ଅଭିଭାବକମାନେ ହେୟଜ୍ଞାନ କରୁଛନ୍ତି। ସେଥିପାଇଁ ନିଜର ଜିନିଷପତ୍ର ଠିକ୍ ଭାବେ ରଖିବା, ଶୃଙ୍ଖଳିତ ଦୈନନ୍ଦିନ ବା ଜୀବନଚର୍ଯ୍ୟା, ପ୍ରକୃତି ଅନୁକୂଳ କାର୍ଯ୍ୟ କରିବା ଆଦି ସାଧାରଣ ଜୀବନ ମୂଲ୍ୟ ଆଧାରିତ ଅନୁଶାସନଯୁକ୍ତ ଜୀବନ ପ୍ରଣାଳୀ ଆଜିକାଲିର ଯୁବତୀଯୁବକମାନଙ୍କ ପାଖରେ ଦୃଶ୍ୟମାନ ହେଉନାହିଁ। ଏମିତିକି ମୋବାଇଲ ଫୋନ୍ ଧରି ଘଣ୍ଟା ଘଣ୍ଟା ବସିଥିବେ ଅଥଚ ବାପାମାଆଙ୍କ କାମରେ ସ୍ୱତଃ ସହଯୋଗ ନିମନ୍ତେ ସାମାନ୍ୟ ସମ୍ବେଦନଶୀଳତା ଆଜିକାଲିର ଯୁବତୀଯୁବକମାନଙ୍କ ପାଖରେ ଦେଖିବାକୁ ମିଳୁନାହିଁ।

ମୋର ବ୍ୟକ୍ତିଗତ ମତ ହେଉଛି ଯେତେ ବଡ଼ ପାଠୁଆ ସେତେ ସାଧାରଣ ଜୀବନର ମୂଲ୍ୟର ଅଭାବ। ଅନେକ ଘଟଣା ଭିତରୁ କେତୋଟି ଉଦାହରଣ ଦେଉଛି। କିଛିଦିନ ତଳେ ସପରିବାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଯାଇଥିବା ସମୟରେ ପହଞ୍ଚିଲୁ ଏକ ପ୍ରମୋଦ ଉଦ୍ୟାନରେ। କେତେଜଣ ଯୁବକ ଯାହାଙ୍କ କଥାବାର୍ତ୍ତା କୌଣସି ଏକ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭଳି ବାରିହେଉଥିଲା। ସେମାନଙ୍କ ସଂଖ୍ୟା ପ୍ରାୟ ୬ ଯୋଡ଼ି। ସେମାନଙ୍କ ପୋଷାକ ବା ପରିଧାନ ବିଷୟରେ ମୋର କିଛି କହିବାର ନାହିଁ। କିନ୍ତୁ ସେମାନଙ୍କ କେତୋଟି ଆଚରଣ ବହୁତ କଷ୍ଟ ଦେଲା। ପ୍ରଥମତଃ ସେମାନେ ଉଚ୍ଚ ସ୍ୱରରେ ଯେଭଳି ଅଶ୍ଳୀଳ ଓ ଅସଭ୍ୟ ଅପଶବ୍ଦଗୁଡ଼ିକ ବ୍ୟବହାର କରୁଥିଲେ ତାହା ପର୍ଯ୍ୟଟକମାନଙ୍କ ପାଇଁ



ଅରୁଚିକର ଓ ଅଶ୍ରାବ୍ୟ ତଥା ଅଶ୍ଳୀଳ ଥିଲା। ତଥାପି ସମସ୍ତେ ଚୁପ୍‌ଚାପ୍ ସହିଯାଉଥିଲେ। କିନ୍ତୁ ସେମାନେ ଏତେ ଉଦ୍ଧତ ଯେ ଆଗ ପଛରେ ଯାଉଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଆକ୍ଷେପ କରିବାକୁ ପଛାଉ ନ ଥିଲେ। ଏସବୁରେ ଅତିଷ୍ଠ ହୋଇ ଜଣେ ବରିଷ୍ଠ ନାଗରିକ ସେମାନଙ୍କୁ ଶାନ୍ତିଶୃଙ୍ଖଳାରେ ଯିବାକୁ ପଦେ ଦିପଦ ଅଭିଭାବକ ଭଳି ତାଗିଦ କଲେ। ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରତିକ୍ରିୟା ଯେଭଳି ଥିଲା ଯେକେହି ଆଶ୍ଚର୍ଯ୍ୟ ପ୍ରକଟ କରିବେ। ସାଧାରଣ ଜୀବନ ମୂଲ୍ୟ ଯଦି ସେମାନଙ୍କ ପାଖରେ ଥାଆନ୍ତା ଅନ୍ତତଃ ବୟସ ଅନୁସାରେ ବୟୋବୃଦ୍ଧ ବ୍ୟକ୍ତି ଜଣକୁ ସମ୍ମାନ ଜଣାଇ ଚୁପ୍ ରହିଥାନ୍ତେ। କିନ୍ତୁ ଅବିବେକୀ ଓ ଅନୁଶାସନହୀନ ଯୁବତୀଯୁବକମାନେ ତାଙ୍କୁ ଅପମାନିତ କଲେ। ସାଙ୍ଗରେ ଆଣିଥିବା ମୃଦୁପାନୀୟ ବୋତଲଗୁଡ଼ିକୁ ବେପରୁଆ ଭାବେ ଫିଙ୍ଗିବା, ପ୍ୟାକେଟ ଖାଦ୍ୟ ଜରିଗୁଡ଼ିକ ଏଣେତେଣେ ଫିଙ୍ଗି ପର୍ଯ୍ୟଟନସ୍ଥଳକୁ ଅପରିଷ୍କାର କରିବା, କାନ୍ଥବାଡ଼, ଗଛରେ ବିଭିନ୍ନ କଥା ଲେଖିବା ଭଳି କାମ କରିଚାଲିଲେ। ଏଭଳି ବିଯୁକ୍ତ ପାଠୁଆଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେଥିପାଇଁ ଆଜିକାଲି କୌଣସି ପ୍ରମୋଦ ଉଦ୍ୟାନକୁ ପରିବାର ସହ ଯିବାକୁ ଲାଜ ଲାଗୁଛି।

ସାଧାରଣ ନାଗରିକ ଦାୟିତ୍ୱ ମଧ୍ୟ ଆଜିର ଯୁବଗୋଷ୍ଠୀ ଭୁଲିଯାଉଛନ୍ତି। ସେଥିପାଇଁ ସବୁ ଜାଗାରେ କୁଢ଼ କୁଢ଼ ପଲିଥିନ୍, ପ୍ଲାଷ୍ଟିକ୍ ବୋତଲ ଆଦି ପର୍ଯ୍ୟାବରଣ ପ୍ରତିକୂଳ ସାମଗ୍ରୀ ସବୁଆଡ଼େ। ମହାତ୍ମା ଗାନ୍ଧୀ ୭ଟି ପାପ ସମ୍ବନ୍ଧରେ କହୁଥିଲେ ଯଥା– ପରିଶ୍ରମ ବିନା କାମ, ବିବେକ ବିନା ଆନନ୍ଦ, ଚରିତ୍ର ବିନା ଜ୍ଞାନ, ନୈତିକତା ବିନା ବ୍ୟବସାୟ, ମାନବତା ବିନା ବିଜ୍ଞାନ, ବଳିଦାନ ବିନା ଧର୍ମ ଏବଂ ସିଦ୍ଧାନ୍ତ ବିନା ରାଜନୀତି। କିନ୍ତୁ ଆଜି ସମାଜରେ ଏସବୁ ଜୀବନ ମୂଲ୍ୟର ଅଭାବ ହେତୁ ସମାଜରେ ଅସନ୍ତୁଳନକୁ ଗଭୀର କରିଦେଇଛି। ହେଲେ ଆମେ ସବୁ ପ୍ରତିମା ପୂଜାର ଉପାସକ ହୋଇଛନ୍ତି। ଭାଷଣରେ କଣ୍ଠଫଟେଇ ତାଙ୍କ ଗୁଣ ବନ୍ଦନାରେ ବ୍ୟସ୍ତ। କେବଳ ଗାନ୍ଧୀଙ୍କ ଫଟୋ ଧରି ଆନ୍ଦୋଳନ କରିବା ବା ନିଜର ଆଦର୍ଶ କହିଦେଲେ କାମ ଚଳିବନାହିଁ। ମହାପୁରୁଷଙ୍କ କଥାକୁ ମାନି ନିଜକୁ ସେମାନଙ୍କ ଯୋଗ୍ୟ ଦାୟାଦ ବା ସମାଜର ଜଣେ ଉପଯୋଗୀ ଯୋଗ୍ୟ ନାଗରିକ ଭାବରେ ନିଜକୁ ଉପସ୍ଥାପିତ କରିବା ରାଷ୍ଟ୍ରୀୟ କାର୍ଯ୍ୟ। କିନ୍ତୁ ଆଜିକାଲି ଏମିତି ପରିସ୍ଥିତି ହେଲାଣି ଯେ ନିଜ ପିଲାମାନଙ୍କୁ ମଧ୍ୟ କୌଣସି କାମ କରିବାକୁ କହିଲେ ଆମର ଲାଭ କ'ଣ ବୋଲି ପଚାରିବାକୁ ପଛାଉ ନାହାନ୍ତି। ମାନେ ଆଜି ସବୁଠି ଲାଭକ୍ଷତିର ହିସାବ। ସେଥିପାଇଁ ସମାଜ ଏକ ପ୍ରକାର ପ୍ରୟୋଜନବାଦୀ ବା ସୁବିଧାବାଦୀ ମାନସିକତାର ବଶବର୍ତ୍ତୀ। ଏମିତି କି କାହାକୁ ବିଶ୍ୱାସ କରିବା ସମ୍ଭବ ହେଉନାହିଁ। କିନ୍ତୁ ଏହା ମାନବ ସମାଜର ଅଜସ୍ର କ୍ଷତି କରିବ। ତେଣୁ ପିଲାବେଳୁ ପିଲାଙ୍କ ଭିତରେ ଅନୁଶାସନ ସହ ଛୋଟ ଛୋଟ ସଂସ୍କାର ପ୍ରତି ଯଥେଷ୍ଟ ଧ୍ୟାନ କୈନ୍ଦ୍ରିକ କରିବାକୁ ପିତାମାତା, ପରିବାର ଓ ଶିକ୍ଷାନୁଷ୍ଠାନ ତଥା ସମାଜର ପ୍ରତ୍ୟେକ ସଦସ୍ୟାସଦସ୍ୟଙ୍କର ଗୁରୁଦାୟିତ୍ୱ।

ସହକାରୀ ପ୍ରଫେସର,
ବିକ୍ରମଦେବ ବିଶ୍ୱବିଦ୍ୟାଳୟ,
ଜୟପୁର, କୋରାପୁଟ
ମୋ: ୯୪୩୭୯୪୮୧୮

## ଏଇ ଭାରତରେ

ରୋଗପୋକ ନିୟନ୍ତ୍ରଣ ଓ ଜଳବାୟୁର ପ୍ରତିକୂଳ ସ୍ଥିତି ସମ୍ପର୍କିତ ତଥ୍ୟ ସଂଗ୍ରହ କରୁଥିବା ଟେକ୍ନୋଲୋଜି ଏବେ ଆଧୁନିକ କୃଷିକୁ ନୂଆ ଦିଗ ଦେଖାଇଛି। ଏହି କ୍ରମରେ ଉତ୍ତରପ୍ରଦେଶର ଶୈଳେନ୍ଦ୍ର ତିୱାରୀ ଏବଂ ଆନନ୍ଦ ବର୍ମା ମିଳିତ ଭାବେ ସେନ୍‌ସର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାଚାଳିତ ଗ୍ୟାଜେଟ୍ ବ୍ୟବହାର କରି ଉତ୍ପାଦନ ବୃଦ୍ଧି କରିବାରେ କୃଷକଙ୍କୁ ସହଯୋଗ କରୁଛନ୍ତି। ଏହିସବୁ ଗ୍ୟାଜେଟ୍ ବ୍ୟବହାର ଯୋଗୁ ଚାଷରେ ହେଉଥିବା ଖର୍ଚ୍ଚ କମ୍ ହେବା ସହ ଜଳସେଚନରେ ନଷ୍ଟ ହେଉଥିବା ପାଣିର ସଂରକ୍ଷଣ ହୋଇପାରୁଛି। ଏହି ଟେକ୍ନୋଲୋଜିରେ ସେମାନେ ୫୨ ବିଲିୟନ ଲିଟର ପାଣି ବଞ୍ଚାଇ ପାରିଛନ୍ତି। କେବଳ ଏତିକି ନୁହେଁ, କୀଟନାଶକ ୬୦% କମ୍ ହେବା ସହ ୪୦% ଉତ୍ପାଦନ ବଢ଼ୁଛି। ଶୈଳେନ୍ଦ୍ର ଓ ଆନନ୍ଦ ଉଭୟ କୃଷକ ପରିବାର ସଦସ୍ୟ। ସେମାନେ ମିଳିତ ଭାବେ ୨୦୧୭ରେ 'ଫସଲକ୍ରାନ୍ତି' ଷ୍ଟାର୍ଟଅପ୍ ଗଠନକରି କୃଷିକ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗକୁ ବ୍ୟାପକ କରିବା ସକାଶେ ଅଭିଯାନ ଚଳାଇଛନ୍ତି। ସେମାନେ ଛତିଶଗଡ଼, କର୍ନାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଜମିରେ ଏହି ଟେକ୍ନୋଲୋଜିକୁ ପ୍ରୟୋଗ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୭୬

- ରୋଡେସିଆକୁ ସ୍ୱାଧୀନତା ଦେବା ଲାଗି ଦିନ ଧାର୍ଯ୍ୟ କରିବା ସମ୍ପର୍କରେ ବସିଥିବା ରୋଡେସିଆର ଭବିଷ୍ୟତ ନିର୍ଦ୍ଧାରଣ ସମ୍ପର୍କୀୟ ସମ୍ମିଳନୀରେ ଅଚଳ ଅବସ୍ଥା ସୃଷ୍ଟି।
- ଜଦାଖରେ ଥିବା ବୌଦ୍ଧ ଚିତ୍ରକଳାର ସୁରକ୍ଷା ପାଇଁ ଜମ୍ମୁ ଓ କଶ୍ମୀର ସରକାର ଜାତିସଂଘ ଶିକ୍ଷା ସାଂସ୍କୃତିକ ଓ ବିଜ୍ଞାନ ସଂଗଠନକୁ ସାହାଯ୍ୟ ନିମନ୍ତେ ଅନୁରୋଧ କରିଛନ୍ତି।

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | 7 |
| 3 | | | 4 | | | | | |
| | 9 | | | | 1 | | 6 | |
| | 4 | | | 2 | | | 3 | |
| | | 6 | | | | | 9 | |
| | 2 | | | | 7 | | | 6 |
| 4 | | | | | | | | |
| | | | | 5 | | | | 8 |
| | | | | 7 | 2 | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 7 | 2 | 5 | 4 | 9 | 1 |
| 9 | 1 | 4 | 8 | 6 | 3 | 2 | 5 | 7 |
| 2 | 7 | 5 | 1 | 4 | 9 | 6 | 3 | 8 |
| 6 | 2 | 3 | 5 | 7 | 8 | 1 | 4 | 9 |
| 7 | 4 | 1 | 3 | 9 | 2 | 5 | 8 | 6 |
| 5 | 8 | 9 | 6 | 1 | 4 | 7 | 2 | 3 |
| 4 | 5 | 7 | 9 | 3 | 1 | 8 | 6 | 2 |
| 1 | 3 | 2 | 4 | 8 | 6 | 9 | 7 | 5 |
| 8 | 9 | 6 | 2 | 5 | 7 | 3 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ନିରାକରଣ ନୁହେଁ, ନବୀକରଣ ସପ୍ତାହ ପାଳନ

ମହାଶୟ,

ପ୍ରତ୍ୟେକ ବର୍ଷ ଦେଶ ତଥା ରାଜ୍ୟଗୁଡ଼ିକରେ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଦୁର୍ନୀତି ନିରାକରଣ ସପ୍ତାହ ଜିଲାପାଳଙ୍କ ଅଫିସ ସହ ବିଭିନ୍ନ ପ୍ରଶାସନିକ କାର୍ଯ୍ୟାଳୟରେ ପ୍ରଚାରପତ୍ର ବଣ୍ଟାଯାଉଛି। ଏହା ସହ ଆଲୋଚନାଚକ୍ର ଆୟୋଜିତ କରାଯାଇ ଶପଥପାଠ କରାଯାଉଛି। ବାସ୍ତବରେଏମାନେ କିଏ ? ସେମାନେ ଦୁର୍ନୀତିର କାରଣ ଓ କାରକ। ଏମାନଙ୍କ ଶପଥପାଠ ବିଚାରାଳୟରେ ଟଙ୍କା ଖାଇ ମିଥ୍ୟା ସାକ୍ଷୀ ଦେବାକୁ ଆସିଥିବା ସାକ୍ଷୀଙ୍କ ଶପଥପାଠ ସହ ସମାନ। ସେମାନେ ଗୀତା, କୋରାନ୍, ବାଇବେଲ ଛୁଇଁ କହିଥାନ୍ତି– ମୁଁ ଯାହା କହିବି ସତ କହିବି ମିଛ କହିବି ନାହିଁ,କିନ୍ତୁ ତାହା ପ୍ରାୟତଃ ପାଳନ କରି ନଥାନ୍ତି। ଦେଶରେ ଏବେ ଅନେକ ଆଇଏଏସ୍, ଆଇପିଏସ୍, ଓଏଏସ୍ ଅଫିସର, ବିଚାରପତି ଦୁର୍ନୀତି ପାଇଁ ପ୍ରତିଯୋଗିତା କରୁଛନ୍ତି। ଏହାର ନିରାକରଣ ଦେଶର ସାଧାରଣ ଜନତା କରିପାରନ୍ତେ, କିନ୍ତୁ ଉତ୍ତମ ନାଗରିକ ନାହାନ୍ତି। ଚୋର କହୁଛି ଚୋର ପଳାଇଲା, ଚୋର ଚୋରକୁ ଗୋଡ଼ାଉଛି।

**– ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

## ଚିରନ୍ତନୀ

ଫଗୁଣ ନିଶାବାସେ ଝୁରଇ ଦୟିତ
ଫଗୁଣ ଆସେ କେତେ ଆସଇ ଚଇତ
କୁସୁମ ଦେଖି ଆସେ କୋକିଳ ଗାୟିକା
ଫେରଇ ନାହିଁ କିପାଁ ପରାଣ–ନାୟିକା ?
ଯେ ଜନ ଯାଏ ଛାଡ଼ି ଫେରଇ ନାହିଁ ତ
ଫଗୁଣ ନିଶାବାସେ ଝୁରଇ ଦୟିତ।

–(ସୁଦୂର ଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲଟାବୁଦା ମୂଳରୁ ଯୁବକଙ୍କ ମୃତଦେହ ଜବତ

ମୋହନା,୮।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଲେଡବନ୍ଧ ବୁଲାଣି ରାସ୍ତା କଡ ଲଟାବୁଦା ଭିତରୁ ଶନିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କୁ ପୋଲିସ ମୋହନା ମେଡିକାଲ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର କିରନ ସାହୁ ମୃତ ଘୋଷଣା କରିଥିଲେ। ସମ୍ପୃକ୍ତ ଯୁବକ ଜଣକ ଗଞ୍ଜାମ ଜିଲା କଇଠିଆ ଗାଁର ରାମଚନ୍ଦ୍ର ବେହେରା (୨୪) ବୋଲି ତାଙ୍କ ନିକଟରୁ ମିଳିଥିବା ଆଧାର କାର୍ଡରୁ ଜଣାପଡିଛି। ରାମଚନ୍ଦ୍ର ବାଇକ୍ (ଓଡି ୦୭ଟି-୫୭୦୪)ରେ ବ୍ରହ୍ମପୁରରୁ ରାୟଗଡା ସଂଯୋଗ କରୁଥିବା ୩୨୬ ଜାତୀୟ ରାଜପଥରେ ଆସୁଥିବା ବେଳେ ମୋହନା ନିକଟସ୍ଥ ଲେଡବନ୍ଧ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଲଟା ବୁଦା ଭିତରକୁ ଛିଟିକି ପଡିଥିଲେ। ଏହା ଦେଖି ଅଞ୍ଚଳର କେତେ ଜଣ ଲୋକ ପୋଲିସକୁ ଖବର ଦେଇଥିଲେ। ମୋହନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଡକାଇ ତାଙ୍କୁ ମୋହନା ମେଡିକାଲକୁ ନେଇଥିଲେ। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଚଳାଇଥିବା ଜଣାପଡିଛି।

# ବସ-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ବ୍ରାହ୍ମଣୀଗାଁ ୮।୧୧ :(ମନୋରଞ୍ଜନ ରଣା)

ବ୍ରାମଣୀଗାଁ ଥାନା ସ୍ଥିତ ବଡ଼ ଶଙ୍ଖଠାରେ ବସ ଓ ବାଇକ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ କିନାରୀଗାଁର ପ୍ରକାଶ ବଡ଼ାଇକ (୩୯) ଏବଂ ଗୁରୁତର ଛାତ୍ରୀ ଜଣକ ହେଲେ ପୂଜାରାଣୀ ପାତ୍ର (୧୮)। ସୂଚନା ଅନୁସାରେ, ଚନ୍ଦ୍ରପୁରଠାରୁ ବ୍ରହ୍ମପୁର ଯାଉଥିବା ମହାଲକ୍ଷ୍ମୀ ନାମକ ଏକ ଘରଇ ବସ୍ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜଣେ କଲେଜ ଛାତ୍ରୀ ଗୁରୁତର ହୋଇଛନ୍ତି। ଆହତ ଛାତ୍ରୀଙ୍କୁ ପ୍ରଥମେ ବ୍ରାହ୍ମଣୀଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଛି।। ମୃତକଙ୍କ ପରିବାର ଲୋକେ ବସ୍‌କୁ ଅଟକାଇବା ସହ କ୍ଷତି ପୂରଣ ଦାବିରେ ମୃତଦେହକୁ ରାସ୍ତାରେ ରଖି ଧାରଣା ଦେଇଥିଲେ। ଦାରିଙ୍ଗବାଡ଼ି ତାସିଲଦର୍ ଧିରଜ କୁମାର ପାତ୍ର ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ରେଡକ୍ରସ୍ ତରଫରୁ ମୃତ ବେକ୍ତିଙ୍କ ଭାଇଙ୍କୁ ୨ହଜାର ଏବଂ ବ୍ରାହ୍ମଣୀଗାଁ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପରେ ଲୋକମାନେ ରାସ୍ତାରୁ ହଟିଥିଲେ।

# ଶେରଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଶେରଗଡ଼,୮।୧୧
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ବିଜେଡିର ଜନସମ୍ପର୍କ ପଦଯାତ୍ରା ଠୁଠୁରାଇ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୩ଟି ଜିଲା ପରିଷଦ ଜୋନରୁ ବହୁ ସଂଖ୍ୟାରେ ଦଳୀୟ ନେତା କର୍ମୀ ଏଥିରେ ହନୁମାନ ମନ୍ଦିରଠାରୁ ବାହାରି ପଦଯାତ୍ରା କରି ଆଖପାଖ ଗ୍ରାମ ପରିକ୍ରମା କରିଥିଲେ। ପରେ ଠୁଠୁରାଇ ଗ୍ରାମରେ ଏକ ସଭା ହୋଇଥିଲା। ହିଞ୍ଜିଳିକାଟୁର ବିଜେଡି ନେତା ଦେବାନନ୍ଦ ମହାପାତ୍ର, ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ବରିଷ୍ଠ ନେତା ହୀନ ବେହେରା, ହୃଷିକେଶ ପାଢ଼ୀ, ମେଘନାଦ ଦାସ, ଦୁର୍ଗା ପ୍ରସାଦ ବିଷୋୟୀ, ବଳରାମ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ଭାଜପା ସରକାର ସବୁଥିରେ ବିଫଳ ହୋଇଥିବା ଅଭିଯୋଗ କରି ମଞ୍ଚାସୀନ ଅତିଥିମାନେ ସମାଲୋଚନା କରିଥିଲେ।

# ଏକ୍ସପାଏରି ସାମଗ୍ରୀ ବିକ୍ରି ଅଭିଯୋଗର ତଦାରଖ କଲେ ଜିଲା ଖାଦ୍ୟ ପରିଦର୍ଶକ

## ସମ୍ପୃକ୍ତ ବ୍ୟବସାୟୀଙ୍କୁ ୧୦ ହଜାର ଟଙ୍କା ଜରିମାନା

କାଶୀନଗର,୮।୧୧(ପି.ମୁରଲୀ)

ଗଜପତି ଜିଲା କାଶୀନଗରରେ ଥିବା ବିଭିନ୍ନ ହୋଲୋସେଲ ଦୋକାନରେ ତାରିଖ ଏକ୍ସପାରି କରିଥିବା ବିଭିନ୍ନ ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ଜିଲା ଖାଦ୍ୟ ପରିଦର୍ଶକ ଯାଞ୍ଚ କରି ଏକ ଦୋକାନକୁ ବନ୍ଦ କରି ଜରିମାନା କରିଥିବା ଜଣାପଡିଛି। ସିମାଦ୍ରୀ ସନ୍ତୋଷ ନାମକ ବ୍ୟବସାୟୀ ବିନା ଖାଦ୍ୟ ଲାଇସେନ୍ସରେ ବିଭିନ୍ନ ରକମର ବିସ୍କୁଟ, ଚୋକୋଲେଟ, କୋଲଡ୍ରିଙ୍କ୍ ଆଦି ବିକ୍ରି କରୁଥିଲେ। ଏହି ସବୁ ଜିନିଷର ଏକ୍ସପାଏରି ଡେଟ ଅତିକ୍ରମ କରିଯାଇଥିଲେ ମଧ୍ୟ ସେ ଏହାକୁ ଗ୍ରାହକଙ୍କୁ ବିକ୍ରି କରୁଥିଲେ। ଏନେଇ ଶୁକ୍ରବାର ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ପ୍ରଥମେ କାଶୀନଗର ପୋଲିସ ଉକ୍ତ ଦୋକାନରେ ପହଞ୍ଚି ବିଭିନ୍ନ ସାମଗ୍ରୀ ତଦାରଖ କରିଥିଲେ। ଏକ୍ସପାରି ଡେଟ୍ ଅତିକ୍ରମ କରିଯାଇଥିବା ସାମଗ୍ରୀ ଦେଖି ପୋଲିସ ଦୋକାନ ବନ୍ଦ କରିଥିଲା। ପରେ ଜିଲା ଖାଦ୍ୟ ପରିଦର୍ଶକ ତପସ୍ୱିନୀ ବେହେରା ପହଞ୍ଚି ତଦାରଖ କରି ସେଠାରେ ଥିବା କିଛି ସାମଗ୍ରୀ ସମ୍ପଲ ନେଇ ବ୍ୟବସାୟୀଙ୍କୁ ଶନିବାର ନିଜ ଅଫିସକୁ ଡାକି ୧୦ ହଜାର ଟଙ୍କା ଜରିମାନା ଆଦାୟ କରି ଛାଡ଼ି ଦେଇଥିଲେ। ଜିଲା ଖାଦ୍ୟ ପରିଦର୍ଶକ ବେହେରା କହିଛନ୍ତି, ତାଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ପୋଲିସ ଉପସ୍ଥିତରେ ଉକ୍ତ ଦୋକାନରେ ଥିବା ଏକ୍ସପାଏରି ତାରିଖର ସାମଗ୍ରୀ ସବୁ ନଷ୍ଟ କରିବା ପରେ ଦୋକାନ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯିବ ବୋଲି କହିଥିଲେ। ତେବେ ଜରିମାନା ଦେବା ପରେ ଦୋକାନ ମାଲିକ ଦୋକାନ ଖୋଲିପାରିବେ ମାତ୍ର କୌଣସି ସାମଗ୍ରୀ ବିକ୍ରି କରିପାରିବେ ନାହିଁ। ୨୪ ଘଣ୍ଟା ଭିତରେ ଏକପାଏରି ତାରିଖ ଅତିକ୍ରମ କରିଥିବା ସାମଗ୍ରୀ ପୋଲିସ ନଷ୍ଟ କରିବା ପରେ ସେ ଦୋକାନରେ ଜିନିଷ ବିକ୍ରି କରିପାରିବେ ବୋଲି ଥାନା ଏସ୍‌ଆଇ କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ବ୍ୟବସାୟୀ ଦୋକାନ ଖୋଲି ଜିନିଷପତ୍ର ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତଦାରଖ କରି ଉଚିତ୍ ପଦକ୍ଷେପ ନେବେ ବୋଲି କହିଛନ୍ତି।



ପୋଲିସ ସମ୍ପୃକ୍ତ ଦୋକାନରେ ଏକ୍ସପାଏରି ସାମଗ୍ରୀର ତଦାରଖ ସହ ଦୋକାନୀଙ୍କୁ ପଚରାଉଚରା କରୁଛି।

# ଗ୍ରାମ୍ୟ ରାସ୍ତା ମରାମତି ଲାଗି ଦାବି

ଆସିକା, ୮।୧୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସିର ସୁନାମ୍ବ ସାହିଠାରୁ ମଙ୍ଗଳପୁର ଯାଏ ଯାଇଥିବା ଗ୍ରାମ ଉନ୍ନୟନ ବିଭାଗର ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାକୁ ଗଲାଣି। ଚିତିମତ ଏହି ରାସ୍ତାରେ ବାଲି ବୋଝେଇ ଭାରି ଯାନର ଚଳାଚଳ ଯୋଗୁ ଦିନକୁ ଦିନ ଦବିଯାଇ ଖାଲଖମାରେ ପରିଣତ ହେଲାଣି। ଏହି ରାସ୍ତା ଉପରେ ଗଣ୍ଡପଲ୍ଲୀ, ତୁମ୍ଭା ଠେଙ୍ଗାପଲ୍ଲୀ, ଚଢ଼ିଆପଲୀ, ଫୁସଲରପଲୀ, ଜଗନ୍ନାଥପଲୀ, କେ. ରାଇସିଂପୁର ଶାସନ, ମଙ୍ଗଳପୁର, ନବରତ୍ନପୁର, ଗଙ୍ଗାପୁର ଆଦି ଗ୍ରାମାଞ୍ଚଳର ଲୋକ ଆସିକା ସହରକୁ ଯାତାୟତ ଲାଗି ବିଶେଷ ଭାବେ ବ୍ୟବହାର କରୁଥିଲା ବେଳେ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ଲାଗି ସାଧାରଣରେ ଦୃଢ ଦାବି କରାଯାଇଛି । ସୂଚନାଯୋଗ୍ୟ, ବିଭିନ୍ନ ସମୟରେ ଏହି ରାସ୍ତାରେ ବାଲି ବୋଝେଇ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଖରାଇ ହେଉଥିବା ଅଭିଯୋଗ କରି ଜନସାଧାରଣଙ୍କ ଭିତରେ ରାସ୍ତା ଅବରୋଧ ମଧ୍ୟ ହୋଇଥିବା ନଜିର ରହିଛି।

### ହରି ଗ୍ରାମରେ ଜ୍ୱର ଆତଙ୍କ

# ଖବର ପ୍ରସାର ପରେ ଗ୍ରାମରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

ପାତ୍ରପୁର, ୮।୧୧(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ହରି ଗ୍ରାମରେ ପ୍ରାୟ ଦଶ ଦିନ ହେଲା ଜ୍ୱର ଆତଙ୍କ ଦେଖାଦେଇଥିଲା। ଗ୍ରାମର ପ୍ରାୟ ୧୫ରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ଜ୍ୱର ହୋଇଥିଲା । ଏନେଇ ଖବର ପ୍ରକାଶ ପରେ ପରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସମ୍ମିତ ବେଗରାୟଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ପହଞ୍ଚି ଚିକିତ୍ସା କରି ଔଷଧ ବଣ୍ଟନ କରିଛନ୍ତି। ରକ୍ତ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି। ପାଣିକୁ ଫୁଟାଇ ପିଇବା ଓ ମଶାରି ଟାଙ୍ଗି ଶୋଇବାକୁ ସ୍ୱାସ୍ଥ୍ୟ ଟିମ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ କର୍ମୀ ଓ ସୁପରଭାଇଜର ଟାଟା ଷ୍ଟିଲ ଟ୍ରଷ୍ଟ ପ୍ରଦତ୍ତ ମଶାରି ଗ୍ରାମବାସୀଙ୍କୁ ବଣ୍ଟନ କରିଥିଲେ।

# ଜନସେବା କେନ୍ଦ୍ରରୁ ଚୋରି

ଖଜୁରିପଡ଼ା, ୮।୧୧ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଅଞ୍ଚଳରେ କିଛି ଦିନର ନୀରବତା ପରେ ଚୋରମାନେ ପୁଣି ସକ୍ରିୟ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗୁଦାରିଠାରେ ଏକ ଜନସେବା କେନ୍ଦ୍ରରେ ଚୋରମାନେ ପଶି କମ୍ପ୍ୟୁଟର, ଲାପଟପ୍, ହୋମ ଥିଏଟର, ଗ୍ୟାସ ହାଣ୍ଡି ସବୁ ଚୋରି କରିଥିବା ନେଇ ମାଲିକ ସୁନିଲ ଜାନି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ କେସ୍ ନଂ. ୨୪୮/୨୫ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଏସ୍‌ଆଇ ଦୀନବନ୍ଧୁ ପ୍ରଧାନ ସୂଚନା ଦେଇଛନ୍ତି।

# ପୁଅକୁ ହଷ୍ଟେଲରେ ଛାଡ଼ି ଫେରିବା ବେଳେ ବାପାଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି, ୮।୧୧(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ବୁଢ଼ାଗୁଡ଼ା ଫାଣ୍ଡି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅକୁ ହଷ୍ଟେଲ ଛାଡିବାକୁ ଯାଇଥିବା ବାପାଙ୍କ ମୃତଦେହ ଘରକୁ ଫେରିଛି। ପ୍ରକାଶ ଯେ, ଉକ୍ତ ଫାଣ୍ଡି କୁକେରମାହା ଗ୍ରାମର ମହେଶ୍ୱର ପ୍ରଧାନ (୩୯) ଶୁକ୍ରବାର ଅପରାହ୍ନରେ ତାଙ୍କ ସ୍ତ୍ରୀ ଅମିତା ପ୍ରଧାନଙ୍କ ସହ ତାଙ୍କ ପ୍ରଥମ ଶ୍ରେଣୀରେ ପଢୁଥିବା ପୁଅ ଦାମୋଦରଙ୍କୁ ହଷ୍ଟେଲ ଛାଡ଼ିବାକୁ ଯାଇଥିଲେ। ପୁଅକୁ ହଷ୍ଟେଲରେ ଛାଡ଼ିବା ପରେ ସ୍ତ୍ରୀ ଅମିତା ଘରକୁ ଫେରିଥିଲେ। କିନ୍ତୁ ସ୍ୱାମୀ ବୁଢ଼ାଗୁଡ଼ା ବଜାରରେ ଅଟକି ଯାଇଥିଲେ ସେ ଘରକୁ ଆଉ ସେହି ରାତିରେ ଫେରି ନ ଥିଲେ। ସକାଳୁ ପରିବାର ଲୋକ ଖବର ପାଇଲେ ଯେ ବାଟରେ ମହେଶ୍ୱରଙ୍କ ମୃତଦେହ ପଡ଼ିଛି। ଖବର ପାଇ ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚିମହେଶ୍ୱରଙ୍କ ମୃତଦେହକୁ ଘରକୁ ଆଣିଥିଲେ। ତେବେ ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବିଭିନ୍ନ ଆଲୋଚନା ହୋଇଥିଲା। କେହି ଜଣେ ବ୍ୟକ୍ତି ୧୧୨ ନମ୍ବରକୁ ଫୋନ କରି ମହେଶ୍ୱରଙ୍କ ମୃତଦେହ ପଡ଼ିଥିବା ଜଣାଇଥିଲେ। ଖବର ପାଇ ବୁଢ଼ାଗୁଡା ଫାଣ୍ଡି ଅଧିକାରୀ ଉଦ୍ଧବ କୁମାର ଯାନୀ ସଦଳବଳ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ତେବେ ଏହା କୌଣସି ଅଘଟଣ ନୁହଁ ସେ ଭୋକ ଉପାସରେ ଥାଇ ପାରନ୍ତି କିମ୍ବା କିଛି ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କର ମୃତ୍ୟୁ ସନ୍ଦେହ ପ୍ରକାଶ ପାଇଛି।



ମହେଶ୍ୱର ପ୍ରଧାନ (ଫାଇଲ ଫଟୋ)

# ୧୫ରୁ ବାଘ ଗଣନା

ଭଞ୍ଜନଗର,୮।୧୧(ବାବୁଲା ପ୍ରଧାନ)

ପ୍ରତି ୪ ବର୍ଷକୁ ଥରେ ଦେଶରେ ବାଘ ଗଣନା ହେଉଛି। ଚଳିତ ବର୍ଷ ଦେଶରେ ଏବେ ବାଘ ଗଣନା ପ୍ରକ୍ରିୟା ଚାଲିଛି। ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷକ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ବିଭିନ୍ନ ବନଖଣ୍ଡରେ ବାଘ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ବାଘଗଣନା ପାଇଁ ବର୍ତ୍ତମାନ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ପରେ ଚଳିତ ମାସ ୧୫ରୁ ୨୧ ମଧ୍ୟରେ କର୍ମଚାରୀମାନେ ଜଙ୍ଗଲକୁ ଯାଇ ବାଘର ସ୍ଥିତି ଜାଣିବା ପାଇଁ ବିଭିନ୍ନ ପଦକ୍ଷେପ ନେବେ। ଏହି ସମୟରେ କର୍ମଚାରୀମାନେ ଜଙ୍ଗଲରେ ଟ୍ରାପ କ୍ୟାମେରା ଲଗାଇବେ। ପଗମାର୍କ ଓ ମଳ ନିଶାନ ବିଶ୍ଳେଷଣ କରିବେ । ଏଥିସହ ଜୀନେଟିକ ଅନୁଶୀଳନ ଓ ସାଟେଲାଇଟ ଡାଟା ମାପିଙ୍ଗ୍ ମଧ୍ୟ ହେବ। ଭାରତରେ ବାଘମାନଙ୍କ ଆନୁମାନିକ ସଂଖ୍ୟା ଜାଣିବା ବାଘ ଗଣନାର ମୁଖ୍ୟ ଲକ୍ଷ୍ୟ। ଇତିମଧ୍ୟରେ ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ଲାଲସିଂ ନର୍ସରୀ ଏବଂ ତାରସିଂଠାରେ କର୍ମଚାରୀଙ୍କୁ ବାଘ ଗଣନା ନେଇ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଯୋଗଦେଇ ବାଘ ଗଣନା କିଭଳି ହେବ ସେନେଇ ତାଲିମ ଦେଇଛନ୍ତି। ସେହିଭଳି ଘୁମୁସର ଦକ୍ଷିଣ ବନଖଣ୍ଡ ପକ୍ଷରୁ ବୁଗୁଡ଼ା ସମେତ ବିଭିନ୍ନ ସ୍ଥାନରେ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବାଘ ଗଣନା ସମୟରେ କର୍ମଚାରୀ ମାନେ ମାଂସାଶି ଏବଂ ବଡ ତୃଣଭୋଜି ପ୍ରାଣୀ ହାତୀ, ଗୟଳ ଆଦିର ମଧ୍ୟ ଗଣନା କରିବେ। ଏଥିସହ ଗୁଳ୍ମ ଜାତୀୟ, ତୃଣ ଜାତୀୟ ଉଦ୍ଭିଦ ଚିହ୍ନଟ କରିବେ। ଯେଉଁଠି ଜନ୍ତୁ ରହୁଛି ସେଠାରେ କେଉଁ ଉଦ୍ଭିଦ ବେଶୀ ଅଛି ତାହାର ମଧ୍ୟ ଅନୁଧ୍ୟାନ କରିବେ।

# ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଗଞ୍ଜାମ,୮।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ସହରର ରାଉଳ ସାହିରେ ୩ଦିନ ଧରି ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳ ତଥା ଝାଡକୁଦା, ବୁରୁଡି ଆଦି ଅଞ୍ଚଳର କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ନଗର ପରିକ୍ରମା ପରେ ପୂର୍ଣ୍ଣାହୁତି ହୋଇଥିଲା। ରବୀନ୍ଦ୍ର ଗୌଡ଼, ସଞ୍ଜୟ ମହାରଣା, ଶୁଭ ପଟ୍ଟନାୟକ, ସନ୍ତୋଷ ଗୌଡ଼ ଓ ଅନ୍ୟମାନେ ପରିଚାଳନା କରୁଥିଲେ।

# ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ୧୩୫ ପ୍ରକଳ୍ପ

ଜି.ଉଦୟଗିରି,୮।୧୧(ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଶିକ୍ଷାନୁଷ୍ଠାନ ସମ୍ପାଦକ ଅରୁଣ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାକୁ ସ୍ଥାନୀୟ ଆଇଆଇସି ବିଜୟ ସ୍ୱାଇଁ ଓ ଏନଏସି ଉପାଧ୍ୟକ୍ଷ ସନ୍ତୋଷ ବାଘ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ବିଭିନ୍ନ ଜିଲାର ୧୨ଟି ସ୍କୁଲରୁ ୧୩୫ ପ୍ରତିଯୋଗି ଅଂଶଗ୍ରହଣ କରି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ମୁଖ୍ୟ ଅତିଥି ଏବଂ ସ୍ଥାନୀୟ ଏସ୍‌ଡିପିଓ ବିଜୟ ବିଶି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିକ୍ଷା ପରିଷଦ ସଭାପତି ପ୍ରଶାନ୍ତ ଦାସ, ଶିକ୍ଷା ପରିଷଦ କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥ, ଶିକ୍ଷା ପରିଷଦ ସଭ୍ୟ ଦିଲ୍ଲୀପ ଖାଡ଼ଙ୍ଗା ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ, ବାଳିକା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଳୟ ନାୟକ ବିଚାରକ ଭାବେ ଯୋଗ ଦେଇ ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ଚୟନ କରିଥିଲେ। ୩ଟି ବର୍ଗରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷା ପରିଷଦ କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ।


**ଓଡ଼ିଶା ସରକାର** No.T-100

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.10.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-



**GOVERNMENT OF ODISHA** No.O-1326
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
eerw_kpd@yahoo.com

**INVITATION FOR BIDS (SHORT NOTICE)**
**'E' PROCUREMENT NOTICE NO. RWD/KPD-10/2025-26, DT.30.10.2025**

1. Name of work : Road & Building works in the District of Kendrapara for the year 2025-26.
2. Total No. of Work : 01 Number of Road work & 35 Numbers of Building work
3. Estimated Cost : Rs.2.54 Lakhs to 40.66 lakhs approximately.
4. Period of Completion : As Specified in the Annexure
5. Class of contractors : As Specified in the Annexure
6. Cost of tender paper : Cost of tender paper is to be remitted ONLINE as specified in Column-5 of the Annexure.
7. Detail projects : As Specified in the Annexure

Other details as follows:
a) Procurement officer : Executive Engineer, Rural Works Division, Kendrapara
b) Availability of tender online : 10.11.2025 at 10.00 AM to 20.11.2025 upto 5.00 P.M.
c) Last date & time of seeking of tender clarification : 19.11.2025 up to 5.00 PM
d) Opening of Tender : 21.11.2025 at 11.00 AM
e) Decision to conduct Lottery : If required, to decide the agency, transparent Lottery shall be conducted on **dt.28.11.2025** at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

**Sd./- Executive Engineer,**
**Rural Works Division, Kendrapara**
OIPR-



**OFFICE OF THE PRINCIPAL**
**ODISHA ADARSHA VIDYALAYA, PARAGPOSH, BLOCK-LAHUNIPARA**
**DIST-SUNDARGARH (ODISHA), PIN-770044**
E-mail : lahunipara@oav.edu.in
U-DISE CODE : 21051008202 CBSE Affiliation No. : 1520175 School Code : 17261
Letter no.218/oavlnp/2025 Date : 08.11.2025

**Subject** - Advertisement for supporting staff for Boy's Hostel of Odisha Adarsha Vidyalaya, Paragposh, Lahunipara

**ADVERTISEMENT FOR SUPPORT STAFF FOR ODISHA ADARSHA VIDYALAYA, PARAGPOSH, BOYS' HOSTEL AT-PARAGPOSH, PO-LAHUNIPARA, DIST-SUNDARGARH, PIN-770044**

Applications are invited from eligible male candidates for different supporting staffs by **speed post/Regd. Post (ANY OTHER MODE OF APPLICATION WILL NOT BE ACCEPTED)** with Biodata and Photocopies of educational qualification and experience **latest by 30.11.2025**.

| SL. No. | Name of the Post | Qualification/Experience | Age | Remuneration | Vacancy |
|---|---|---|---|---|---|
| 1 | Warden | B.A/B.Sc. and 2 years Experience | 30-60 Yrs | Rs.21,175/- | 01 |
| 2 | Chowkidar-cum-Sweeper | HSC | 21-32 Yrs | Rs.7500/- | 01 |
| 3 | Head Cook | | 30-40 Yrs | Rs.9000/- | 01 |
| 4 | Assistant Cook | | 21-32 Yrs | Rs.6750/- | 02 |

Applicants are advised to go through the district website **(www.sundargarh.odisha.gov.in)** for application form and guidelines. Which can also be available from the principal's office on any working day from 10:00 AM to 04:00 PM. The application other than Speed post/Regd. Post and received **after due date** shall be summarily rejected. All candidates who apply by speed post / Regd. Post will attend interview at **10:00 A.M. on 10.12.2025** with all original documents and two passport size photos at **OAV, Paragposh, Lahunipara**. No letter or call or message will be given separately to the candidates for attending interview & **No TA/DA shall be claimed for attending the interview**. The selection committee reserves the right to reject any one or all the application without any reason thereof.

**By Order of Collector-cum-Chairman OAVS**
**Sd./- Principal**
**Odisha Adarsha Vidyalaya, Paragposh, Lahunipara**



**GOVERNMENT OF ODISHA** No.O-1355
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**
Letter No.5584 e-mail: serwsbd2003@yahoo.com Date: 30.10.2025

**NATIONAL COMPETITIVE BIDDING THROUGH e_Pocurement Notice**

1. Name of the work : **Construction of Road & Bridge Works - 12 Nos.**
2. Class of contractor : "B" Class, "A" Class & Special Class of (Odisha PWD) or relevant class of other licensing authority.
3. Estimated Cost : **Various from Rs.106.25 Lakhs to Rs.1425.00 Lakhs (Approximately).**
4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, R.W. Circle, Sunabeda | **CCERWCSBD-Online-23/ 2025-26** | 10.11.2025 at 11.00 A.M. | 09.12.2025 up to 5.00 P.M. | 08.12.2025 up to 2.00 P.M. | 10.12.2025 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in.**
6. Any Corrigendum/Addendum will be displayed in the above e-tender website.

OIPR- **Sd./- Chief Construction Engineer, R.W. Circle, Sunabeda**



**GOVERNMENT OF ODISHA** No.O-1362
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
**No. Tender Online RCK-19/25 Letter No.-3650 Date : 31.10.2025**

**e-Procurement NOTICE**

1. Name of the work : Tender for the Road works under (Impvt. to Existing) in the Dist. of Kendrapara & Jajpur, 2. Class of Contractor : As specified in the Column-6 of the Annexure, 3. Time of Completion : As specified in the Column-7 of the Annexure, 4. Detail Projects : As per Annexure attached, 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-19/25 | 10.11.2025 at 11.00 A.M. | 25.11.2025 at 5.00 P.M. | 25.11.2025 upto 2.00 P.M. | 26.11.2025 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

**Sd./- Chief Construction Engineer**
OIPR- **Rural Works Circle, Kendrapara-Jajpur**



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**



गुमशुदा पुरूष राकेश झा,
उम्र-करीब 22 वर्ष।

**लापताः आवश्यक सूचना**

सर्व साधारण को सूचित किया जाता है कि आवेदक कुन्दन कुमार झा के द्वारा अपने छोटे पुत्र **राकेश झा, उम्र-करीब 22 वर्ष की गुमशुदगी** के संबंध में संबंधित थाना टेल्को में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा राकेश झा, उम्र -करीब 22 वर्ष, पिता-कुन्दन कुमार झा, पता-उड़िया बस्ती, मनीफिट टेल्को, थाना-टेल्को, जिला-पूर्वी सिंहभूम, जमशेदपुर** जो दिनांक-06.09. 2025 को घर निकला है लेकिन अभी तक वापस नहीं लौटा है। गुमशुदा का मोबाईल स्विच ऑफ है। आवेदक एवं इनके रिश्तेदारों के द्वारा अपने स्तर से काफी खोजबीन किया गया लेकिन कुछ पता नहीं चल सका।

**गुमशुदा पुरूष का हुलिया निम्न प्रकार है :-उम्र-करीब 22 वर्ष, कद-लगभग 05 फीट 07 इंच, रंग-सॉवला, पहनावा -हाफ पैंट, हाफ टी-शर्ट, भाषा- हिन्दी तथा मैथिली।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

**वरीय पुलिस अधीक्षक, पूर्वी सिंहभूम, जमशेदपुर : 0657-2431006**
**पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203**
**पुलिस उपाधीक्षक, नगर : 9431706483**
**थाना प्रभारी, टेल्को : 9431706510**

**वरीय पुलिस अधीक्षक,**
**पूर्वी सिंहभूम, जमशेदपुर।**

POLICE HELPLINE (EMERGENCY DIAL)-112 CHILD HELPLINE-1098
WOMEN HELPLINE-1091 DOMESTIC ABUSE HELPLINE-181
CYBER CRIME HELPLINE-1930 AMBULANCE SERVICE-108
PR.NO.365605 Police(25-26):D



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com
E-procurement Tender Call Notice No.14 of 2025-26
No.6434 (Estg.) Bhubaneswar the 4th November - 2025

No.B-677 The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number building work to be received in online bidding, double cover system for Improvement works as detailed in : https://tendersodisha.gov.in. The details of bid documents will be available in the above website from 5.00 P.M. of 12.11.2025 to 5.00 P.M. of 24.11.2025. The bidders must possess compatible Digital Signature Certificate of Class II or III. Bids received online shall be opened at 5.30 P.M. of 24.11.2025 in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in.

Addendum/Corrigendum, if requried, will be available only in the Website.

Sd./- Er. M.K.Mahananda
Chief Construction Engineer
Central (R&B) Circle, Bhubaneswar
OIPR-



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH**
No.O-1365 **E-mail ID-eerw_deogarh@yahoo.co.in**

**E-Procurement Notice**
**BID IDENTIFICATION NO. SERWDGH-Online-04/2025-26**

1. No. of Road works: (21 Nos.)
2. Estimated Cost:- Approx Rs.8.47 lakh to Rs.39.41 Lakhs each
3. Mode of submission of tender:- Tender shall be submitted online in www.tendersodisha.gov.in
4. Availability of tender for online bidding:- 11.11.2025, 10.00 AM to 20.11.2025 upto 5.00 PM
5. Date and time of opening of tender:- 21.11.2025, 11.00 AM
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

**Sd./- Superintending Engineer**
OIPR- **R.W. Division, Deogarh**

# ଅଚ୍ୟୁତ ସାମନ୍ତଙ୍କୁ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ



ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍ ଓ କିସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଆନ୍ଧ୍ରପ୍ରଦେଶ ସୋନେପତସ୍ଥିତ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରାଯାଇଛି। ଶୁକ୍ରବାର ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଉତ୍ସବରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି ଡ. ଟି. ଆର୍. ପାରିଭିନ୍ଦର, କୁଳପତି ପ୍ରଫେସର ପରମଜିତ୍ ଜୟସୱାଲ ଓ କୁଳସଚିବ ପ୍ରଫେସର ଭି ସାମୁଏଲ ରାଜ୍ ଉପସ୍ଥିତ ଥିଲେ। ମିଳିଥିବା ପ୍ରଶଂସାପତ୍ରରେ ଶିକ୍ଷା ଜରିଆରେ ସେବା ଓ ମାନବିକତା କ୍ଷେତ୍ରରେ ଡ. ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି। ସମାବର୍ତ୍ତନ ସମାରୋହରେ ଡ. ସାମନ୍ତ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏହା ହେଉଛି ଡ. ସାମନ୍ତଙ୍କ ୬୯ ତମ ସମ୍ମାନସୂଚକ ଡକ୍ଟରେଟ।

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୬୧୫- ଡା.୯.୧୦.୨୫

### ବିଜ୍ଞାପନ

**No.CAD-2207**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ଂବିଜୟାନନ୍ଦ ପଟ୍ଟନାୟକ<br>ପିତା-ଂଲିଙ୍ଗରାଜ ପଟ୍ଟନାୟକ<br>ସା-ଗାନ୍ଧୀନଗର<br>ପୋ-ବ୍ରହ୍ମପୁର<br>ଥାନା-ବ୍ରହ୍ମପୁର ଟାଉନ<br>ଜିଲ୍ଲା-ଗଞ୍ଜାମ | ଗୃହ ନଂ.-ଏଚ.ଆଇ.ଜି(ଡି)ଏ-୧୫<br>(HIG-D-A-15)<br>ବରମୁଣ୍ଡା ଏଚ.ଆଇ.ଜି. ସେଲ୍ଫ ଫାଇନାନ୍ସିଂ ହାଉସିଂ ସ୍କିମ,<br>ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧.ମଧୁସ୍ମିତା ପଟ୍ଟନାୟକ (ବି.କନ୍ୟା)<br>୨.ଲୋପାମୁଦ୍ରା ପଟ୍ଟନାୟକ (ବି.କନ୍ୟା)<br>୩.ପ୍ରୀତିନନ୍ଦା ପଟ୍ଟନାୟକ (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

---

## ODISHA HYDRO POWER CORPORATION LTD

No.CAD-2231

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.-CHEP/TW-156 (Vol.-VIII)/4263 Date: 06.11.2025**

**TENDER CALL NOTICE NO.-CHEP-42/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for supply of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of Filter Elements & other Spares for TRCM of CHEP, Chiplima | Rs.708/- (Rs.600/- + GST @18%) | 1,050/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.12.11.2025 up to 12:30 PM of dtd.25.11.2025.

OIPR- Sd/- C & P Head, CHEP, Chiplima

---

## ODISHA HYDRO POWER CORPORATION LTD

No.CAD-2232

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.-CHEP/TW-268 (Vol.-VIII) Part File/4269 Date: 06.11.2025**

**TENDER CALL NOTICE NO.-CHEP-43/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned work from the 'D' & 'C' Class of contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Renovation of Boundary of Qtr. No.F-37 with Barbed Wire Fencing CHEP, Chiplima | Rs.708.00 (Rs.600.00 + GST@18%) | Rs.1,40,116.00 / EMD = Rs.1,410.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.11.11.2025 up to 12:30 PM of dtd.24.11.2025.

OIPR- Sd/- C & P Head, CHEP, Chiplima

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା-୨୨୯ ଡା.୨୫.୧୦.୨୫

### ବିଜ୍ଞାପନ

**No.CAD-2215**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ଂଲିଙ୍ଗରାଜ ବିଶୋଇ,<br>ପିତା-ଂଲକ୍ଷ୍ମୀନାରାୟଣ ବିଶୋଇ<br>ସା-ଘର ନଂ.ଭି.ଆଇ.ଏମ.୫୨,<br>ପୋ-ଶୈଳଶ୍ରୀ ବିହାର<br>ଥାନା-ଚନ୍ଦ୍ରଶେଖରପୁର,<br>ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ଗୃହ ନଂ.-ଭି.ଆଇ.ଏମ.-୫୨<br>(VIM-52)<br>ଚନ୍ଦ୍ରଶେଖରପୁର, ଷଷ୍ଠ ପର୍ଯ୍ୟାୟ<br>ଭୁବନେଶ୍ୱର<br>ଜିଲ୍ଲା-ଖୋର୍ଦ୍ଧା | ୧.ସିଦ୍ଧାର୍ଥ ବିଶୋଇ (ପୁତ୍ର)<br>୨.ସାର୍ଥକ ବିଶୋଇ (ପୁତ୍ର)<br>୩.ପୁଷ୍ପାଞ୍ଜଳୀ ବିଶୋଇ (ସ୍ତ୍ରୀ) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

---

No.A-858

## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF ENGINEER, DRAINAGE CUTTACK, GANDARPUR-753003

**E-PROCUREMENT NOTICE NO.CE-DR-CTC-07/2025-26**

email id: cedrainage@gmail.com

| | | | |
|---|---|---|---|
| 1. | Name of Works | : | Renovation of Hansua Drainage Channel from U/S of Nagari Bridge RD 23.96 Km to RD 27.79 Km under DIP |
| 2. | Nature of Work | : | Dredging |
| 3. | Total Number of Packages | : | 1 no. individual package |
| 4. | Estimated Cost | : | Rs.1633.21 Lakhs |
| 5. | Bid Identification No. | : | CE-DR-CTC/DD-JSPUR-07/2025-26 |
| 6. | Period of Completion | : | 18 (Eighteen) Calendar Months |
| 7. | Availability of Tender On-Line | : | 10.11.2025, 16.00 hours to 01.12.2025, 17.00 hours |
| 8. | Date of Opening of Technical Bid | : | 02.12.2025 at 11.30 hours in the O/o the Chief Engineer, Drainage, Cuttack |
| 9. | Class of Contractor | : | "A" & "Special" Class |
| 10. | Bid Security/EMD | : | Rs.16,34,000/- (To be remitted online) |
| 11. | Cost of Tender Paper | : | Rs.10,000/- |
| 12. | Procurement Officer | : | Chief Engineer, Drainage, Cuttack, Gandarpur-753003 |

Further details can be seen from the Govt. website www.tendersorissa.gov.in. Addendum/ Corrigendum/ Cancellation if any required will be published only in Govt. website www.tendersorissa.gov.in.

OIPR- **Sd./- Chief Engineer, Drainage, Cuttack**

---

No.C-1366

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, P.H. DIVISION, SAMBALPUR

Email ID : eephdsbp@gmail.com

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. SEPHSBP-05/2025-26 Dt.29.10.2025**

| | | | |
|---|---|---|---|
| 01. | Name of the Work | : | 1 No. Work |
| 02. | Type of Bid | : | Single Bid System |
| 03. | Estimated Cost | : | Rs.39.73 lakhs (Approx) |
| 04. | Class of Contractor | : | Manufacturer |
| 05. | Period of Completion | : | 60 (Sixty) days |
| 06. | Date & Time of availability of bid document in the portal | : | From 11.00 A.M. of dt.06.11.2025 to 5.00 P.M. of 18.11.2025 |
| 07. | Last date / time of receipt of bids in the portal | : | 5.00 P.M. of 18.11.2025 |
| 08. | Date & Time of opening of tender | : | At 11.30 A.M. of 19.11.2025 |
| 09. | Name and Address of the Officer Inviting Bid | : | Superintending Engineer, P.H. Division, Sambalpur, Near V.S.S Stadium, Brooks Hill, Sambalpur Dist.-Sambalpur-768 004 |

**Further details can be seen from the website http://tenders.ori.nic.in or www.tendersorissa.gov.in**

Sd./- Additional Chief Engineer
P.H. Division, Sambalpur

OIPR-

---

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

No.O-1316

Phone : 0680-2404096, E-Mail : eerwgmt@yahoo.co.in

Government of Odisha e-Procurement Notice

**Bid Identification No. Online Tender/17/SERWD-II//2025-26**

**Memo No. 8157/RWD-IIGB, Date : 29.10.2025**

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.5.04 to Rs.27.73 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of Availability of Bid Documents in the Portal | : | 07.11.2025 at 10.00 A.M. to 14.11.2025 up to 5.00 P.M. |
| 5 | Last Date / Time for Receipt of Bids in the Portal | : | 14.11.2025 up to 5.00 P.M |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam, Berhampur

OIPR-

---

## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
REGISTERED OFFICE:C/2, NAYAPALLI, BHUBANESWAR-751012
CIN: U51211OR1980SGC000894
Tel No:0674-2395391, Fax No:0674-2395291, Website:www.oscsc.in

### Request for Proposal (RFP) for Empanelment of manufacturers to supply FORTIFIED RICE KERNEL (FRK) for the KMS 2025-26

File No.OSCSC-PROC-PROC-0042-2025

**RFP Advt.No. 15524/ OSCSC Ltd., Date: 06.11.2025**

No.CAD-2236: Proposals are invited from interested bidders registered under the Companies Act-1956/2013 or any other legal entity registered in India and having valid registration certificate and eligibility as per the criteria given in the Request for Proposal (RFP) published in the official website www.foododisha.in & www.oscsc.in & www.tenderodisha.gov.in for **"Empanelment of Manufacturers to supply FORTIFIED RICE KERNEL (FRK) for the KMS-2025-26** in the state of Odisha. The details of timetable of the RFP are as under.

| Sl. No. | Event Description | Date |
|---|---|---|
| 1 | Publication of RFP in website | 07/11/2025 at 18:00 hours |
| 2 | Pre-Bid Meeting | 17/11/2025 at 15:00 Hours at Office of OSCSC Ltd., C/2, Nayapalli, Bhubaneswar-751012 |
| 3 | Last Date and time for submission of Proposal | 29/11/2025 at 17:00 Hours through online at **www.tendersodisha.gov.in** |
| 4 | Opening of Technical Proposal | 01/12/2025 by 11:00 Hours at Office of OSCSC Ltd. C/2, Nayapalli, Bhubaneswar-751012 |
| 5 | Opening of Financial Bid | 05/12/2025, 11:00 Hours<br>Any Change to the aforementioned scheduled date, the same will be intimated through online and registered e-mail id for the technical qualified bidders |

Any amendment in the tender document due to decision in pre-bid meeting/extension of bid, if any, shall be notified in the websites mentioned above. The proposals shall be submitted through online mode at **www.tendersodisha.gov.in.** The authority reserves the right to cancel any or the entire selection process without assigning any reason thereof.

**Sd./- Managing Director**
**Odisha State Civil Supplies Corporation Limited**

OIPR-

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, P.H.DIVISION, BHANJANAGAR AT CHATRAPUR

E-mail- eephchpr@gmail.com

NATIONAL COMPETITIVE BIDDING THROUGH e-PROCUREMENT
INVITATION FOR BIDS (IFB)

No.C-1396:

| Sl.No. | Name of Work | Bid Identification No. | Estimated Cost (Rs.in Lakh) | Period of Completion | Availability of Bid document for online bidding From | To | Name & Address of Office Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Laying of balance RWRM and distribution pipes compatible to SWAP-III projects in Balliguda NAC under AAP 2025-26 (SUJAL) | Identification No. 51/03/ SPH(C)/2025-26 dt.01.11.2025 | 80.77 | 3 (Three) Calendar Months | 11.00 Hrs. of 06.11.2025 | 17.30 Hrs. of 21.11.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on dt.24.11.2025 at 01.00 PM
Further details can be seen from the e-Procurement portal https://www.tenderorissa.gov.in.

OIPR- **Sd./- Additional Chief Engineer (PH), P.H. Division, Bhanjanagar at Chatrapur**

---

NO.O-1282

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-I, BHADRAK

E-mail : ee_rwbdk@yahoo.com

**"e" Procurement Notice for Road Works**

**Bid Identification No. Online Tender 11 of 2025-26**

1. Name of the Work : Road, 2. Total No. of Works : 1 No., 3. Estimated Cost : Rs.63.56 Lakh, 4. Class of Contractor : "B" Class, 5. Period of Completion : As per Annexure, 6. Type of Tender : Double Cover, 7. Other Details :

| Procurement Officer | Bid Identification No. | Availability of Tender On-line for bidding From | To | Date of seeking of Tender | Date & Time of Technical Opening of Tender | Date & Time of Financial Opening of Tender |
|---|---|---|---|---|---|---|
| 1 | 2 | 3 | | 4 | 5 | 6 |
| Executive Engineer, Road Wprks Division-I, Bhadrak | Online-11 of 2025-26 | 06.11.25 At 11.00 A.M. | 14.11.25 At 4.00 P.M. | 14.11.2025 At 2.00 P.M. | 15.11.2025 At - 11.00 A.M. | Intimated later |

**Further details can be seen from the e-procurement portal "https://tendersorissa.gov.in"**
**N.B - Transparency Lottery date will be intimated later. Signed Scan copy of Schedule "A", "E" & "F" Sheet is mandatory. Non submission of the sheet may cause rejection of the bid.**

**Sd./- Er. Ganesh Chandra Hembram**
**Executive Engineer, R.W. Division, Bhadrak**

OIPR-

---

No.A-833

## OFFICE OF SUPERINTENDING ENGINEER, GAJAPATI IRRIGATION DIVISION, PARALAKHEMUNDI, DIST. : GAJAPATI, ODISHA

Phone/Fax : 06815-223249, Email Id : eepkdgpt@gmail.com

**E-Procurement Notice No - SE-GID-03/2025-26**

1. Type of work : WEIR, 2. Form of Contract : Percentage Rate, 3. Period of Completion : 11 Calendar Months, 4. No. of works : 1 (One) No. of work

| Procurement Officer | Bid Identification No. | Name of the work | Bid Amount Rs in lakhs | Availability & submission of Bids online |
|---|---|---|---|---|
| Superintending Engineer, Gajapati Irrigation Division, Paralakhemundi | GID-01/2025-26 | Construction of Piano-key Weir on Mahendratanaya Nalla at Mahendragiri near Kunti Temple of Rayagada Block in Gajapati district | 70.00 | From 11.11.2025, 10.00 A.M. to 25.11.2025, 5.30 P.M. |

1. Date of opening of the Technical Bid : 26.11.2025 at 11.00 A.M.
2. Date of opening of the Financial Bid : 03.12.2025 at 11.00 A.M. (Only of those who qualities in Technical Bid).
3. Date of Lottery (If necessary) - 09.12.2025 at 11.00 A.M.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Gajapati Irrigation Division
Paralakhemundi

OIPR-

---

No.O-1307

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR

**e-Procurement Notice**

| | | | |
|---|---|---|---|
| 1 | Name of work | : | Construction of Road from Titilagarh to Muribahal via Gulmi Road in the district of Bolangir under MMSY-Improvement to Existing RD Road for the year 2025-26 |
| 2 | No. of works | : | 1 (One) work |
| 3 | Time for completion | : | 9 (Nine) Calendar months |
| 4 | Approximate estimated cost | : | Rs.530.10 lakhs |
| 5 | Mode of Submission of tender | : | Tender should be submitted online in www.tendersodisha.gov.in |
| 6 | **Other details are as follow** | | |

| Procurement Officer | Bid Identification No. | Availability of Tender online for bidding From | To | Last date and time of seeking tender clarification | Date & time of opening of tender: Technical Bid | Financial Bid |
|---|---|---|---|---|---|---|
| Chief Construction Engineer, R.W. Circle, Bolangir | **BLGR-Online-32/2025-26** | 07.11.2025 at 11.00 A.M. | 21.11.2025 upto 5.00 P.M. | 20.11.2025 upto 5.00 P.M. | 24.11.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

**Sd./- Chief Construction Engineer**
**R.W.Circle, Bolangir**

OIPR-

---

No.O-1279

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-II, BALASORE

**e-Procurement Notice**

**Bid Identification No e-Procurement No. 08/SERW/BLS-II/2025-26**

Estimated Cost : As Specified in column 3 of Annexure, Cost of Tender Paper through online : As Specified in column 6 of Annexure, Class of Contractor : As Specified in column 7 of Annexure, Time of Completion : As Specified in column 8 of Annexure, Other Details : As per DTCN

| Procurement Officer | Bid Identification No | Availability of tender Online for bidding From | To | Last date & time of seeking tender clarification | Date & time of opening of the Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, R.W Division-II, Balasore | ETCN-08/SERW/BLS-II/2025-26 | 06.11.2025 at 05.00 P.M. | 13.11.2025 upto 5.00 P.M. | 13.11.2025 up to 3.00 P.M. | 14.11.2025 at 11.00 A.M. |

Further details can be seen from the website **www.tendersorissa.gov.in**

**Sd./- Superintending Engineer**
**R.W.Division-II, Balasore**

OIPR-

---

No.O-1312

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION : TITILAGARH

E-Mail : eerw_titilagarh@yahoo.co.in

**e- Procurement Notice**

**IFB Identification No. EETIG-online-10/2025-26**

| | | | |
|---|---|---|---|
| 01. | Name of the work | : | Road works |
| 02. | Total Number of works | : | 01 (One) no. |
| 03. | Approximate Estimated Cost | : | Varies from Rs.46.22 lakh |
| 04. | Time for completion | : | 01 (One) calendar month |
| 05. | Mode of Submission of tender | : | Tender should be submitted online in www.tenders.ori.nic.in |
| 06. | Other Details are as follow | : | As per TCN No.EETIG-online-10/2025-26 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Divn., Titilagarh | EETIG-online-10/2025-26 | 07.11.2025 at 11.00 A.M. | 18.11.2025 upto 5.00 P.M. | 17.11.2025 to 11.00 A.M. | 19.11.2025 at 11.30 A.M. |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

**Sd./- Executive Engineer,**
**R.W. Division, Titilagarh**

OIPR-

---

## OFFICE OF THE BALASORE MUNICIPALITY : BALASORE

**No.14890** **Date. 01.11.2025**

### SHORT TENDER CALL NOTICE

**No.C-1411** : Sealed tenders in conformity with detailed Tender Call Notice to be eventually drawn in **Municipal Form No.WIII** are hereby invited by the undersigned in percentage rate basis from the registered Contractors including Municipal contractors for execution of the works as detailed below. Contractors registered with other Govt.. Departments of the Districts and outside the District can also participate in the Bid. Tender documents consisting of plans, specification, schedule of quantities and the set of terms and condition of the contract and other necessary documents can be had from the Office of the undersigned on payment of cost of tender documents (Non-refundable) as specified below on any working days during office hour.

The sale of tender papers will start from **04.11.2025** and close on **12.11.2025 at 12.30 P.M.** The Tender documents dully filled in along with requisite documents will be received up to **5.00 P.M.** on **Dt.13.11.2025** in the Tender Box kept in the Office of the undersigned which will be opened at **11.00 A.M.** onward on dt. **14.11.2025** in presence of the Tenderers or their authorized agents if they attend the Office in the schedule date and time of opening of Tender. Earnest money @1% of the estimated cost is to be deposited by the Tenderers in shape of TDR/KVP/NSC duly pledged to the Executive Officer, Balasore Municipality and the TDR/KVP/NSCs are to be submitted along with Tender Paper, Another 1% will be deposited by the successful Tenderers as I.S.D. in shape of TDR /KVP/NSC duly pledged to the Executive Officer, Balasore Municipality before drawal of agreement. **Additional Performance Security** will be deposited by the successful bidder in shape of Demand Draft & TDR pledged to the Executive Officer, Balasore Municipality. Tenderers should be submitted copies of valid **CONTRACTOR LICENSE, PAN CARD, GST clearance certificate**. The affidavit regarding submission of details of bid documents/availing exemption of EMD/ISD, availing SC/ST benefit etc. Should be submitted in original along with tender documents for each work at the time of verification of documents. The affidavit should mention Contractor Name, Regd. No., DTCN No./ BID Identification No, Work Name/ SL No. in which participating. It should be addressed to Executive Officer, **Balasore Municipality** Authority (i.e. Executive Officer, Balasore municipality) may cancel the work order by giving 7 days notice if work doesn't start after 10 days of issuing work order. Authority reserves right to cancel the work order for slow progress, for substandard quality work, non-compliance with instructions related to the above mentioned work of the Executive Officer/M.E/A.E/J.E Concerned by giving 07 days notice. **The Operation & maintenance period shall be 3 years for all projects.The authority have every rights to reject any or all tenders without assigning any reason thereof.**

| Sl. No. | Name of the work | Estimated Cost | Amount put to be Tender | Cost of Tender Paper (In Rs) | EMD to be Deposited (In Rs) | Time of Completion (In days) |
|---|---|---|---|---|---|---|
| 1 | City Beautification (Wall Painting at Police High School) in Ward No_08 | Rs.1,00,000 | Rs.84,746 | Rs.400.00 | 1% | 30 days |
| 2 | City Beautification (Wall Painting at Matha sahi School) in Ward No_08 | Rs.1,00,000 | Rs.84,746 | Rs.400.00 | 1% | 30 days |
| 3 | City Beautification (Wall Painting at Mathabadi) in Ward No_15 | Rs.1,00,000 | Rs.84,746 | Rs.400.00 | 1% | 30 days |
| 4 | City Beautification (Wall Painting) Badakhua Paly Ground Boundary wall in Ward No_02 | Rs.2,00,000 | Rs.1,69,492 | Rs.600.00 | 1% | 45 days |
| 5 | Construction of Paver Block Road and Drain from Badri House to Motilal House at Musa Gali in Ward No_04 | Rs.3,00,000 | Rs.2,54,237 | Rs.2,000.00 | 1% | 60 days |
| 6 | Construction of Paver Block Road from Bikash Behera Res to Rajesh Biswas Res in Ward No_29 | Rs.3,50,000 | Rs.2,96,610 | Rs.2,000.00 | 1% | 60 days |
| 7 | Constn. of Road and Drain from Jabir Khan House to Nasir Khan House in Ward No_18 | Rs.3,75,000 | Rs.3,17,797 | Rs.2,000.00 | 1% | 60 days |
| 8 | Construction of Paver Block Road and Drain from Sabra House to Moti House at Pizuruddin Lane, Balubazar in Ward No_04 | Rs.4,00,000 | Rs.3,38,983 | Rs.2,000.00 | 1% | 60 days |
| 9 | City Beautification at FM College Road and Shantikana Road in Ward No_15 | Rs.4,00,000 | Rs.3,38,983 | Rs.2,000.00 | 1% | 60 days |
| 10 | Construction of Paver Block Road from Sabita Rout Res to Sanat Das Res in Ward No_29 | Rs.4,20,000 | Rs.3,55,932 | Rs.2,000.00 | 1% | 60 days |
| 11 | Construction of Paver Block Road and Drain from Narayan Jena Res to Prafulla Dey Res in Ward No_29 | Rs.4,30,000 | Rs.3,64,407 | Rs.2,000.00 | 1% | 60 days |
| 12 | Constn. of Road and Drain from Runni House to Jatin Pradhan House in Ward No_18 | Rs.4,35,000 | Rs.3,68,644 | Rs.2,000.00 | 1% | 60 days |
| 13 | Construction of CC Road and Drain from Khillar Babu Res to Shankar Bindhani Res at Darjipokhari in Ward No_28 | Rs.4,81,500 | Rs.4,08,051 | Rs.2,000.00 | 1% | 60 days |
| 14 | Construction of Paver Block Road and Drain from Kara babu House to Nalini Mohapatra House in ward No_23 | Rs.4,85,000 | Rs.4,11,017 | Rs.2,000.00 | 1% | 60 days |
| 15 | Construction of Paver Block Road and Drain from Bijay Panigrahi Res to Harish Jena Res at Rani Patana in Ward No_28 | Rs.4,93,000 | Rs.4,17,797 | Rs.2,000.00 | 1% | 60 days |
| 16 | Constn. of Paver Block Road and Drain from Rout Babu House to Chunnu House in Ward No_18 | Rs.4,90,000 | Rs.4,15,254 | Rs.2,000.00 | 1% | 60 days |
| 17 | Constn. of CC Road and Drain Pataka Nana House to Laxmi Mani House, Mohammadpur in Ward No-01 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 18 | Constn. of Paver Block Road and Drain from Murmu House to Archana Panda House at Mohammadpur in ward No-01 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 19 | Const. of Paver Block Road and Drain to Aluha Crematorium in Ward No_02 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 20 | Construction of Paver Block Road and Drain from Muna House to Sadiruddin House in Ward No_04 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 21 | Development of Graveyard at Rejjaulla Lane in Ward No_04 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 22 | Development of Graveyard at Khwajabagh in Ward No_04 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 23 | Construction of Paver Block Road and Drain from Mehboob House to Raja House at Gouda Sahi in Ward No_04 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 24 | Constn. of paver Block road from Santosh Pradhan House to Ashok Pradhan House, Case Lane in Ward No_05 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 25 | Development of Balu Bazar Kabarsthan in Ward No_06 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 26 | Construction of Paver Block Road and drain from Ushamedha Bye lane Babu House to Rais House in Ward No_7 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 27 | Construction of Paver Block Road and drain from Proof Road Bye lane Babula Jena House to Tarzan Bibi House in Ward No_07 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 28 | Construction of Paver Block Road and Drain from Ushamedha Bye Lane Roza no-05 to Hafiz House in Ward No_07 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 29 | Construction of Paver Block Road and Drain from Hemakapada Bye Lane Bharati Sethi House to Umakanta Marine in Ward No_07 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 30 | Construction of Paver Block Road and Drain from RR Street Bye Lane Bilal Mohammad House to Babu House in Ward No_07 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 31 | Construction of Paver Block Road and Drain from Prafulla Das House to Ashok Mohanty House in Ward No_08 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 32 | Construction of Paver Block Road infront of Gangadhar Kalyan Mandap in Ward No_26 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |
| 33 | Construction of Paver Block Road and Drain from Hama Babu Res to Kadir Babu Res in ward No_26 | Rs.5,00,000 | Rs.4,23,729 | Rs.2,000.00 | 1% | 60 days |

OIPR- **Sd./- Executive Officer**
**Balasore Municipality**

# ପଞ୍ଚାୟତିରାଜ, ପାନୀୟଜଳ ବିଭାଗ କମିଶନଙ୍କ ୩ ଦିନିଆ ଗଞ୍ଜାମ ଗସ୍ତ

ଛତ୍ରପୁର,୮।୧୧ (ଦିଲ୍ଲୀପ ସାମଲ)

ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର କମିଶନ ତଥା ସଚିବ ଏବଂ ଗଞ୍ଜାମ ଜିଲ୍ଲା ସେକ୍ରେଟାରୀ ଦାୟିତ୍ୱରେ ଥିବା ବରିଷ୍ଠ ଆଇଏଏସ ଅଧିକାରୀ ଗିରୀଶ ଏସ୍.ଏନ୍ ଗଞ୍ଜାମ ଜିଲାକୁ ୩ଦିନିଆ ଗସ୍ତରେ ଆସିଛନ୍ତି ଶନିବାର ପ୍ରଥମ ଦିନରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ତାହାର ସମୀକ୍ଷା କରିଛନ୍ତି। ସେ ଖଲ୍ଲିକୋଟ ଓ ଗଞ୍ଜାମ ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସନ୍ଧ୍ୟାରେ ଛତ୍ରପୁର ସ୍ଥିତ ଜିଲାପରିଷଦ ଭାବନର



ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲାୱାରୀ ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ, ସ୍ୱଚ୍ଛଭାରତ ମିଶନ, ଗୃହ ଓ ନଗର ଉନ୍ନୟନ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଠାରୁ ଆରମ୍ଭ ସମସ୍ତ ବିଭାଗର ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର କମିଶନ ତଥା ସଚିବ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଜିଲାରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କିପରି ଶେଷ ହେବ ସେ ସମ୍ପର୍କରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ବିଷୟରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ସେ ପଚାରି ବୁଝିଥିଲେ। ଆସିକା, ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଆନେସ୍ଥିଆ ଡାକ୍ତର ଅଭାବ ଥିବା ଯୋଗୁ ବିଭିନ୍ନ ଅପରେସନ ହେଉ ନାହିଁ। ହିଞ୍ଜିଳିକାଟୁ ଏସଡିଏଚରେ ଆହୁରି ବେଡର ଆବଶ୍ୟକତା ରହିଛି। ସହରାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କିପରୀ ରହିଛି ସେ ସେ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି ସମୀକ୍ଷା ବୈଠକରେ ଗଂଜାମ ଜିଲ୍ଲାପାଳ ଭି.କୀର୍ତ୍ତୀ ଭାସନ, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା ଓ ସୁନିଲ କୁମାର କେର୍କେଟା, ବିଏମସି କମିଶନର, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଓ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ପାରଳାଖେମୁଣ୍ଡି ହେବ ଦକ୍ଷିଣ ଭାରତର ପ୍ରମୁଖ ରେଳଷ୍ଟେଶନ

## ଦକ୍ଷିଣାଞ୍ଚଳ ଡିଆରଏମ୍‌ଙ୍କ ପାରଳାଖେମୁଣ୍ଡି ଗସ୍ତ

ପାରଳାଖେମୁଣ୍ଡି, ୮।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିକୁ ଶନିବାର ଦକ୍ଷିଣାଞ୍ଚଳ ଡିଆରଏମ୍ ୱାଲ୍‌ଟିଅର ଡିଭିଜନ୍ ଲଳିତ ମୋହନ ଗସ୍ତକରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନୌପଡ଼ା ଗୁଣପୁର ରେଳଲାଇନର ଉନ୍ନତୀକରଣ ସହ ଅମୃତ ଭାରତ ଯୋଜନାରେ ଚାଲିଥିବା ଷ୍ଟେଶନର ପୁନରୁଦ୍ଧାର କାର୍ଯ୍ୟର ସେ ଅନୁଧ୍ୟାନ କରିଥିଲେ। ଷ୍ଟେଶନର ସମସ୍ତ କାର୍ଯ୍ୟ ବୁଲି ଦେଖିଥିଲେ। ଷ୍ଟେଶନର ପ୍ରବେଶ ପଥଠାରୁ ଆରମ୍ଭକରି ସମସ୍ତ ରାସ୍ତା, ପାନୀୟଜଳ ବ୍ୟବସ୍ଥା, ବୟସ୍କଙ୍କ ପାଇଁ ନିର୍ମିତ ଲିଫ୍ଟ ବ୍ୟବସ୍ଥା, ଆନୁଷଙ୍ଗିକ ସିଗ୍ନାଲ ବ୍ୟବସ୍ଥା, ନବନିର୍ମିତ ବିଶ୍ରାମାଗାର ଆଦିର ନିରିକ୍ଷି ତଦାରଖ କରିଥିଲେ ଡିଆରଏମ୍ ଲଳିତ ମୋହନ। ଏହି ଅବସରରେ ସେ କହିଥିଲେ,




ଷ୍ଟେଶନର ଅନେକ ଅତ୍ୟାବଶ୍ୟକ କାର୍ଯ୍ୟ ବାକି ରହିଛି। ନିର୍ମାଣ କାର୍ଯ୍ୟ ସରିବା ପରେ ଏହି ଷ୍ଟେଶନ ଦକ୍ଷିଣ ଭାରତର ଏକ ପ୍ରମୁଖ ରେଳଷ୍ଟେଶନ ହେବ। ଗୁଣପୁରଠାରୁ ଥିରୁବାଲି ସଂଯୋଗୀକାରଣ କାର୍ଯ୍ୟ ଜାରି ରହିଛି। ଆଗକୁ ଅନେକ ଟ୍ରେନ୍ ଏହି ପଥ ଦେଇ ଚଳାଚଳ କରିବ। ପାରଳାଖେମୁଣ୍ଡି ରେଳଷ୍ଟେଶନ ଭାରତୀୟ ଅର୍ଥନୀତିରେ ଓ ବ୍ୟବସାୟିକ ଭିତ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଶୀଘ୍ର ଏହାର ସମସ୍ତ କାର୍ଯ୍ୟ ଶେଷହୋଇ ଉଦ୍‌ଘାଟନ ହେବ ବୋଲି ଦକ୍ଷିଣାଞ୍ଚଳ ଡିଆରଏମ୍ କହିଥିଲେ।

# ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ରାଇକିଆ, ୮।୧୧ (ପ୍ରଦୀପ ବେହେରା)

ରାଇକିଆ ଥାନା ବିଅରପାଙ୍ଗା ପାହାଡ଼ ନିକଟ ଜଙ୍ଗଲରୁ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ଜବତ କରିଛି। ସେ ହେଲେ ଡାମ୍ବା ଗ୍ରାମର ଦାଉଦ ନାୟକ (୬୬)। ଏନେଇ ରାଇକିଆ ଥାନାରେ ୯/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହକୁ ରାଇକିଆ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଅପରେଶନ ନୀଳ ଜହର, ଗଞ୍ଜେଇ ଗଛ ନଷ୍ଟ

ଫୁଲବାଣୀ/ରାଇକିଆ, ୮।୧୧( ରାକେଶ କୁମାର ରାଉତ/ ପ୍ରଦୀପ ବେହେରା)

କନ୍ଧମାଳ ଜିଲାରେ ଶନିବାର ଅପରେସନ ନୀଳ ଜହର ଆରମ୍ଭ ହୋଇଛି। ଗୋଛାପଡା ଥାନା ପୋଲିସ ପ୍ରଥମ ଦିନରେ ୮୭ ହଜାର ଗଞ୍ଜେଇ ଗଛ ନଷ୍ଟ କରିଛି। କୁଇରୀମାଣ୍ଡୁ ପଞ୍ଚାୟତର ଗ୍ଲଟ ଓ ଡୁମୁରିକେତା ଗାଁ ନିକଟବର୍ତ୍ତୀ ଜଙ୍ଗଲ ଜମି ମାନଙ୍କରେ ଚାଷ ହୋଇଥିବା ଏହି ଗଛ କଟା ଯାଇଛି। ଏହି ଅଭିଯାନରେ ବନବିଭାଗ, ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ପୃଥ୍ୱୀରାଜ ମହାନନ୍ଦିଆ ଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ରାଇକିଆ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ସୁଗଡବାଡ଼ି ପଞ୍ଚାୟତର ନାଉଡ଼ିମହା ଅଞ୍ଚଳ ଜଙ୍ଗଲରୁ ୨୫ଏକର ଜମିରେ ଲଗା ଯାଇଥିବା ଗଞ୍ଜେଇ ଗଛ ନଷ୍ଟ କରିଛି। ଶନିବାର ଏହି ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିବା ସୂଚନା ପାଇ ରାଇକିଆ ଥାନା ଅଧିକାରୀ ଆଶୁତୋଷ ପାଇକରାୟ, ରାଇକିଆ ତହସିଲଦାର ବରିୟାଲ ମୁର୍ମୁ ଏବଂ ଜିଲା ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରି ୨୫ ହଜାର ଗଛ ଆଇଆରବି ଯବାନଙ୍କ ସହାୟତାରେ ପୋଡ଼ି ନଷ୍ଟ କରିଥିଲେ। ଏନେଇ ରାଇକିଆ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ନଷ୍ଟ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୧ କୋଟି ହେବ ବୋଲି ରାଇକିଆ ଥାନା ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।

# ଜି.ଉଦୟଗିରି ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ସହର

## ୧୧ ଡିଗ୍ରୀ ସେଲସିୟସ ରେକର୍ଡ଼

ଜି.ଉଦୟଗିରି,୮।୧୧(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଦୈନନ୍ଦିନ ପାରଦ କମୁଥିବା ବେଳେ ଶୀତର ପ୍ରକୋପ ବଢ଼ିଛି। ସ୍ଥାନୀୟ ପାଣିପାଗ ବିଭାଗର ସୂଚନାନୁସାରେ ଶନିବାର ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ୧୧ ଡିଗ୍ରି ସେଲସିୟସ ରହିଥିବା ବେଳେ ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିଥିଲା। ଶୀତ ବଢୁଥିବା ବେଳେ ଶୀତ ବସ୍ତ୍ର କିଣିବା ପାଇଁ ବଜାରରେ ଭିଡ଼ ଦେଖିବାକୁ ମିଳୁଛି। କିଛି ବର୍ଷ ହେବ ଜି.ଉଦୟଗିରି ରାଜ୍ୟର ସବୁ ଠାରୁ କମ୍ ତାପମାତ୍ରା ସହ ଅତ୍ୟଧିକ ଥଣ୍ଡା ହେଉଥିବା ନଜିର ରହିଛି। ଚଳିତ ବର୍ଷ ମଧ୍ୟ ତୁଷାରପାତ ହେବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି। ଜି.ଉଦୟଗିରିରେ ଶୀତର ମଜା ନେବା ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି କିନ୍ତୁ ଏଠିକାର ପର୍ଯ୍ୟଟନ ସ୍ଥଳି ଗୁଡ଼ିକର ବିକାଶ ହୋଇ ନ ଥିବା ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଆଲୋଚନା ହେଉଛି।

# ମନ୍ଦିର ପୂଜକ ନିଖୋଜ

ଗଞ୍ଜାମ,୮।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ଦାମୋଦରପୁର ଗ୍ରାମ ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର ପୂଜକ ତ୍ରିନାଥ ସାହୁ (୭୦) ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳିନାହିଁ। ଯଦି କେହି ତାଙ୍କର ସନ୍ଧାନ ପାଆନ୍ତି ତେବେ ଗଞ୍ଜାମ ଥାନାକୁ ଅବଗତ କରାଇବାକୁ ଅନୁରୋଧ କରାଯାଇଛି। ତାଙ୍କର ସାମାନ୍ୟ ମାନସିକ ସମସ୍ୟା ରହିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ସେ୨ଦିନ ତଳେ ଗଞ୍ଜାମ ସହରରୁ ଏକ ଯାତ୍ରୀବାହି କ୍ୟାଣ୍ଟରରେ ଚଢିବା କିଛି ଲୋକ ଦେଖିଛନ୍ତି। ସେ ଯିବାବେଳେ ଧଳା ସାର୍ଟ ଓ ଧୋତି ପିନ୍ଧିଥିବା ପରିବାର ବର୍ଗ କହିଛନ୍ତି।

# 'କୌଶଳ, ଶକ୍ତି ବଳରେ ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିଥିଲେ'

## ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି, ୮।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମରେ ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ଏକତା ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁମିତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲା ପରିଷଦ ସଭାପତି ଜି. ତିରୁପତି ରାଓ ଏବଂ ପୌରାଧକ୍ଷା



ଅତିଥିମାନେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ନିର୍ମଳା ସେଠୀ ଯୋଗଦେଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ସର୍ଦ୍ଦାର ବଲ୍ଲଭଭାଇଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଦେଶର ସ୍ୱାଧୀନତା ପାଇଁ ପଟେଲ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ନିଜର କୌଶଳ ଓ ଶକ୍ତି ବଳରେ ଦେଶକୁ ସଙ୍କଟଜନକ ପରିସ୍ଥିତିରୁ ମୁକୁଳାଇ ଏକତା ସୂତ୍ରରେ ବାନ୍ଧି ରଖିଥିଲେ। ସ୍ୱାଧୀନ ଭାରତର ସେ ପ୍ରଥମ ଉପପ୍ରଧାନମନ୍ତ୍ରୀ ଥିଲେ। ତାଙ୍କର ଏହି ବଳିଷ୍ଠ ଅବଦାନ ପାଇଁ ତାଙ୍କୁ 'ଲୌହମାନବ' ଉପାଧି ମିଳିଥିଲା, ସେଥିପାଇଁ ସେ ସର୍ବଦା ନମସ୍ୟ ହୋଇ ରହିବେ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

ଏହି ଅବସରରେ ସକାଳ ୭ଟାରେ ଗଜପତି ଷ୍ଟାଡିୟମଠାରୁ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପଦଯାତ୍ରାରେ ସହରର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ସ୍ଥାନୀୟ ଜନପ୍ରତିନିଧିମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ଲାଗି ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ସ୍ଥାନୀୟ ଉତ୍ପାଦଗୁଡ଼ିକର ପ୍ରଦର୍ଶନ, ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ, ଏକ ଭାରତ–ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


## OFFICE OF THE DEAN & PRINCIPAL VEER SURENDRA SAI INSTITUTE OF MEDICAL SCIENCES & RESEARCH, BURLA DIST:SAMBALPUR (ODISHA) PIN-768017

Ph.No.0663-2430768, Fax:0663-2430767
Email:vssmcburlaorissa@gmail.com, Website:www.vimsar.ac.in
TENDER CALL NOTICE NO.7960/VIMSAR Burla Dated the 04.11.2025

**TENDER CALL NOTICE**

**No.E-494:** Sealed tenders are invited from Reputed Suppliers/ Subscription Agencies for supply of Medical Journals for the Central Library, VIMSAR, Burla as per the schedule dates given below. The details of Terms & Condition and other qualifying criteria etc. are available in the college website www.vimsar.ac.in and Sambalpur District website www.sambalpur.nic.in.

Date of availability of the tender documents on website: 10.11.2025
Last date of receipt of Tender : 01.12.2025 at 5.00 PM
Opening of Tender : 03.12.2025 at 12.30 PM

OIPR- **Sd./- Dean & Principal VIMSAR, Burla-768017**

## ODISHA POLICE DISTRICT HEADQUARTERS KEONJHAR

**TENDER CALL NOTICE FOR HIRING VEHICLE**

**No.O-255:** Sealed tenders are invited from interested Reputed Travel Agencies/ Tour Operators/ Service Providers to provide 11 (eleven) Nos. of Scorpion-N variant (transport) Diesel Vehicle, which shall conform to the Terms and Conditions (Annexure-I) for patrolling purposes in Keonjhar district areas on monthly rent basis to reach in the O/o the Superintendent of Police, Keonjhar Forest Division, on or before 20.11.2025 upto 1.00 PM through Registered/Speed Post/ Courier Service and can also be dropped in the Tender Box placed in the Office of the Superintendent of Police, Keonjhar. The tenders will be opened in the same office on 20.11.2025 at 05.00 PM. The tender process will commence on 07.11.2025 at 10.00 AM and conclude on 20.11.2025 at 1.00 P.M. The Standard Bidding Document and Terms and Conditions can be downloaded from https://www.keonjharpolice.in/ or https://kendujhar.odisha.gov.in.

OIPR: **Sd./- Superintendent of Police, Keonjhar**

## GOVERNMENT OF ODISHA PANCHAYATIRAJ & D.W. DEPARTMENT OFFICE OF THE PANCHAYAT SAMITI, BIRIDI

'e'mail ID: ori-biridi@nic.in

No. i-369 **'e' Procurement Notice No. BDO-BPS-04 of 2025-26**

| | | |
|---|---|---|
| 1 | Number of the works | 02 (Two) Nos. |
| 2 | Tender Amount (Approx.) | Rs.21.07 Lakhs to Rs.21.16 lakhs |
| 3 | EMD (Online) | Rs.21,100.00 & Rs.21,200.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | 'e' Procurement Notice No. | Availability of Tender From | Availability of Tender To | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| **Block Development Officer, BIRIDI** | BDO/BPS-04/ 2025-26 | **06.11.2025** at 10.00 hours | **19.11.2025** at 17.30 hours | **17.11.2025** upto 1.00 P.M. during office hours on working days | **20.11.2025** upto 11.00 A.M. during office hours | O/o. the Panchayat Samiti, Biridi |

Further details can be seen from the Govt. website "**https://tendersodisha.gov.in**.
All Corrigendum/Cancellation of tender if any, will only be uploaded in the above website.
OIPR- **Sd./- Block Development Officer, Biridi**

## ROURKELA FOREST DIVISION

**NOTICE NO.246 of 2025-26, Date: 03.11.2025**

**WALK-IN-INTERVIEW**

No.MM-269: Rourkela Forest Division requires candidates for temporary engagement in **following posts for Mobile Veterinary Unit (MVU).** The tentative date for Walk-in-Interview is scheduled on **20.11.2025 at 11.00 AM** in the conference hall of Rourkela Forest Division. The application form alongwith detail terms and conditions shall be available on the website **www.sundargarh.odisha.gov.in/ www.odishaforest.in/ www.dforourkela.in** from dt.07.11.2025 to 15.11.2025.

| Position | Number | Qualification | Consolidated Monthly Remuneration (in Rupees) | Remarks |
|---|---|---|---|---|
| Veterinary Officer | One | B.V.Sc & A.H. | 65,000/- | Fresh Veterinarian will be engaged through outsourcing. |

OIPR- **Sd./- Divisional Forest Officer, Rourkela Forest Division**

## GOVERNMENT OF ODISHA OFFICE OF THE EXECUTIVE ENGINEER PUBLIC HEALTH DIVISION, RAYAGADA

No.C-1379

e-mail:- eephd.rgda.od@od.gov.in, eephdrgda@gmail.com

**e-Procurement Notice for 2025-26**

**Bid Identification No.EEPHDRAYAGADA-27/2025-26 Dt.31.10.2025**

1. Name of the Work : 3 Nos.
2. Estimate Cost : From Rs.20.37 Lakh to Rs.55.71 Lakh (Approx.)
3. Period of Completion : From 3 to 4 Months
4. Date & Time of availability of Bid documents in the portal : From 11.00 A.M. of 10.11.2025 to 05.00 P.M. of 20.11.2025
5. Last date/time of receipt of bids in the portal : 05.00 P.M. of 20.11.2025
6. Date & Time of opening of Bids : 11.00 A.M. of 21.11.2025
7. Name and address of the Officer Inviting Bid : Executive Engineer, P.H. Division, Rayagada Near Forest Check Gate, Seriguda Rayagada- 765002

Further details can be seen from the e-Procurement portal **"https://www.tendersorissa.gov.in".**

OIPR- **Sd./- Executive Engineer P.H. Division, Rayagada**

## GOVERNMENT OF ODISHA OFFICE OF THE EXECUTIVE ENGINEER PUBLIC HEALTH DIVISION, RAYAGADA

No.C-1380

e-mail:- eephd.rgda.od@od.gov.in, eephdrgda@gmail.com

**e-Procurement Notice for 2025-26**

**Bid Identification No.EEPHDRAYAGADA-26/2025-26 Dt.29.10.2025**

1. Name of the Work : 6 Nos.
2. Estimate Cost : From Rs.8.38 Lakh to Rs.49.65 Lakh (Approx.)
3. Period of Completion : From 2 to 3 Months
4. Date & Time of availability of Bid documents in the portal : From 11.00 A.M. of 10.11.2025 to 05.00 P.M. of 20.11.2025
5. Last date/time of receipt of bids in the portal : 05.00 P.M. of 20.11.2025
6. Date & Time of opening of Bids : 11.00 A.M. of 21.11.2025
7. Name and address of the Officer Inviting Bid : Executive Engineer, P.H. Division, Rayagada Near Forest Check Gate, Seriguda Rayagada- 765002

Further details can be seen from the e-Procurement portal "https://www.tendersorissa.gov.in".

OIPR- **Sd./- Executive Engineer P.H. Division, Rayagada**

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ

**ବିଜ୍ଞପ୍ତି**

No.g-108–ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ଶିଶୁଜଣଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଅଛି । ଉକ୍ତ ଶିଶୁଜଣଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ, ଫୋନ ନଂ.06792-255562 କିମ୍ବା ଶିଶୁ ମଙ୍ଗଳ ସମିତି, ମୟୂରଭଞ୍ଜ, ଫୋନ ନଂ.-06792-252246 କୁ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଜଣଙ୍କୁ କିଶୋର ନ୍ୟାୟ ଆଇନ୍ ୨୦୧୫ ଅନ୍ତର୍ଗତ ଧାରା ୩୮ (୧) ଓ ପୋଷ୍ୟସନ୍ତାନ ନିୟମାବଳୀ ୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ ।

| | ଫଟୋ |
|---|---|
| ଶିଶୁର ନାମ– ବନ୍ଦନା<br>ଲିଙ୍ଗ–ଝିଅ<br>ଜନ୍ମତାରିଖ– ୧୩.୦୧.୨୦୨୫<br>ଜନ୍ମସ୍ଥାନ– ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଠାକୁରମୁଣ୍ଡା, ମୟୂରଭଞ୍ଜ<br>ଉଦ୍ଧାର ହୋଇଥିବା ସ୍ଥାନ:ଦହିବାମନପୁର, ୪୨ ମୌଜା, କଟକ |  |

OIPR- ସ୍ୱା./–ଜିଲ୍ଲାପାଳ, ମୟୂରଭଞ୍ଜ

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର–୭୫୧୦୦୧,
ଫୋନ୍– (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୧୯୨ **ବିଜ୍ଞାପନ** ତା.୧୮.୧୦.୨୫

**No.CAD-2224**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି–୧–୧୬୫ (MIG-I-165), ଛେଣ୍ଡ ଫେଜ୍–୨, କମ୍ପୋଜିଟ୍ ହାଉସିଂ ସ୍କିମ୍, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ପ୍ରଭାସିନୀ ମହାନ୍ତି, ସ୍ୱାମୀ–ଶ୍ରୀ ସରୋଜ କୁମାର ମହାନ୍ତି, ଘର ନଂ.–ଏମ୍‌ଆଇଜି–୧–୧୬୫, କଳିଙ୍ଗ ବିହାର, ଛେଣ୍ଡ ଫେଜ୍–୨,ପୋ–ରାଉରକେଲା–୧୫, ଥାନା–ଛେଣ୍ଡ, ଜିଲ୍ଲା–ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ ପ୍ରଭାସିନୀ ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବିଦ୍ୟାପତି ମହାପାତ୍ର, ପିତା–ଗୁରୁଚରଣ ମହାପାତ୍ର, ସା–ଗୋପୀନାଥପୁର ଶାସନ, ପୋ–ଯଦୁପୁର, ଥାନା–ମାର୍ଶାଘାଇ, ଜିଲ୍ଲା–କେନ୍ଦ୍ରାପଡାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

OIPR- ସ୍ୱା./– ପ୍ରଶାସନିକ ଅଧିକାରୀ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## Government of Odisha Office of the Superintending Engineer, Rural Works Division, Jharsuguda

No.O-1317

**Email : eerw_jharsuguda@yahoo.co.in, Tel. : 06645-271643**

Bid Identification No. Online - SEJSG - 08 of 2025-26

**NOTICE INVITING TENDER FOR ROAD WORK IN ODISHA**

NATIONAL COMPETITIVE BIDDING THROUGH e-Procurement

1 Name of the work : Road works as per DTCN available in the www.tendersorissa.gov.in
2 Total No. of Work : 14 (Fourteen) Nos
3 Estimated Cost : Rs.5.04 Lakh to 45.29
4 Period of completion : 01 (One) & 03 (Three) Calendar Months
5 Period and Time of availability of bid document in the portal for bidding : Dt. **07.11.2025** at 11.00 A.M. to **20.11.2025** upto 05.00 P.M.
6 Date and Time of bid opening : Dt.**21.11.2025** at 11.00 A.M.
7 Name and address of the officer inviting Bid : S.E., R.W.Division, Jharsuguda

(1) Other details can be seen from Detailed notice Inviting Tenders available in website www.tendersorissa.gov.in
(2) Corrigendum if any shall only be published in the above website.

OIPR- **Sd./- Superintending Engineer R.W. Division, Jharsuguda**

## GOVERNMENT OF ODISHA AGRICULTURE DEPARTMENT OFFICE OF THE EXECUTIVE ENGINEER (AGRIL.) DHENKANAL DIVISION, DHENKANAL

No. 975 Date: 03.11.2025

**INVITATION FOR BIDS (IFB)**

**e procurement notice**

**Bid Identification Number/Tender Call Notice No. E E (A) D/D-02 of 2025-26**

No. L-100: The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil Construction works under Dhenkanal Division. The costs of the project approximately from 9.00 lakhs to 22.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contrat and other necessary documents can be downloaded from **www.tendersorissa.gov.in** from 10.11.2025 at 10.00 hours to 18.11.2025 at 05.00 P.M. The bid will be opened on 19.11.2025 at 03.30 P.M. in the O/o. Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from **www.tendersorissa.gov.in**.

**Email ID: eeagri.dhenkanal.@gmail.com**

OIPR- **Sd./- Executive Engineer (Agril.) Dhenkanal Division, Dhenkanal**

## MUNICIPAL OFFICE : JEYPORE

Ph. No.06854-321098, Fax No. 06854-230104,
Email - jeyporem.hud@nic.in

No.C-1406

**L. No.4705/JM JM-TCN03/2025-26 Date : 04.11.2025**

Bid documents consisting of specification the Bill of Quantity and the tender call notice can be seen in the Govt. website https://tendersorissa.gov.in/nicgep/app.

| | |
|---|---|
| Bid Documents including Schedule of Quanity available for online bidding | https://tendersorissa.gov.in/nicgep/app |
| No. of works | 12 |
| Estimated cost | As per DTCN |
| Date & Time of Bidding in portal | From 06.11.25 at 11:00 Hours to 19.11.25 Upto 16:00 Hours |
| Last date & time for receipt of bids in portal | 19.11.25 Upto 16:00 Hours |
| Offline Documents Received through Speed Post | 19.11.25 at 16:00 Hours to 21.11.25 Up to 11:00 Hours (Working Days Only) |
| Bids received online shall be opened on | 21.11.25 at 11:00 Hours onwards |
| Offline Documents shall be opened in presence of the Participate Bidders | 21.11.25 at 11:00 Hours onwards |

OIPR- **Sd./- Executive Officer Jeypore Municipality**

## GOVERNMENT OF ODISHA OFFICE OF THE SUPERINTENDING ENGINEER BHANJANAGAR (R&B) DIVISION, BHANJANAGAR

**(Phone Fax:(06821) 241133/ Email eernbbngr@yahoo.in)**
**Ltr. No. 10982/Dtd.31.10.2025**

No.B-665: **INVITATION FOR BIDS (IFB)**

**E-Procurement Bid Identification No.S.E.-BNJ-R&B-14/2025-26**

1. Name of Work : Electrical Works
2. No. of Works : 6 Nos. Electrical Work
3. No. of Covers : Single Cover
4. Estimated Cost : Rs.13.81 to 19.99 Lakhs
5. Period of Completion : Three Calendar Months
6. Date & Time of availability of bid document in the portal : From 12.00 Noon of dated 07.11.2025 to 5.00 PM of dated 21.11.2025
7. Last date time for receipt of bids in the portal : Upto 5.00 P.M. of dated 21.11.2025
8. Date of opening of bid documents : At 11.00 A.M. of dated 24.11.2025
9. Class of Contractor : "MV" & "HT" Elect. Contractor
10. Name and address of Officer Inviting Bid : Superintending Engineer Bhanjanagar (R&B) Division, Bhanjanagar

Further details can be seen from the e-procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

OIPR- **Sd./- Superintending Engineer Bhanjanagar (R&B) Division**

**ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ମୋହନାକୁ ସଫଳତା**

ମୋହନା, (ମନ୍ମଥ ମିଶ୍ର) ପାରଳାଖେମୁଣ୍ଡିରେ ଆୟୋଜିତ ଗଜପତି ଜିଲାସ୍ତରୀୟ ସୁରଭିରେ ମୋହନା ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ହିଲଟପ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଫଳତା ମିଳିଛି। ବକ୍ତୃତା ପ୍ରତିଯୋଗିତାରେ ଯୁକ୍ତ ଦୁଇ ବିଜ୍ଞାନ କଳା ଛାତ୍ରୀ ଶ୍ରୀୟାରାଣୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଯୁକ୍ତ ଦୁଇ ବିଜ୍ଞାନ କଳାର ଛାତ୍ର ତପନ ଗୌଡ଼ ଶ୍ରେଷ୍ଠ ପୁରସ୍କାର ହାସଲ କରିଛନ୍ତି। ହିଲଟପ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଯୁକ୍ତ ଦୁଇ କଳା ଛାତ୍ରୀ ଶୁଭରେଖା ମିଶ୍ର ପ୍ରବନ୍ଧରେ ପ୍ରଥମ, ଯୁକ୍ତ ଦୁଇ କଳା ଛାତ୍ରୀ ଯଜ୍ଞପ୍ରଭା ବେହେରା ସୃଜନଶୀଳ ଲିଖନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।



# ଏମ୍‌କେସିଜିକୁ ଏମ୍‌ସ ପ୍ଲସ ରୂପାନ୍ତରଣ ଆଶା ଆଶଙ୍କାରେ

ବ୍ରହ୍ମପୁର,୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଗତ ଦିନରେ ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶାର ପ୍ରମୁଖ ଜିଲ୍ଲା କେନ୍ଦ୍ର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ 'ଏଆଇଆଇଏମଏସ-ପ୍ଲସ' ସଂସ୍ଥା ରୂପେ ବିକାଶ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତିକୁ ନେଇ ଲୋକଙ୍କ ମଧ୍ୟରେ ଏବେ ଆଶା ଆଶଙ୍କା ବଢ଼ିଛି। ଡାକ୍ତରଙ୍କଠାରୁ ଆରମ୍ଭ କରି ଅନେକ ବିଭାଗରେ କର୍ମଚାରୀ ଅଭାବ, ଓପିଡି ରୋଗୀଙ୍କ ଦୁର୍ଦ୍ଦଶାଗ୍ରସ୍ତ ଚିତ୍ର, ରକ୍ତଭଣ୍ଡାରରେ ରକ୍ତ ଅଭାବ ଏଭଳି ଚିତ୍ରଗୁଡ଼ିକ ଲୋକଙ୍କ ଆଶାକୁ ଆଶଙ୍କାରେ ପରିଣତ କରୁଛି। ରାଜ୍ୟ ସରକାର ଏଭଳି ପ୍ରତିଶ୍ରୁତି ଦେବା ପରେ ଜିଲାସ୍ତରୀୟ ଅଧିକାରୀମାନେ ଭିତ୍ତିଭୂମି ମୂଲ୍ୟାୟନ କରିବା ଯୋଜନାରେ ଲାଗିଛନ୍ତି। ପ୍ରଥମେ କର୍ମଚାରୀ ଅଭାବ ପୂରଣ ନ କରି ଏହି ପ୍ରତିଶ୍ରୁତି କେବଳ ଏକ ନାମକୁ ପରିବର୍ତ୍ତନ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ଏମକେସିଜିରେ ଅନୁମୋଦିତ ଡାକ୍ତରଙ୍କ ଭିତରୁ ବହୁ ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ସୁପର ସ୍ପେସିଆଲିଟି ବିଭାଗରେ ଅଧା ଡାକ୍ତର ପଦବୀ ଖାଲି ରହିଛି। ଟେକ୍ନିକାଲ ଡାକ୍ତର ବି କାର୍ଯ୍ୟରତ ଅଛନ୍ତି। ବହୁ ପାରାମେଡ଼ିକାଲ ପଦବୀ ଖାଲି ରହିଛି। ଯଥେଷ୍ଟ ଡାକ୍ତର,


ବିଭିନ୍ନ ପରୀକ୍ଷା କରିବା ପାଇଁ ରେଜିଷ୍ଟ୍ରେସନ କାଉଣ୍ଟର ନିକଟରେ ଭିଡ଼।

ନର୍ସ ଓ ପାରାମେଡିକ ଷ୍ଟାଫ ନ ଥିଲେ 'ଏଆଇଆଇଏମଏସ-ପ୍ଲସ' ଟ୍ୟାଗ କେବଳ ସ୍ୱପ୍ନ ହୋଇ ରହିବ ବୋଲି କେତେକ ବେସରକାରୀ ଚିକିତ୍ସକ କହିଛନ୍ତି। ଏମକେସିଜିର ବିକାଶ ପ୍ରତି ସ୍ୱର ଉତ୍ତୋଳନ କରୁଥିବା ବ୍ରହ୍ମପୁରର ବିଭିନ୍ନ ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ୧୯୬୨ରେ ପ୍ରତିଷ୍ଠିତ ଏହି ମେଡିକାଲ ଏବେ ରେଫରାଲ ହସ୍ପିଟାଲ ହୋଇଯାଇଛି। ଏହି ମେଡ଼ିକାଲ ଉପରେ ଦକ୍ଷିଣ ଓଡ଼ିଶାର ୧୩ଟି ଜିଲା, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ଉତ୍ତର ଆନ୍ଧ୍ରପ୍ରଦେଶର କିଛି ଅଂଶର ରୋଗୀଙ୍କୁ ସେବା ଯୋଗାଉଛି। ପ୍ରତିଦିନ ହାରାହାରି ୩ ହଜାର ଓପିଡି ଓ ୩୦୦ ଆଇପିଡି ରୋଗୀ ଆସୁଛନ୍ତି। ସାମାଜିକ କର୍ମୀ ତଥା ଆଇନଜୀବୀ ଅବନୀ ଗୟା କହିଛନ୍ତି ଯେ, ବର୍ତ୍ତମାନ ସୁବ୍ୟା ବର୍ନ କେୟାର ୟୁନିଟ୍ ହୋଇନାହିଁ। ରୋଗୀଙ୍କୁ ଏସ୍‌ସିବିକୁ ଯିବାକୁ ପଡୁଛି। ବିଭିନ୍ନ ପରୀକ୍ଷା ପାଇଁ ଲୋକଙ୍କ ପ୍ରବଳ ଗହଳି ଲାଗୁଛି। ଔଷଧ ନେବା ପାଇଁ ଅସମ୍ଭାଳ ଭିଡ ରହୁଛି। ତେଣୁ ଏସବୁ ସମସ୍ୟାର ସମାଧାନ ହେବା ଉଚିତ। ଏ ସଂକ୍ରାନ୍ତରେ ସମାଜକ କର୍ମୀ ରାଜେନ୍ଦ୍ର ପଣ୍ଡା କୁହନ୍ତି, ଗତ ଦୁଇଦିନ ତଳେ ଜଣେ ରୋଗୀଙ୍କ ପାଇଁ ରକ୍ତ ଅଭାବ ପଡିବାରୁ ଆନ୍ଧ୍ରର ପଲାସାରୁ ରକ୍ତ ଆସିବା ପରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ପରିଜନଠାରୁ ଆରମ୍ଭ କରି କାଜୁଆଲିଟିରେ ମଧ ଅବ୍ୟବସ୍ଥା ଲାଗି ରହିଛି। ରେଜିଷ୍ଟ୍ରେସନ କାଉଣ୍ଟର, ଔଷଧ କାଉଣ୍ଟର, କାଜୁଆଲିଟିକୁ ଆସୁଥିବା ରୋଗୀମାନେ କିଭଳି ଉନ୍ନତ ସେବା ପାଇବେ, କର୍ମଚାରୀ ନିଯୁକ୍ତି ଆଦି କଲେ ଏମ୍‌ସ ପ୍ଲସ ପାଇଁ ଭିତ୍ତିଭୂମି ସୃଷ୍ଟି ହେବ। ନଚେତ ଏହା କେବଳ ପ୍ରତିଶ୍ରୁତିରେ ରହିଯିବ। ଏହି ଉନ୍ନୟନ ଯୋଜନା ସଫଳ ହେବା ପାଇଁ ସରକାରଙ୍କୁ ନିଯୁକ୍ତି ଓ ଭିତ୍ତିଭୂମି ବିକାଶରେ ଧ୍ୟାନ ଦେବାକୁ ହେବ ବୋଲି କେତେକ ବିଶେଷଜ୍ଞ ମତ ଦେଇଛନ୍ତି।

## ଆଇନଜୀବୀଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

ବୁଗୁଡ଼ା,୮।୧୧(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ କୈଲାସନଗର ଗ୍ରାମରେ ଆଇନଜୀବୀ ସାମାଞ୍ଚଳ ନନ୍ଦଙ୍କୁ ଆକ୍ରମଣ ଘଟଣାରେ ସେହି ଗ୍ରାମର କାଳି ଚରଣ ନନ୍ଦଙ୍କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ବିଭୂତି ଭୂଷଣ ନନ୍ଦ ଫେରାର ଥିବା ନେଇ ପୋଲିସ ପକ୍ଷରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ୭ ତାରିଖ ସକାଳେ ଓକିଲ ସିମାଞ୍ଚଳଙ୍କୁ ପୂର୍ବରୁ ରାଗ ରଖିଥିବା କାଳିଚରଣ ଓ ତା'ର ଭାଇ ବିଭୂତି ମିଶି କାଠଫଳିରେ ଆକ୍ରମଣ କରିଥିଲେ। ଏହି ସମୟରେ ଧକ୍କା ଯୋଗୁ କାଳିଚରଣଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା ଏବଂ କଟୁରୀ ମାଡରେ ସିମାଞ୍ଚଳଙ୍କ ବାମ ହାତ ପାପୁଲିରେ ଆଘାତ ଲାଗିଥିଲା। ଉଭୟେ ବୁଗୁଡା ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ। ଏ ନେଇ ପ୍ରଥମେ ଆଇନଜୀବୀ ସାମାଞ୍ଚଳଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ. ୬୭୨/୨୫ରେ ଏକ ମାମଲା ଏବଂ ପରେ କାଳିଚରଣଙ୍କ ପାଲଟା ଅଭିଯୋଗ ପ୍ରକାରେ କେସ ନଂ. ୬୮୧/୨୫ରେ ଅନ୍ୟ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କାଳରେ ଆକ୍ରମଣରେ ବ୍ୟବହୃତ ରକ୍ତଭିଜା କାଠଫଳିଆ ଜବତ କରିଥିବା ଜଣାପଡ଼ିଛି।

## ଆଠଗଡ ପାଟଣାରେ କବିସୂର୍ଯ୍ୟଙ୍କ ଜନ୍ମ ନେଇ ଦୃଢୋକ୍ତି

ବ୍ରହ୍ମପୁର,୮।୧୧(ସ୍ମୃତି ରଞ୍ଜନ ମହାଲିକ)

କବି ସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମ ସ୍ଥାନକୁ ନେଇ ଦେଖାଦେଇଥିବା ବିବାଦ ସ୍ପଷ୍ଟ କରିବାକୁ ଶନିବାର ଗଞ୍ଜାମ କଳା ପରିଷଦ ପରିସରରେ କବିସୂର୍ଯ୍ୟ ସାହିତ୍ୟ ସଂସଦ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂସଦ ପକ୍ଷରୁ କୁହାଯାଇଛି ଯେ, ସାହିତ୍ୟ ଶୋଧ ଓ ତାଳପତ୍ର ପୋଥି ଅନୁସାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମ ଆଠଗଡ ପାଟଣାରେ ହୋଇଥିବା ନେଇ ଗବେଷକ ଡ. ବାୟାମନୁ ଚର୍ଚ୍ଚି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହା କେବଳ ତାଙ୍କର ଜନ୍ମ ସ୍ଥାନ ନୁହେଁ। ସେଠାରେ ତାଙ୍କ ସାହିତ୍ୟିକ ଚେତନା, ତାଙ୍କ ଭାଷା, ରସ, ଗୀତ ଓ ତାଙ୍କ ଜୀବନ ଦେଖିଥିଲେ। ସେହି ମାଟି ତାଙ୍କର ସଂସ୍କାର ଓ ସୃଜନଶୀଳତାକୁ ଆକାର ଦେଇଥିଲା। ଆଠଗଡର ପ୍ରକୃତି, ନଦୀ, ମାଟି, ଲୋକ, ସାଧୁ, ସନ୍ଥ ଓ ଗାଁ ଘର ଆଜି ମଧ ତାଙ୍କ ରଚନାରେ ଜୀବନ୍ତ। ଏଣୁ ଉକ୍ତ ମାଟିକୁ ଛାଡି ଅନ୍ୟ କୌଣସି ସ୍ଥାନକୁ ଜନ୍ମ ସ୍ଥାନ ଭାବେ ଦାବି କରିବା ସତ୍ୟ ପ୍ରତି ଅନ୍ୟାୟ ବୋଲି ସଂସଦ ପକ୍ଷରୁ କୁହାଯାଇଛି। ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣ ଚନ୍ଦ୍ର ତ୍ରିପାଠୀ କବି ସୂର୍ଯ୍ୟଙ୍କ ୪୮ ପୁସ୍ତକ ଗ୍ରନ୍ଥରୁ ସଂଗୃହୀତ ତଥ୍ୟକୁ ଉପସ୍ଥାପନ କରିଥିଲେ। ସଂସଦ ସଭାପତି ଜଗବନ୍ଧୁ ଭୋଳ, ସଂପାଦକ ସୁରେଶ ଚନ୍ଦ୍ର ପଟ୍ଟନାୟକ, ଦିଗପହଣ୍ଡି ଆମ ଭାଷା ସାହିତ୍ୟ ସଂସଦ ସଂଯୋଜକ ଡ. ଗଜାନନ ତ୍ରିପାଠୀ, ସାମାଜିକ କର୍ମୀ ସମରଜିତ ମହାନ୍ତି, ଆଠଗଡ ପାଟଣା ରାଜ ପରିବାରର ସଦସ୍ୟ ମୀରାବାଇ, ଆଶୁ କବି ନନ୍ଦ କିଶୋର ପ୍ରଧାନଙ୍କ ସମେତ ସମିତ ପଣ୍ଡା, ଧରଣୀଧର ବେହେରା, ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ଡା ସାଗର ରଞ୍ଜନ ତ୍ରିପାଠୀ, ସୀମାଞ୍ଚଳ ମିଶ୍ର ଓ ମାନସ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ଓ ନାଟ୍ୟ ସଂଘର ସମାବର୍ତ୍ତନ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର, ୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ରଙ୍ଗେଇଲୁଣ୍ଡାସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟରେ ସାହିତ୍ୟ ଓ ନାଟ୍ୟ ସଂଘର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଓଡ଼ିଆ ଭାଷା ସାହିତ୍ୟ,କଳା ଉପରେ ମତ ରଖିଥିଲେ। ଅତିଥି ଭାବେ ଓୟୁଏଟିର ପ୍ରଫେସର ବିଜୟ କୁମାର ପାତ୍ର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଉଷାରାଣୀ କର ଯୋଗ ଦେଇଥିଲେ ସାହିତ୍ୟ ସଂଘର ପରାମର୍ଶଦାତା ଡ଼. ମନୋଜ କୁମାର ତ୍ରିପାଠୀ, ସଂଘ ଅଧକ୍ଷ ଆଦିତ୍ୟ ପ୍ରସାଦ ଗୌଡ଼, ନାଟ୍ୟ ସଂଘର ପରାମର୍ଶଦାତା ଡ଼.ବୃନ୍ଦାବନ ସାହୁ, ସଂଘର ଅଧକ୍ଷ ଶୁଭ୍ରଜିତ ଦାସ,ସୁପ୍ରିତା ଦାସ ଯୋଗ ଦେଇଥିଲେ। ଏଥିରେ ସାହିତ୍ୟ ସଂଘର ୧୪ ପ୍ରକାର ପ୍ରତିଯୋଗିତା ହୋଇଥିବା ବେଳେ ନାଟ୍ୟ ସଂଘର ୯ ପ୍ରକାର ପ୍ରତିଯୋଗିତା ହୋଇଥିଲା। ସାହିତ୍ୟ ସଂଘର ବିଭାସ ରଞ୍ଜନ ଦାସ ଓ ନାଟ୍ୟ ସଂଘର ବିଜେତା ବିଭୂ ସୁନ୍ଦର ସାହୁ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ସଂଘର ଅଧକ୍ଷମାନେ ସେମାନଙ୍କ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପାଧକ୍ଷ କଶିଷ ଶତପଥୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଆନ୍ତଃ ମହାବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ


ମୁଖ୍ୟ ଅତିଥି ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ବ୍ରହ୍ମପୁର, ୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଶନିବାର ୫୫ ତମ ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା କ୍ରୀଡ଼ା ପରିଷଦ ମଧ୍ୟରେ ଥିବା ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଛ। ମୁଖ୍ୟ ଅତିଥି ଭାବେ ୱାଡେନ ତଥା ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ ଯୋଗ ଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଶୃଙ୍ଖଳିତ ଭାବେ ନିଜକୁ ଗଢ଼ିବାକୁ ସେ ଖେଳାଳିଙ୍କୁ ପରାମର୍ଶ ଦେଇଥିଲେ । କ୍ରୀଡ଼ା ପରିଷଦ ସମ୍ପାଦକ ଧ୍ରୁବ ଚରଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୨ କଲେଜ ଭାଗ ନେଇ ଥିଲେ। ଅଫିସିଆଲ ଭାବେ ଅଚ୍ୟୁତ ଆଚାର୍ଯ୍ୟ, ଦୀପକ ତିବରବାଲ, ଶିବ ପ୍ରସାଦ ପାଢ଼ୀ, ପ୍ରତୀକ ଦଳେଇ,ଅଗ୍ନି କୁମାର ବେହେରା,ସୁନିତା ପାତ୍ର,ରବି ଚରଣ ମିଶ୍ର,ରାଜେଶ କୁମାର ମହାନ୍ତି,ଜଗନ୍ନାଥ ଚୌଧୁରୀଙ୍କ ସମେତ ଚୟନ କମିଟିର ପ୍ରଦୀପ କୁମାର ନାୟକ,ରମାକାନ୍ତ ଭୂୟାଁ,ପ୍ରଫେସର ସୁବାଷ ଚନ୍ଦ୍ର ପରିଡ଼ା,ସୁରେଶ ଚନ୍ଦ୍ର ମହାନ୍ତି ରହିଥିବା ବେଳେ ଧନେଶ୍ୱର ଦାସ,ରାମ ନାରାୟଣ ସାହୁ ସହଯୋଗ କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ, ୨ ଗିରଫ

ବୁଗୁଡା,୮।୧୧(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡ଼ିଆବୋରଦା ଗ୍ରାମର ଯୁବକ ନାରାୟଣ ନାଇକ(୩୬)ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସେହି ଗ୍ରାମର ଶିବ ନାଇକ ଓ ଶଙ୍କର ନାଇକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ କେଶ୍ ନଂ. ୬୯୩/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ୫ ତାରିଖ ରାତିରେ ଶିବ, ଶଙ୍କର, ଅଭି ଓ ଗରିବ ନାଇକ ୪ ଜଣ ମିଶି ନାରାୟଣଙ୍କ ଘରକୁ ଅନଧିକାର ପ୍ରବେଶ କରି ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଶଙ୍କର ଓ ଅଭିର ଆକ୍ରମଣରେ ନାରାୟଣଙ୍କୁ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବା ସହ ଡାହାଣ ହାତ ଆଘାତ ଲାଗିଥିଲା। ଏହି ସମୟରେ ନାରାୟଣଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ସେ ମଧ ଆପତ୍ତିଜନକ ଭାଷା ଗାଳିଗୁଲଜର ଶିକାର ହୋଇଥିଲେ। ଏ ନେଇ ନାରାୟଣ ପୋଲିସରେ ଅଭିଯୋଗ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିବ ଓ ଶଙ୍କରଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୨ ଜଣ ଫେରାର ଅଛନ୍ତି।

## ଅନ୍ତର୍ଜାତୀୟ ରଞ୍ଜନରଶ୍ମି ଦିବସ



କାର୍ଯକ୍ରମରେ ଅତିଥି ଓ ଡାକ୍ତରମାନେ।

ବ୍ରହ୍ମପୁର,୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ ରଞ୍ଜନରଶ୍ମୀ ବିଭାଗ ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ରଞ୍ଜନରଶ୍ମି ଦିବସ ପାଳିତ ହୋଇଯାଇଛି। ଆଜିର ଦିନରେ ଡା. ୱଲିହମ କନ୍ରେଡ ଏକ୍ସ-ରେ ଉଦ୍ଭାବନ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଏମ ଭି କେ ରାଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବିଭାଗର ଡାକ୍ତର ପ୍ରଫେସର ଡା. ଶେଷଦେବ ପାଣିଗ୍ରାହୀ, ଡା. ହରିଶଙ୍କର ନାୟକ, ଡା. ସୁନୀଲ ପ୍ରଧାନ, ଡା. ରୁପକ ପଣ୍ଡା, ଡା. ଚିନ୍ମୟ ଆପ୍ତା, ଡା. ଲିପିପୁଷ୍ପା ମହାପାତ୍ର, ଡା. ସୋନମ କୁମାରୀ, ଡା. ମିଲନମୟୀ ପାଣିଗ୍ରାହୀ, ଡା. ଫଗୁନ ହାଂସଦା, ଡା. ଶିବଦତ୍ତ, ଡା. ଅନୁରାଗ ପୋଖରିଆଲ, ଡା. ରିଙ୍କିତା ମଲ୍ଲିକ, ଡା. ଅଭିଜିତ ଶତପଥୀ, ଡା. ଟିକେ କୃତିଶ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ରେଡିଓଗ୍ରାଫର ଗଣେଶ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ବରିଷ୍ଠ ରେଡିଓଗ୍ରାଫର ରଶିତା ପାଣିଗ୍ରାହୀ, ଶୁଭ୍ର ପଣ୍ଡା, ଶିବରାମ ପ୍ରଧାନ, ଭଜରାମ ପ୍ରଧାନ ସମେତ ରେଡିଓଗ୍ରାଫର ମାମଲି ମଧୁସ୍ମିତା, ସରିତା ପ୍ରଧାନ, ଇତିଶ୍ରୀ ନାୟକ, ସଚିନ ନାୟକ, ବାବୁଲା ଦାସ ସହଯୋଗ କରିଥିଲେ ।

## କମାଣ୍ଡିଂ ଅଫିସରଙ୍କୁ ଧମକ, ଥାନାରେ ଅଭିଯୋଗ

ଗୋପାଳପୁର, ୮।୧୧(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଧୀନ ଗୋଳାବନ୍ଧ ସ୍ଥିତ ଆର୍ମି ଏଡି କଲେଜ ପରିସରରେ କ୍ୟାଣ୍ଟିନ କମାଣ୍ଡିଂ ଅଫିସରଙ୍କୁ ଧମକ ଦେବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଆର୍ମି ଏଡି କଲେଜ ପରିସରରେ ଥିବା ସପ୍ଲାଏ ଡିପୋକୁ ମାଛ ଓ ଅଣ୍ଡା ସପ୍ଲାଏ ପାଇଁ ଖୋର୍ଦ୍ଧାର ମେମର୍ସ କମ୍ବାଇନ ଇଣ୍ଟଲିଜେନ୍ସ ଡିଜିଟାଲ ସର୍ଭିସ ପ୍ରାଇଭେଟ ଲିମିଟେଡ ଟେଣ୍ଡର ପାଇଥିଲେ। ଗତ ଅଗଷ୍ଟ ୧୮ ତାରିଖରେ ସଂସ୍ଥା ପକ୍ଷରୁ ସପ୍ଲାଏ ଡିପୋକୁ ଯେଉଁ ଅଣ୍ଡା ସପ୍ଲାଏ କରାଯାଇଥିଲା ତାହା ନିମ୍ନମାନର ଥିବା ଜଣାପଡ଼ିବା ପରେ ତାହାକୁ ଗ୍ରହଣ କରାଯାଇ ନ ଥିଲା। ଏହାକୁ ନେଇ ସପ୍ଲାଏ ସଂସ୍ଥା ମାଲିକ ବୁଲେଟ ମାହନ୍ତୋ ଅଫିସର କମାଣ୍ଡିଙ୍ଗଙ୍କୁ ଧମକ ଦେଇଥିଲେ। ମଧ୍ୟପ୍ରଦେଶର ଜବଲପୁରଠାରେ ଥିବା ଷ୍ଟେସନ ମୁଖ୍ୟାଳୟ ଅଭିଯୋଗ କରିଥିଲେ । ଏହାର ତଦନ୍ତ କରାଯିବା ସହ କଣ୍ଟ୍ରାକ୍ଟର ଦ୍ୱାରା ମିଥ୍ୟା ଅଭିଯୋଗ କରିବା, ଠିକ ଭାବରେ ଆର୍ମି ସପ୍ଲାଏ ଡିପୋକୁ ସାମଗ୍ରୀ ପ୍ରଦାନ ନ କରିବା ଆଦି ନେଇ ଥାନାରେ ଲିଖିତ ଅଭିଯୋଗ କରିବାକୁ ଷ୍ଟେଶନ ମୁଖ୍ୟାଳୟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଅଫିସର କମାଣ୍ଡିଙ୍ଗ ମେଜର ବିଜେନ୍ଦ୍ର ସିଂ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୩୮୬/୨୫ ମାମଲା ରୁଜୁ କର ପୋଲିସ ତଦନ୍ତ କରୁଥିବା ଜଣାପଡିଛି।

## ପାରା ଉଡାଣ ପ୍ରତିଯୋଗିତାର ପୁରସ୍କାର ବିତରଣ


କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ବ୍ରହ୍ମପୁର,୮।୧୧(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ପିଜନ ଆସୋସିଏଶନ ପକ୍ଷରୁ ପୂର୍ବରୁ ଆୟୋଜିତ ପାରା ଉଡ଼ାଣ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଶନିବାର ଖାଜା ସାହିସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥିରୂପେ ଅର୍ବାନ ବ୍ୟାଙ୍କ ସଭାପତି ଆର୍.ମୁରଲୀମୋହନ, ସମ୍ମାନିତ ଅତିଥିଭାବେ କର୍ପୋରେଟର ଡି.କରୁଣାକର ଯୋଗ ଦେଇଥିଲେ। ଆସୋସିଏଶନ ସଭାପତି ଯୋଶେଫ ଦାସ ଉତ୍ସବରେ ଅଧକ୍ଷତା କରିଥିଲେ। ଫ୍ଲାଇଙ୍ଗ ପ୍ରତିଯୋଗିତାରେ ସୁଦୀପ କୁମାର ପ୍ରଥମ, ଖୱାଜ ସମୀର ଦ୍ୱିତୀୟ ଓ ଶେଖ ରମିଜ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଲୋ ଫ୍ଲାଇଙ୍ଗରେ ଏସ.କେ. ହାସିବୁଲ ପ୍ରଥମ ଓ ଆଇନଜୀବୀ ଯୋଶେଫ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ପାରା ଉଡ଼ାଣଭାବେ ଶେଖ ରମିଜଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଖୱାଜା ସମୀର, ଉପସଭାପତି ଯୁଧିଷ୍ଠିର ରଥ ଓ କୋଷାଧକ୍ଷ ସଚ୍ଚିଦାନନ୍ଦ ପାଢ଼ୀ ପରିଚାଳନାରେ ସହଯୋଗ କରିଥିଲେ।

## ଗାଡ଼ିଆପଡ଼ା ଘାଟିରେ କଲରାପତରିଆ ବାଘ ଗୁଜବ

ଫୁଲବାଣୀ, ୮।୧୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ବୌଦ୍ଧ ସୀମାନ୍ତ ଖଜୁରିପଡ଼ା ବ୍ଲକ୍ ଗାଡ଼ିଆପଡ଼ା ଘାଟି ଅଞ୍ଚଳରେ ଏକ କାଳରପତରିଆ ବାଘ ଗୁଜବ ଶୁଣିବାକୁ ମିଳିଛି। ସ୍ଥାନୀୟ ଲୋକେ ଏହାକୁ ସ୍ୱୀକାର କରୁଥିବା ବେଳେ ବନ ବିଭାଗ ପାଖରେ କୌଣସି ଖବର ନାହିଁ। ଉତ୍ତୋଳନ ହୋଇଥିବା ଭିଡ଼ିଓରେ ବାଘ ବୁଲୁଥିବା ସ୍ପଷ୍ଟ ଜଣାପଡୁଛି। ବାଘଟି ରାସ୍ତା ପାର ହେଲାବେଳେ ଜଣେ ବାଇକ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପଛରୁ ଯାଉଥିବା ଜଣେ କାର ଚାଳକ ଏହି ଭିଡିଓ କରିଛନ୍ତି। ଯାହା ଏବେ ଭାଇରାଲ ହେଉଛି। ଏ ସମ୍ପର୍କରେ ଫୁଲବାଣୀ ବନାଞ୍ଚଳ ଅଧିକାରୀ ଆଶାଲତା ଦିଗାଲଙ୍କୁ ପଚାରିବାରୁ ଆମେ ଆସନ୍ତା କାଲି ଉକ୍ତ ଅଞ୍ଚଳକୁ ଯାଇ ବାଘର ପାଦ ନମୁନା ଦେଖିବୁ। ଯଦି ସତ ହୋଇଥିବ ତାହାଲେ ଲୋକଙ୍କୁ ସଚେତନ କରିବା ସହିତ ବାଘର ଗତିବିଧି ଉପରେ ନଜର ରଖାଯିବ ବୋଲି କହିଛନ୍ତି।

## ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ ଶୀର୍ଷକ ସମ୍ମିଳନୀ

ବ୍ରହ୍ମପୁର,୮।୧୧(ସ୍ମୃତି ରଞ୍ଜନ ମହାଲିକ)

ପ୍ରହଲାଦ ନଗର ୨ୟ ଲେନସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶିବ ସ୍ମୃତି ଭବନ ସେବା କେନ୍ଦ୍ରରେ ଶନିବାର ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ ଶୀର୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ରାଜଯୋଗୀ ଡ. ପୁରୁଷୋତ୍ତମ ମୁଖ୍ୟ ବକ୍ତାରୂପେ ଯୋଗଦେଇଥିଲେ । ଆପସୀ ବିଶ୍ୱାସ ହିଁ ମଧୁର ସମ୍ପର୍କର ଆଧାର, ଯାହା ଦ୍ୱାରା ସମ୍ବନ୍ଧରେ ଅତି ନିକଟତା ଆସିଥାଏ ବୋଲି ମୁଖ୍ୟବକ୍ତା କହିଥିଲେ। ଅନ୍ୟତମ ବକ୍ତା ଭାବେ ରାଜ ଯୋଗିନୀ ଡ. ପ୍ରିୟା ଯୋଗଦେଇ ଧ୍ୟାନ ହିଁ ସୁସ୍ଥ ଜୀବନ ଏବଂ ସୁସ୍ଥ ସମାଜ ସ୍ଥାପନାର ମୂଳ ଆଧାର ବୋଲି କହିଥିଲେ। କୁମାରୀ ସମୀକ୍ଷା ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ କେନ୍ଦ୍ର ସହ ସଂଚାଳିକା ବ୍ରହ୍ମାକୁମାରୀ ସଂଯୁକ୍ତା ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ବାସନ୍ତୀ ଓ ବୁଗୁଡ଼ା ସେବାକେନ୍ଦ୍ରର ବ୍ରହ୍ମାକୁମାରୀ ବିଷ୍ଣୁପ୍ରୀୟା ଉପସ୍ଥିତ ଥିଲେ।

## ଶିଶୁଙ୍କ ପ୍ରତିଭା ବିକାଶରେ ସୁରଭି ଏକ ମାଧ୍ୟମ

ବ୍ରହ୍ମପୁର,୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

**ଭିଭି ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ଜିଲାସ୍ତରୀୟ କାର୍ଯ୍ୟକ୍ରମ**



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଗିରିରୋଡସ୍ଥିତ ପିଏମଶ୍ରୀ ଭିଭି ଗିରି ସରକାରୀ ମହିଳା ମାଧମିକ ପ୍ରଶିକ୍ଷଣ ବିଦ୍ୟାଳୟଠାରେ ଶନିବାର ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ଉନ୍ନତି ତଥା ଶିଶୁମାନଙ୍କ ପ୍ରତିଭା ବିକାଶରେ ସୁରଭି କାର୍ଯ୍ୟକ୍ରମ ଏକ ମାଧମ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଭାତୀ କୁମାର ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଏସ.ଧନଞ୍ଜୟ, ଉଚ୍ଚ ମାଧମିକ ଶିକ୍ଷା ଉପ ପରୀକ୍ଷା ନିୟନ୍ତ୍ରଣ ଅବିନାଶ ଶତପଥୀ ଏବଂ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ମଞ୍ଚାସୀନ ଥିଲେ। କନିଷ୍ଠ, ବରିଷ୍ଠ, ବରିଷ୍ଠ ଉଚ୍ଚ ମାଧମିକ ଏପରି ୩ ବର୍ଗରେ ଗଞ୍ଜାମ ଜିଲାର ୨୨ ବ୍ଲକରୁ ୮୧୪ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୫୦୦ରୁ ଅଧିକ ଛାତ୍ରୀଛାତ୍ର ପ୍ରବନ୍ଧ, ବକ୍ତୃତା, ତର୍କ, କୁଇଜ, ସୃଜନଶୀଳ ଲିଖନ, ସଂଗୀତ, ସୁନ୍ଦର ହସ୍ତାକ୍ଷର, ଶିଳ୍ପକଳା ଓ ଚିତ୍ରକଳା, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରୁ ଚୟନ କରାଯାଇ ଜିଲାସ୍ତରକୁ ଅଣାଯାଇଥିଲା। ଏମାନଙ୍କ ମଧ୍ୟରୁ ୩୭ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ମହୋତ୍ସବକୁ ମନୋନୀତ ହୋଇଛନ୍ତି। ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭିରେ ଏମାନେ ଯୋଗଦେବେ ବୋଲି ଜିଲା ଶିକ୍ଷାଧିକାରୀ ପାତ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ଶିକ୍ଷାଧିକାରୀ, ଅତିରିକ୍ତ ବିଇଓ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବ୍ଲକ ରିସୋର୍ସ ସଂଯୋଜକ, ସିଆରସିସି, ସ୍ଥାନୀୟ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କର୍ମଚାରୀ, ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା, ଜିଲା କ୍ରୀଡା ଶିକ୍ଷାଧିକାରୀ ଭାଗିରଥୀ ସ୍ୱାଇଁ ଉପସ୍ଥିତ ଥିଲେ। ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ଶିଶୁ ପ୍ରତିଯୋଗୀ ଓ ସାଂସ୍କୃତିକ ଦଳକୁ ପୁରସ୍କୃତ କରାଯାଇଥିଲା। ସଂଯୋଜକ ସରୋଜ ମୋହନ ଧଳ ଧନ୍ୟବାଦ ଦେଇଥିଲେ।

# ଶଙ୍କର ଲିଙ୍କ୍‌ରେ ବଡ଼ ପୋଲିସ ଅଧିକାରୀ

**ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା**

- ଲାଏ ଡିଟେକ୍ସନ୍ ଟେଷ୍ଟ ପାଇଁ କୋର୍ଟରେ ଆବେଦନ
- କ୍ରାଇମ୍‌ବ୍ରାଞ୍ଚଠାରୁ ଶଙ୍କର ଓ ଅରବିନ୍ଦଙ୍କ ତଥ୍ୟ ନେଲା ଇଡି

ଭୁବନେଶ୍ୱର, ୮।୧୧(ତ୍ରିନାଥ ମହାନ୍ତି)


ଶଙ୍କର ପ୍ରୁଷ୍ଟି

ବହୁ ଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ ଶଙ୍କର ପ୍ରୁଷ୍ଟି ଏବଂ ଦଲାଲ ଅରବିନ୍ଦ ଦାସଙ୍କ ୫ଦିନିଆ ରିମାଣ୍ଡ ସରିବା ପରେ ଶନିବାର ସେମାନଙ୍କୁ ପୁଣି ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ତେବେ ରିମାଣ୍ଡ ସମୟରେ ଶଙ୍କର ଓ ଅରବିନ୍ଦଙ୍କଠାରୁ କ୍ରାଇମ୍‌ବ୍ରାଞ୍ଚ ବହୁ ତଥ୍ୟ ହାସଲ କରିଛି। ଶଙ୍କରକୁ ପଚରାଉଚରା ବେଳେ ସେ ଏକାଧିକ ମିଛଗପ ତଦନ୍ତକାରୀ ଅଧିକାରୀଙ୍କୁ କହିଥିବା ଓ ଉଭୟଙ୍କ କଥାରେ ତାଳବେଳ ନ ରହିବାରୁ ସନ୍ଦେହ ବଢ଼ିଛି। ଏପରିକି ତାଙ୍କ ଲିଙ୍କ୍‌ରେ ବହୁ ବଡ଼ ପୋଲିସ ଅଧିକାରୀ ରହିଥିବା ଜଣାପଡିଛି। ତେଣୁ ଶଙ୍କରଙ୍କର ମିଛ ଧରା ପରୀକ୍ଷା (ଲାଏ ଡିଟେକ୍ସନ୍ ଟେଷ୍ଟ) କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ କୋର୍ଟରେ ଆବେଦନ କରିଛି। ଅନୁମତି ପରେ ତାଙ୍କୁ ଆଣି ରସୁଲଗଡ଼ସ୍ଥିତ ରାଜ୍ୟ ଫରେନ୍‌ସିକ୍ ଲାବ୍‌ରେ ପରୀକ୍ଷା କରାଯିବ। ଏଥିସହ ତାଙ୍କର ପ୍ରମୁଖ ସହଯୋଗୀ ମୁନା ମହାନ୍ତି, ସିଲିକନ୍ ଟେକ୍ ମାଲିକ ସୁରେଶ ନାୟକ ଏବଂ ଦଲାଲ ଅରବିନ୍ଦଙ୍କର ମଧ୍ୟ ଲାଏ ଡିଟେକ୍ସନ ଟେଷ୍ଟ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏନେଇ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ଉଭୟଙ୍କ ରିମାଣ୍ଡ ସମୟରେ କ୍ରାଇମ୍‌ବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବାରୁ ତାହାର ଯାଞ୍ଚ କରାଯାଉଛି। ଶଙ୍କର ଓ ଅରବିନ୍ଦ କହିଥିବା କଥା ସତ କି ମିଛ, ତାହା ଜାଣିବାକୁ ମିଛଧରା ପରୀକ୍ଷା କରାଯି। ଆହୁରି ମଧ୍ୟ ସେମାନଙ୍କ ଲିଙ୍କ୍‌ରେ ଥିବା ଅନ୍ୟମାନଙ୍କୁ ଖୋଜା ଚାଲିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ବହୁ କୋଟି ଟଙ୍କାର ବେଆଇନ କାରବାର ହୋଇଥିବାରୁ ଇଡି ଅଭିଯୁକ୍ତ ଶଙ୍କର, ମୁନା, ସୁରେଶ, ଅରବିନ୍ଦ ଓ ଅନ୍ୟମାନଙ୍କ ଆକାଉଣ୍ଟ ତଥ୍ୟ ନେଇଥିବା ଜଣାପଡ଼ିଛି।

## ନିୟମିତ କଥା ହୋଇଥିବା ୨ ଅଧିକାରୀ କିଏ

ଶଙ୍କରଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)କୁ ଯାଞ୍ଚ କରିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ତଦନ୍ତ ଅଧିକାରୀ। କାରଣ ତାଙ୍କ ସହ ବହୁ ବଡ଼ ବଡ଼ ପୋଲିସ ଅଧିକାରୀଙ୍କ ସମ୍ପର୍କ ଥିବା ସେମାନେ ଜାଣିବାକୁ ପାଇଛନ୍ତି। ବିଶେଷକରି ଶଙ୍କର ୨ଜଣ ବଡ଼ ପୋଲିସ ଅଧିକାରୀଙ୍କ ସହ ନିୟମିତ ଦିନକୁ ୨ରୁ ୬ ଥର କଲ୍ କରି କଥା ହେଉଥିଲେ। ଏହି ବଡ଼ ବାବୁ ୨ଜଣ କିଏ ତାହାକୁ ନେଇ ଅଧିକ ଖୋଳତାଡ଼ ଚାଲିଥିଲେ ମଧ୍ୟ ଏହାର ପର୍ଦ୍ଦାଫାସ କରିବା କ୍ରାଇମ୍‌ବ୍ରାଞ୍ଚ ପାଇଁ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଅଧିକାରୀ ଡିଏସ୍‌ପି ର୍‍ୟାଙ୍କ୍‌ର ହୋଇଥିବାରୁ ସେମାନେ ଏହି ବଡ଼ ବାବୁଙ୍କ ପାଖରେ ପହଞ୍ଚିବା ଓ ସେମାନଙ୍କ ମୁଖା ଖୋଲିବାକୁ ସାହସ କରିପାରିବେ ନାହିଁ। ତେଣୁ ସିବିଆଇ ତଦନ୍ତ ହେଲେ ଓଡ଼ିଶାର ଭାବମୂର୍ତ୍ତିକୁ ବଦନାମ କରିଥିବା ଏହି ପରୀକ୍ଷା ର୍‍ୟାକେଟରେ ସମ୍ପୃକ୍ତ ପୋଲିସ ବାବୁ ଧରା ପଡନ୍ତେ ବୋଲି କୁହାଯାଉଛି। ଆହୁରି ମଧ୍ୟ ଏହି ର୍‍ୟାକେଟ୍‌ରେ ସଂପୃକ୍ତ ଥିବା ବହୁ ଦଲାଲ ଏବେବି ଫେରାର ଅଛନ୍ତି। ସେମାନଙ୍କ ତଥ୍ୟ ଯୋଗାଡ଼ରେ କ୍ରାଇମ୍‌ବ୍ରାଞ୍ଚ ଲାଗି ପଡ଼ିଛି। ଶଙ୍କରଙ୍କ ଆପରାଧିକ ପୃଷ୍ଠଭୂମିକୁ ଦେଖିଲେ ଗଞ୍ଜାମରେ ତାଙ୍କ ନାମରେ ହତ୍ୟା ମାମଲା ରହିଥିବା ବେଳେ ଏକାଧିକ ଚାକିରି କେଲେଙ୍କାରୀରେ ସେ ମାଷ୍ଟରମାଇଣ୍ଡ୍ ଥିଲେ। ଏପରିକି ପୂର୍ବରୁ ହୋଇଥିବା ଜାଲସାର୍ଟିଫିକେଟ ର୍‍ୟାକେଟରେ ମଧ୍ୟ ଶଙ୍କରର ସଂପୃକ୍ତି ରହିଥିଲା। ହେଲେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୁନା ହାତ ମିଳାଇବା ପରେ ଏହି ର୍‍ୟାକେଟ ଆହୁରି ବ୍ୟାପିଥିଲା। ଶଙ୍କର କେତେଜଣ ରାଜନେତା ଓ ଅଧିକାରୀଙ୍କ ଘନିଷ୍ଠ ସମ୍ପର୍କରେ ଥିବାରୁ ତାଙ୍କ ପଞ୍ଚସଫ୍ଟ ସଂସ୍ଥାକୁ ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ଗ୍ରୀନ୍ ସିଗ୍‌ନାଲ ମିଳିଥିଲା। ଏହାପରେ ଶଙ୍କର, ମୁନା ଏବଂ ସିଲିକନ୍ ଟେକ୍‌ର ପ୍ରମୋଟର ସୁରେଶ ମିଶି ଏସ୍‌ଆଇ ଚାକିରି ର୍‍ୟାକେଟକୁ ଆଗକୁ ବଢ଼ାଇଥିଲେ।

# ଥାନାକୁ ଡାକି ନାବାଳକଙ୍କୁ ପୋଲିସର ମାଡ଼

ତିହିଡ଼ି, ୮।୧୧(ସଞ୍ଜିତ ବଳ)

**ନ୍ୟାୟ ପାଇଁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ବାପା**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଜଣେ ନାବାଳକଙ୍କୁ ପୋଲିସ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ମାଡ଼ ମାରିବା ପରେ ନାବାଳକ ପିନ୍ଧିଥିବା ଶାର୍ଟ ପ୍ୟାଣ୍ଟ ଖୋଲିବାକୁ ପୋଲିସ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନାର ଜଣେ ଏସ୍‌ଆଇଙ୍କ ସମେତ ଅନ୍ୟ ଜଣେ କର୍ମଚାରୀ ମାଡ଼ ମାରିଥିବା ନେଇ ନାବାଳକଙ୍କ ବାପା ଶରତ ମାଝୀ ଶୁକ୍ରବାର ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାଡ଼ ଘଟଣାର ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।

ଶରତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏକ ମୋବାଇଲ ଚୋରି ଘଟଣାକୁ ନେଇ ନରେନ୍ଦ୍ରପୁର ଗ୍ରାମର ଜଣେ ମହିଳା ଗତ ମାସ ୨୭ ତାରିଖରେ ତାଙ୍କ ନାବାଳକ ପୁଅଙ୍କ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଶରତ ମଧ୍ୟ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଗତ ୨ ତାରିଖ ରାତି ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ ପୋଲିସ ଜଣାଇଥିଲେ। ତଦନୁଯାୟୀ ଶରତ ଏବଂ ତାଙ୍କ ନାବାଳକ ପୁଅ ଥାନାରେ ପହଞ୍ଚିଥିଲେ। ଥାନା ଅଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷଙ୍କୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ। ତାଙ୍କ ପୁଅ ମୋବାଇଲ ଚୋରି ଅଭିଯୋଗକୁ ଅସ୍ୱୀକାର କରିବାରୁ ଥାନାର ଜଣେ ଏସ୍‌ଆଇ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ବାହାରକୁ ଟାଣି ନେଇ ନିସ୍ତୁକ ମାଡ଼ ମାରିଥିଲେ। ଥାନାର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ପିଟିବା ସହ ଗାଳିଗୁଲଜ କରିଥିଲେ। ଏଥିସହ ସେହି କର୍ମଚାରୀ ନାବାଳକଙ୍କୁ ଶାର୍ଟ ପ୍ୟାଣ୍ଟ ଖୋଲିବାକୁ ଧମକ ଦେବାରୁ ସେ ଶାର୍ଟ ଖୋଲିଥିଲେ। ରାତି ୧ଟା ପରେ ବାପ ପୁଅଙ୍କୁ ପୋଲିସ ଛାଡ଼ିଥିଲା। ତେବେ ପୋଲିସ ମାଡ଼ରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଥାନାର ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ବେହେରା କହିଛନ୍ତି, ଏକ ମୋବାଇଲ ଚୋରି ଘଟଣାର ତଦନ୍ତ ପାଇଁ ନାବାଳକ ଓ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା। ମାତ୍ର ପୋଲିସ ମାଡ଼ ମାରିଥିବା ଅଭିଯୋଗର ସତ୍ୟତା ନାହିଁ।

# ୮୪.୨୦ଲକ୍ଷ ଟଙ୍କା, ଦସ୍ତାବିଜ ଜବତ

ଭୁବନେଶ୍ୱର, ୮।୧୧(ତ୍ରିନାଥ ମହାନ୍ତି)

**ଗ୍ରୀନ୍ ଇଣ୍ଡିଆର ଏକାଧିକ ସଂସ୍ଥାରେ ଇଡି ରେଡ୍**

- ବେଆଇନ ଅର୍ଥ କାରବାର ସଂକ୍ରାନ୍ତ ପ୍ରମାଣ ମିଳିଲା
- ଜମାକାରୀଙ୍କୁ ଫ୍ଲାଟ୍ ଦେବାକୁ କହି ୬୯ କୋଟି ଟଙ୍କା ଠକିଥିଲା

ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗ୍ରୀନ୍ ଇଣ୍ଡିଆ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଏହାର ବିଭିନ୍ନ ସହଯୋଗୀ ସଂସ୍ଥା ଉପରେ ଚଢାଉ କରିଛି। ଇଡିର ୧୦ଜଣିଆ ଟିମ୍ ବ୍ରହ୍ମପୁର ସମେତ ଭୁବନେଶ୍ୱର ଆଦି ଏକାଧିକ ସ୍ଥାନରେ ଚଢାଉ କରି ୮୪.୨୦ଲକ୍ଷ ଟଙ୍କା, ଏକ ଦାମୀ ମର୍ସିଡିଜ୍ କାର, ବହୁ ଦସ୍ତାବିଜ୍ ଏବଂ ଡିଜିଟାଲ ଏଭିଡେନ୍ସ ଜବତ କରିଛି। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂଙ୍କ ବ୍ରହ୍ମପୁର ଅଯୋଧ୍ୟା ନଗରସ୍ଥିତ ବାସଭବନରେ ଗୁରୁବାର ଇଡି ଟିମ୍ ଚଢ଼ାଉ କରି ପ୍ରଦୀପ ଓ ତାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରାଯାଇଥିଲା। ତାଙ୍କ ଘରୁ ମାମଲା ସମ୍ବନ୍ଧୀୟ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରାଯିବା ସହ ସଂସ୍ଥାର ଏକାଧିକ କର୍ମଚାରୀଙ୍କୁ ଜେରା କରାଯାଇ ବେଆଇନ ଅର୍ଥ କାରବାର ସଂକ୍ରାନ୍ତରେ ବହୁ ପ୍ରମାଣ ପାଇଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି।

ଗ୍ରୀନ୍ ଇଣ୍ଡିଆ ଲୋକଙ୍କୁ ଫ୍ଲାଟ୍ ଦେବାକୁ କହି ଅନେକ କୋଟି ଟଙ୍କା ଠକେଇ ନେଇ ୨୦୨୪ ଜୁନ୍ ୪ରେ କୋଲକାତା ସିବିଆଇରେ ମାମଲା ରୁଜୁ କରାଯାଇଥିଲା। ସିବିଆଇର ତଦନ୍ତ ସମୟରେ ଏହି ଠକେଇରେ ମନି ଲଣ୍ଡରିଂ (ବେଆଇନ ଅର୍ଥ କାରବାର) ଜଣାପଡିବାରୁ ଏହି ମାମଲା ଇଡ଼ି ହାତକୁ ଯାଇଥିଲା। ସଂସ୍ଥାର ଆକାଉଣ୍ଟକୁ ବହୁ କୋଟି ଟଙ୍କା ସନ୍ଦେହଜନକ ଭାବେ ଅନ୍ୟ ଆକାଉଣ୍ଟରୁ ଆସିଥିବା ତଦନ୍ତବେଳେ ଇଡି ଜାଣିବା ପରେ ଏହି ଚଢ଼ାଉ କରିଥିଲା। ଇଡିର ସୂଚନା ଅନୁସାରେ, ଗ୍ରୀନ୍ ଇଣ୍ଡିଆ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଲୋକଙ୍କୁ ଦୁଇଗୁଣା ଲାଭର ଲୋଭ ଦେଖାଇ ଜାମାକାରୀଙ୍କଠାରୁ ବହୁ କୋଟି ଟଙ୍କା ନେଇଥିଲା। ଏଥିସହ 'ଗ୍ରୀନ୍ ପାରାଡାଇଜ୍ ପ୍ରୋଜେକ୍ଟ'ରେ ଶସ୍ତାରେ ଫ୍ଲାଟ୍ ଦେବାକୁ କହି ମଧ୍ୟ ଅନେକ କୋଟି ଟଙ୍କା ସଂଗ୍ରହ କରିଥିଲା। ଟଙ୍କା ନେବା ପରେ ନିର୍ଦ୍ଧାରିତ ସମୟରେ ଲୋକଙ୍କୁ ଏହି ସଂସ୍ଥା ଫ୍ଲାଟ୍ କିମ୍ବା ଦୁଇ ଗୁଣା ଟଙ୍କା ନ ଦେଇ ଠକିଥିଲା। ଟଙ୍କା ମାଗିବାରୁ ସଂସ୍ଥା ପକ୍ଷରୁ ଜମାକାରୀଙ୍କୁ ଧମକ ଦିଆଗଲା। ତେବେ ଏହି ସଂସ୍ଥା ଲୋକଙ୍କଠାରୁ ଟଙ୍କା ନେଇ ଏହାକୁ ବିଭିନ୍ନ ଅସ୍ଥାବର ସମ୍ପତ୍ତି ଓ କମ୍ପାନୀରେ ଲଗାଇଥିଲା। ଲୋକେ ପ୍ରଥମେ ସିବିଆଇରେ ଅଭିଯୋଗ କରିଥିଲେ। ତଦନ୍ତବେଳେ ଓଡ଼ିଶା ସମେତ କୋଲକାତାରୁ ଏହି ସଂସ୍ଥା ମୋଟ ୬୯କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣାପଡିଛି।

# ପୀତବାସଙ୍କ ପରିବାରକୁ ହତ୍ୟା ଧମକ

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

ବ୍ରହ୍ମପୁର, ୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

- ମାମଲା ପ୍ରତ୍ୟାହାର ପାଇଁ ଚାପ, ଫୋନରେ ଧମକ
- ଗିରଫ ଅଭିଯୁକ୍ତମାନଙ୍କୁ ଜାମିନ ନ ଦେବାକୁ ବିଚାରପତିଙ୍କୁ ଅନୁରୋଧ

ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଏବେ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ଶନିବାର ପୀତବାସଙ୍କ ସ୍ତ୍ରୀ ସୁସ୍ମିତା ପଣ୍ଡା ଘରେ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, କିଛି ଦିନ ତଳେ ଅଭିଯୁକ୍ତମାନଙ୍କ ପକ୍ଷରୁ ଦୁଇ ଦୁଇଥର ପୀତବାସଙ୍କ ପୁଅ ଓ ଭାଇଙ୍କ ନିକଟକୁ ଫୋନ କଲ ଆସିଥିଲା। ଫୋନକର୍ତ୍ତା ଗାଳିଗୁଲଜ କରିଥିଲେ। ଏବେ ମାମଲା ପ୍ରତ୍ୟାହାର କର, ନଚେତ ମା' ପୁଅଙ୍କୁ ଜୀବନରେ ମାରିଦେବାକୁ ଫୋନକର୍ତ୍ତା ଧମକ ଦେଇଛନ୍ତି। ଫଳରେ ଆମ ପରିବାର ଭୟଭୀତ ହୋଇପଡିଛି। ଏ ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅବଗତ କରାଯାଇଛି। ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିବା ସୁସ୍ମିତା କହିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ବନ୍ଧୁ ବିକ୍ରମ ପଣ୍ଡା ଆମ ଘରକୁ ଆସି ଆମକୁ ସୁରକ୍ଷା ଦେବାକୁ କହିଥିଲେ। ହେଲେ କିଛିଦିନ ପରେ ସେ ସ୍ୱାମୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ତାଙ୍କୁ ଗିରଫ କରିଥିବା ଜଣାପଡିଥିଲା। ସାଙ୍ଗ ହୋଇ ସାଙ୍ଗକୁ କିପରି ସେ ହତ୍ୟା କଲେ ତାହା ଆମ ପରିବାରକୁ ଆଶ୍ଚର୍ଯ୍ୟ କରିଛି। ଆମ ପରିବାର ଜୀବନ ପ୍ରତି ବିପଦ ଥିବା ବେଳେ ଉକ୍ତ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କୁ ଜାମିନ ପ୍ରଦାନ ନ କରିବାକୁ ସୁସ୍ମିତା ବିଚାରପତିଙ୍କୁ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ ପୀତବାସଙ୍କ ବଡ ଭାଇ ପ୍ରକାଶ ପଣ୍ଡା ଓ ସାନଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ତାଙ୍କ ପରିବାରକୁ ସୁରକ୍ଷା ଯୋଗାଯାଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୬ ତାରିଖରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ବିକ୍ରମ ପଣ୍ଡାଙ୍କ ସମେତ ୧୬ ଜଣଙ୍କୁ ଗିରଫ କରାଯାଇଛି।

## Business

# ବ୍ୟାଙ୍କ ଖାତା ବିନା ହୋଇପାରିବ ଡିଜିଟାଲ ପେମେଣ୍ଟ

**ଆର୍‌ବିଆଇରୁ ଜୁନିଓ ପେମେଣ୍ଟ୍‌ସକୁ ମିଳିଲା ଅନୁମତି**

ଭୁବନେଶ୍ୱର, ୮।୧୧(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପରିବର୍ତ୍ତନଶୀଳ ଟେକ୍ନୋଲୋଜିକୁ ଧ୍ୟାନରେ ରଖି ଜୁନିଓ ପେମେଣ୍ଟ୍‌ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଡିଜିଟାଲ ୱାଲେଟ୍ ସେବା ଆରମ୍ଭ କରିବାକୁ ଅନୁମତି ପ୍ରଦାନ କରିଛି। ଏହି ଅନୁମତି ସହିତ ଜୁନିଓ ଶୀଘ୍ର ଏକ ନୂଆ ଡିଜିଟାଲ ୱାଲେଟ୍ ଲଞ୍ଚ୍ କରିବ, ଯାହା ୟୁନିଫାଏଡ୍ ପେମେଣ୍ଟ୍‌ସ ଇଣ୍ଟରଫେସ୍(ୟୁପିଆଇ) ସହିତ ଯୋଡ଼ିହେବ। ଏହାଦ୍ୱାରା ବିଶେଷକରି କିଶୋର ଓ ଯୁବପିଢ଼ି ବ୍ୟାଙ୍କ ଖାତା ନ ଥିବା ଅବସ୍ଥାରେ ମଧ୍ୟ ୟୁପିଆଇ କ୍ୟୁଆର୍ କୋଡ୍ ସ୍କାନ୍ କରି ସହଜରେ ପେମେଣ୍ଟ କରିପାରିବେ। ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ଡିଜିଟାଲ ପେମେଣ୍ଟ ବ୍ୟବହାରକାରୀ ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ଛୋଟ ଦୋକାନରୁ ବଡ଼ ମଲ୍ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଡିଜିଟାଲ ପେମେଣ୍ଟ ସୁବିଧା ଉପଲବ୍ଧ। ସାଧାରଣତଃ ଡିଜିଟାଲ ପେମେଣ୍ଟ ପାଇଁ ବ୍ୟାଙ୍କ ଖାତା ଆବଶ୍ୟକ ହୋଇଥାଏ। କିନ୍ତୁ ଆର୍‌ବିଆଇର ଏହି ନୂଆ ଅନୁମତି ସହିତ ବ୍ୟାଙ୍କ ଖାତା ନ ଥିବା ବ୍ୟବହାରକାରୀମାନେ ମଧ୍ୟ ଅନ୍‌ଲାଇନ ପେମେଣ୍ଟ କରିପାରିବେ। ଏହା ଏନ୍‌ପିସିଆଇର ୟୁପିଆଇ ସର୍କଲ ଇନିସିଏଟିଭ୍ ସହିତ ଯୋଡ଼ିହୋଇଛି, ଯାହା ଅଧୀନରେ ମାତାପିତାମାନେ ନିଜର ୟୁପିଆଇ ଖାତାକୁ ପିଲାଙ୍କ ୱାଲେଟ୍ ସହ ଲିଙ୍କ୍ କରିପାରିବେ। ଅଙ୍କିତ୍ ଗେରା ଓ ଶଙ୍କର ନାଥଙ୍କ ଦ୍ୱାରା ସ୍ଥାପିତ ଜୁନିଓ ଆପ୍ ପିଲା ଓ ଯୁବପିଢ଼ିଙ୍କ ପାଇଁ ବିଶେଷ ଭାବେ ଡିଜାଇନ୍ ହୋଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବେ ଟଙ୍କା ଖର୍ଚ୍ଚ କରିବା ଓ ସଞ୍ଚୟ ଅଭ୍ୟାସ ଶିଖାଇବା। ମାତାପିତା ଆପ୍‌ରେ ଟଙ୍କା ଟ୍ରାନ୍ସଫର୍ କରିପାରିବେ, ଖର୍ଚ୍ଚ ସୀମା ନିର୍ଦ୍ଧାରଣ କରିପାରିବେ ଏବଂ ପ୍ରତ୍ୟେକ ଟ୍ରାଞ୍ଜାକ୍ସନକୁ ରିଅଲ ଟାଇମ୍‌ରେ ନଜର ରଖିପାରିବେ। ଆପ୍‌ରେ ଟାସ୍କ ରିୱାର୍ଡ, ସେଭିଙ୍ଗ୍ ଗୋଲ୍ସ ଭଳି ଆକର୍ଷଣୀୟ ଫିଚର୍ସ ମଧ୍ୟ ରହିଛି, ଯାହା ପିଲାମାନଙ୍କୁ ଆର୍ଥିକ ବୁଦ୍ଧି ବିକଶିତ କରିବାରେ ସାହାଯ୍ୟ କରିବ। ଏପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଯୁବପିଢ଼ି ଏହି ଆପ୍ ବ୍ୟବହାର କରିସାରିଛନ୍ତି। ଜୁନିଓର ସବୁଠାରୁ ବିଶେଷ ବୈଶିଷ୍ଟ୍ୟ ହେଉଛି, ପିଲାମାନେ ବ୍ୟାଙ୍କ ଖାତା ବିନା ମଧ୍ୟ ୟୁପିଆଇ କ୍ୟୁଆର୍ କୋଡ୍ ସ୍କାନ୍ କରି ପେମେଣ୍ଟ କରିପାରିବେ। ଏହା ପିଲାମାନଙ୍କୁ ଆର୍ଥିକ ବୁଝାମଣା ବଢ଼ାଇବା ସହିତ ଟଙ୍କା ଖର୍ଚ୍ଚ ଓ ସଞ୍ଚୟ କରିବା ନେଇ ଶିକ୍ଷା ଦେବ। ଏହି ପଦକ୍ଷେପ ଭାରତର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ଅନ୍ତର୍ଭୁକ୍ତିମୂଳକ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ବୀମାଧାରୀଙ୍କୁ ଜିଏସଟି ଲାଭ

ଭୁବନେଶ୍ୱର, ୮।୧୧

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ଗ୍ରାହକଙ୍କୁ ସର୍ବୋତମ ମୂଲ୍ୟ ପ୍ରଦାନ ପାଇଁ ସମସ୍ତ ଜିଏସ୍‌ଟି ଲାଭକୁ ଏହାର ଗ୍ରାହକଙ୍କୁ ପ୍ରଦାନ କରୁଛି। ନିକଟରେ ଜିଏସଟି ହାରରେ ସଂଶୋଧନ ହୋଇଥିବାବେଳେ ଏଥିରେ ସମସ୍ତ ବୀମାଗୁଡିକୁ ଜିଏସଟି ମୁକ୍ତ କରିଥିଲା। ପୂର୍ବରୁ ଗ୍ରାହକମାନେ ଜିଏସଟି ଆକାରରେ ପ୍ରିମିୟମ ରାଶିର ୧୮% ପଇଠ କରୁଥିଲେ ତାହା ଛାଡ ହୋଇଛି। ଏହା ଟର୍ମ ଇନ୍ସୁରାନ୍ସ ଉତ୍ପାଦ ସମେତ ଜୀବନ ବୀମା ଉତ୍ପାଦଗୁଡିକୁ ଆହୁରି ଶସ୍ତା କରିଛି। ଏସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କୋ.ଲିର ମୁଖ୍ୟ ଉତ୍ପାଦ ଅଧିକାରୀ, ବିକାଶ ଗୁପ୍ତା କହିଛନ୍ତି, ଆମେ ଗ୍ରାହକଙ୍କୁ ଫେରସ୍ତ କରୁଥିବା ପ୍ରତ୍ୟେକ ସଞ୍ଚୟ ଆମ ପ୍ରତି ସେମାନଙ୍କ ବିଶ୍ୱାସକୁ ସୁଦୃଢ଼ କରୁଛି ଗୁଣାତ୍ମକ ବୀମା ସମସ୍ତଙ୍କ ପାଖରେ ପହଞ୍ଚିପାରୁଥିବ।

## ସୌର ଶକ୍ତି ସମ୍ପର୍କରେ ସଚେତନ କରୁଛି ଟିପିସିଓଡିଏଲ୍




ଭୁବନେଶ୍ୱର, ୮।୧୧

କଟକ ବାଲିଯାତ୍ରାରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ସୌର ଶକ୍ତି ସଚେତନତା ଶିବିର ସ୍ଥାପନ କରିଛି। ଏହି ଶିବିରରେ ପିଏମ୍ ସୂର୍ଯ୍ୟ ଘର: ମୁଫତ ବିଜୁଳି ଯୋଜନାର ୟୁଟିଲିଟି ଲେଡ୍ ଏଗ୍ରିଗେଶନ (ୟୁଏଲ୍ଏ) ମଡେଲ୍‌କୁ ପ୍ରଦର୍ଶନ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଉପଭୋକ୍ତାମାନେ କିଭଳି ସହଜରେ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରିପାରିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ସୌର ଶକ୍ତିର ଆର୍ଥିକ ଓ ପରିବେଶଗତ ଲାଭ ବିଷୟରେ ପରିଦର୍ଶକମାନଙ୍କୁ ଅବଗତ କରାଯିବା ସହିତ ଅନଲାଇନ୍ ରେଜିଷ୍ଟ୍ରେଶନ୍ ଓ ସ୍ଥାପନ ପ୍ରକ୍ରିୟାକୁ ସହଜ ଭାବରେ ବୁଝାଇ ଦିଆଯାଉଛି। ପରିଦର୍ଶକମାନେ ସିଧାସଳଖ କ୍ୟାମ୍ପରେ ଆବେଦନ କରି କିମ୍ବା ଅନ୍‌ଲାଇନରେ ପଞ୍ଜୀକରଣ କରି ୟୁଏଲ୍ଏ ଯୋଜନା ଅଧୀନରେ ଲାଭ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏନେଇ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଏହି ପଦକ୍ଷେପ ମାଧ୍ୟମରେ ଉପଭୋକ୍ତାଙ୍କୁ ଏକ ସବୁଜ ଏବଂ ଶକ୍ତି–ସୁରକ୍ଷିତ ଓଡ଼ିଶା ଗଠନରେ ସହଭାଗୀ କରାଯାଇପାରିବ। ଘରୋଇ ବିଦ୍ୟୁତ ଉପଭୋକ୍ତା ଯେଉଁମାନେ ୧ କିଲୋୱାଟର କଣ୍ଟ୍ରାକ୍ଟ ଡିମାଣ୍ଡ ନେଇଛନ୍ତି ସେମାନେ ଏହି ଯୋଜନା ପାଇଁ ୫୦୦୦ ଟଙ୍କା ଏବଂ ଜେନେରେଶନ୍ ମିଟର ଚାର୍ଜ ଦେବାକୁ ପଡ଼ିବ।

## ନାଲ୍‌କୋର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ପ୍ରକାଶ

ଭୁବନେଶ୍ୱର, ୮।୧୧

ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲକୋ) ପକ୍ଷରୁ ୨୦୨୫ ସେପ୍ଟେମ୍ବରରେ ସମାପ୍ତ ଦ୍ୱିତୀୟ ତ୍ରୈମାସିକର ଫଳାଫଳ ଘୋଷିତ ହୋଇଛି। ଏହି ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ୩୫% ଅଭିବୃଦ୍ଧି ସହ ନିଟ୍ ଲାଭ ୧,୪୩୩ କୋଟି ଟଙ୍କା ହୋଇଛି। ଏହା ପୂର୍ବବର୍ଷର ସମାନ ଅବଧିରେ ୧୦୬୨ କୋଟି ଟଙ୍କା ଥିଲା। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ କରାଯାଇଥିବା ଫଳାଫଳ ଅନୁଯାୟୀ, ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ମୋଟ୍ ଆୟ ୪,୨୯୨ କୋଟି ଟଙ୍କା ହୋଇଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ତୁଳନାରେ ୭.୨% ଅଭିବୃଦ୍ଧି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲ୍‌କୋ ନିଟ୍ ଲାଭରେ ୫୦.୧୫% ଅଭିବୃଦ୍ଧ ହାସଲ କରିଛି, ଯାହା ପୂର୍ବବର୍ଷର ସମାନ ସମୟର ୧,୬୬୩ କୋଟି ତୁଳନାରେ ସର୍ବକାଳୀନ ୨,୪୯୭ କୋଟି ଟଙ୍କାକୁ ବୃଦ୍ଧିପାଇଛି। ଉତ୍ପାଦନ କ୍ଷେତ୍ରରେ ନାଲ୍‌କୋ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଆଲୁମିନା ହାଇଡ୍ରେଟ୍ ଏବଂ ଆଲୁମିନିୟମ କାଷ୍ଟ ଧାତୁ ଉତ୍ପାଦନରେ ସର୍ବୋତ୍ତମ ପ୍ରଦର୍ଶନ କରିଛି। କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ସର୍ବାଧିକ ୧୧,୫୩,୦୦୦ ମେଟ୍ରିକ୍ ଟନ୍ ଆଲୁମିନା ହାଇଡ୍ରେଟ୍ ଏବଂ ୨,୩୪,୧୪୮ ମେଟ୍ରିକ୍ ଟନ୍ ଆଲୁମିନିୟମ କାଷ୍ଟ ମେଟାଲ ଉତ୍ପାଦନର ରେକର୍ଡ କରିଛି। ସେହିପରି ବିକ୍ରୟ କ୍ଷେତ୍ରରେ ନାଲ୍‌କୋ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ସର୍ବାଧିକ ୬,୯୯,୯୧୩ ମେଟ୍ରିକ ଟନ୍ ଆଲୁମିନା ବିକ୍ରି କରିଛି, ଯାହା ୨୦୧୩-୧୪ ଆର୍ଥିକ ବର୍ଷରେ ହାସଲ କରିଥିବା ପୂର୍ବ ସର୍ବାଧିକ ୬,୫୬,୪୮୦ ମେଟ୍ରିକ୍ ଟନ୍‌କୁ ଅତିକ୍ରମ କରିଛି। କମ୍ପାନୀ ୨୦୨୫ -୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୨,୨୫,୬୭୫ ମେଟ୍ରିକ୍ ଟନ୍ ଘରୋଇ ଧାତୁ ବିକ୍ରୟର ସର୍ବକାଳୀନ ରେକର୍ଡ ମଧ୍ୟ କରିଛି। ଏଥିସହ କମ୍ପାନୀ ପ୍ରତି ଇକ୍ୱିଟି ଶେୟାର ପିଛା ୪ ଟଙ୍କାର ମଧ୍ୟବର୍ତ୍ତିକାଳୀନ ଲାଭାଂଶ ଘୋଷଣା କରିଛି, ଯାହା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୭୩୪.୬୫ କୋଟି ଟଙ୍କା ହେବ।

## ବେଦାନ୍ତ ପକ୍ଷରୁ କର୍କଟ ସଚେତନତା ଦିବସ




ଭୁବନେଶ୍ୱର, ୮।୧୧

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର ମହିଳା ମହାବିଦ୍ୟାଳୟରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ କରିଛି। ଏହି ଅଧିବେଶନରେ ଯୁବତୀଙ୍କୁ ପ୍ରାରମ୍ଭିକ ଚିହ୍ନଟ, ସୁସ୍ଥ ଜୀବନଶୈଳୀ ଏବଂ ସହାୟତା ସେବାର ଅତ୍ୟାବଶ୍ୟକ ଜ୍ଞାନ ସହିତ ସଜ୍ଜିତ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଅଧିବେଶନରେ ଡାକ୍ତରୀ ବିଶେଷଜ୍ଞମାନେ ତମାଖୁ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ, ଦୀର୍ଘକାଳୀନ ଚାପ ଏବଂ ଜେନେଟିକ୍ ପ୍ରବୃତ୍ତି ଭଳି ସାଧାରଣ ବିପଦକାରକ ଉପରେ ଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ବର୍ଦ୍ଧିତ ସ୍ୱାସ୍ଥ୍ୟ ସଚେତନତା ସମଗ୍ର ପରିବାରର ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିପାରେ। ତେଣୁ ଏପରି ପଦକ୍ଷେପ ମାଧ୍ୟମରେ ଆମେ ସୂଚନାପ୍ରାପ୍ତ, ସୁସ୍ଥ ଏବଂ ସ୍ଥିର ସମ୍ପ୍ରଦାୟକୁ ପୋଷଣ କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁମାନେ କି ସ୍ୱାସ୍ଥ୍ୟ-ସଚେତନ ପସନ୍ଦ କରନ୍ତି ଏବଂ ପ୍ରତିରୋଧକ ଯତ୍ନକୁ ଉତ୍ସାହିତ କରନ୍ତି।

## ବିଶ୍ୱସ୍ତରରେ ସମ୍ପ୍ରସାରଣ ହେବ ଜିଓ ୫ଜି

ଭୁବନେଶ୍ୱର, ୭।୧୧

ରିଲାଏନ୍ସ ଜିଓ ପ୍ଲାଟଫର୍ମ ଏହାର ଉନ୍ନତ ୫ଜି ପ୍ରଯୁକ୍ତି ମାଧ୍ୟମରେ ବିଶ୍ୱ ସ୍ତରରେ ସମ୍ପ୍ରସାରଣ କରିବାକୁ ପ୍ରସ୍ତୁତ ହେଉଛି। କମ୍ପାନୀ ମୋବାଇଲ ଏବଂ ହୋମ ବ୍ରଡବ୍ୟାଣ୍ଡ ଉଭୟରେ ସମ୍ପୂର୍ଣ୍ଣ ୫ଜି ସମାଧାନ ବିକଶିତ କରିଛି, ଯେଉଁଥିରେ ଓପନ ଆରଏଏନ-ଆଧାରିତ ରେଡିଓ, ନେଟୱର୍କ କୋର୍, କ୍ଲାଉଡ-ନେଟିଭ ଓଏସ୍ଏସ୍ / ବିଏସ୍ଏସ୍ ସିଷ୍ଟମ ଏବଂ ଏଆଇ-ଆଧାରିତ ଅଟୋମେଶନ ପ୍ଲାଟଫର୍ମ ଅନ୍ତର୍ଭୁକ୍ତ ରହିଛି। ଜିଓର 'ଏୟାର ଫାଇବର' ପ୍ରଯୁକ୍ତି ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛି। ପ୍ରତିଷ୍ଠିତ ଅନ୍ତର୍ଜାତୀୟ ବ୍ରୋକରେଜ ସଂସ୍ଥା ଜେଫେରିଜ ଦ୍ୱାରା ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ଜିଓର ସୁଲଭ ଏବଂ ସ୍କେଲେବଲ ୫ଜି ସମାଧାନ ଏହାକୁ ବିଶ୍ୱର ୧୨୧ ବିଲିୟନ ଡଲାର ଟେଲିକମ ପ୍ରଯୁକ୍ତି ବଜାରରେ ଏକ ମହତ୍ତ୍ୱପୂର୍ଣ୍ଣ ଲାଭ ଦେଇପାରିବ।

## ଜିନ୍ଦଲ ଷ୍ଟିଲ ପକ୍ଷରୁ ଏୟାର ଆଡଭେଞ୍ଚର ଶୋ'

**୬୦୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ**

ଅନୁଗୋଳ ୮।୧୧ (ମାନସ ବିଶ୍ୱାଳ)




ଅନୁଗୋଳ ସହର ଉପକଣ୍ଠସ୍ଥିତ ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଭର୍ଟିକାଲ ଇଣ୍ଡିଆର ସହଯୋଗରେ 'ଏୟାର ଆଡ୍‌ଭେଞ୍ଚର-୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ରୋମାଞ୍ଚକର ଏୟାର ଶୋ' କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ଲୋକଙ୍କୁ ଆକାଶରେ ଏକ ସ୍ମରଣୀୟ ଅଭିଜ୍ଞତା ଦେବା ସହ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ଆଣିଥିଲା। ସାବିତ୍ରୀ ଜିନ୍ଦଲ ବିମାନବନ୍ଦରରେ ଅନୁଷ୍ଠିତ ଏହି ୬ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ବର୍ଗରେ ପ୍ରାୟ ୬୦୦ ଜଣ ଅଂଶଗ୍ରହଣ କରିଥିଲେ। ଆକାଶମାର୍ଗରେ ଅଂଶଗ୍ରହଣକାରୀଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ସେମାନେ ସାହସିକତା ଏବଂ ଏକତାର ଭାବନା ନେଇ ଏହି ରୋମାଞ୍ଚକର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ପାରାମୋଟରିଂ, ପାରାସେଲିଂ ଏବଂ ହଟ୍ ବେଲୁନ୍‌ରେ ଯାତ୍ରା କରିବାର ସୁବିଧା କରାଯାଇଥିଲା, ଯାହା ଆକାଶମାର୍ଗରୁ ଅନୁଗୋଳର ମନୋରମ ଦୃଶ୍ୟ ଦେଖିବାର ସୁଯୋଗ ସୃଷ୍ଟି କରିଥିଲା। ତିନୋଟି ଭିନ୍ନ ଭିନ୍ନ ଉଡ଼ାଣ ଛେଣ୍ଡିପଦା ଅଞ୍ଚଳରେ ୪୦୦ରୁ ଅଧିକ ଥର ଆକାଶମାର୍ଗରେ ବୁଲିଥିଲା। ଦୁଇଟି ହଟ୍ ବେଲୁନ୍ ଅଲଗା ଅଲଗା ସ୍ଥାନରୁ ପରିଚାଳିତ ହେଉଥିଲା, ଯାହା ଅତିଥି ତଥା ଅଂଶଗ୍ରହଣକାରୀଙ୍କୁ ନିଆରା ଅନୁଭୂତି ପ୍ରଦାନ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଏସ୍ ଶ୍ରେବାଂଶ
ପରିବାରବର୍ଗ


ସାଇ ସୁମନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜୟ ପାଇଁ ପ୍ରମୁଖ ଦଳର କସରତ

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା,୮।୧୧ (ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପ୍ରଚାର ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ଏହାକୁ ନେଇ ଆଲୋଚନା ସେତେ ଜୋର ଧରୁଛି। କିଏ ବିଜୟୀ ହେବ, କାହାକୁ କେତେ ଭୋଟ ମିଳିବ ଏସବୁ କଥା ଚା' ଖଟିଠୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଆଲୋଚନା ହେଉଛି। ଏହି ଆସନ ପାଇଁ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ସମୁଦାୟ ୧୪ ଜଣ ନିର୍ବାଚନ ଲଢୁଛନ୍ତି।

ନୂଆପଡ଼ାକୁ ବିଜେଡିର ଗଡ଼ କୁହାଯାଇଥାଏ। ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଜୟ ଢୋଲକିଆ ଭାଜପାର ପ୍ରାର୍ଥୀ ହୋଇଛନ୍ତି। ଏହାପରେ ଏଠାରେ ରାଜନୀତି ଦୃଶ୍ୟପଟ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ବିଜେଡି ଏଠାକାର ନେତାଙ୍କ ଉପରେ ଭରସା ନ କରି ପୂର୍ବତନ ମନ୍ତ୍ରୀ ତଥା ଦଳର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଛି। ଗତ ନିର୍ବାଚନରେ କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ହୋଇ ସ୍ୱାଧୀନ ଭାବେ ଲଢି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଘାସିରାମ ମାଝୀ ଏବେ କଂଗ୍ରେସ ଟିକେଟରେ ନିର୍ବାଚନ ଲଢୁଛନ୍ତି। ତିନି ଦଳ ଏବେ ବିଜୟୀ ହେବା ପାଇଁ କସରତ କରୁଛନ୍ତି।

୨୦୨୪ ସାଧାରଣ ନିର୍ବାଚନକୁ ଦେଖିଲେ ଏଠାରେ ବିଜେଡିରୁ ରାଜେନ୍ଦ୍ର ଢୋଲକିଆ, ଭାଜପାରୁ ଅଭିନନ୍ଦନ ପଣ୍ଡା, କଂଗ୍ରେସରୁ ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଚଳିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ସ୍ୱାଧୀନ ଭାବେ ନିର୍ବାଚନ ଲଢିଥିଲେ। ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨,୫୪,୪୯୭ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୧,୨୪,୫୪୪ ଜଣ ପୁରୁଷ, ୧,୨୯,୯୩୨ ଜଣ ମହିଳା ଓ ୨୧ ଜଣ ତୃତୀୟ ଲିଙ୍ଗୀ ମତଦାତା ଅଛନ୍ତି। ଗତ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ୬୧,୮୨୨ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ୫୦,୯୪୧ ଭୋଟ ପାଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଭାଜପାର ଅଭିନନ୍ଦନ ପଣ୍ଡା ୪୪,୮୧୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। କଂଗ୍ରେସର ଶରତ ପଟ୍ଟନାୟକ ୧୫,୫୦୧ଖଣ୍ଡ ଭୋଟ ପାଇଥିଲେ। ରାଜେନ୍ଦ୍ର ଢୋଲକିଆ ପ୍ରାୟ ୧୦,୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।

ନୂଆପଡ଼ା ନିର୍ବାଚନମଣ୍ଡଳୀ ୨ ବ୍ଲକ ନୂଆପଡ଼ା ଓ କୋମନା ଏବଂ ଦୁଇଟି ଏନ୍ଏସି ନୂଆପଡ଼ା ଓ ଖଡ଼ିଆର ରୋଡ୍‌କୁ ନେଇ ଗଠିତ। ନୂଆପଡ଼ା ବ୍ଲକରେ ୩୧ ପଞ୍ଚାୟତ ଓ କୋମନା ବ୍ଲକରେ ୩୨ ପଞ୍ଚାୟତ ରହିଛି। ସେହିପରି ନୂଆପଡ଼ା ଏନ୍ଏସିରେ ୧୪ ୱାର୍ଡ ଓ ଖଡ଼ିଆର ରୋଡ୍ ଏନ୍ଏସିରେ ୧୯ ୱାର୍ଡ ରହିଛି।

ଏହି ଉପନିର୍ବାଚନରେ ସ୍ଥିତି ଏକପ୍ରକାର ଅଲଗା ରହିଛି। ଗତ ନିର୍ବାଚନ ପୂର୍ବରୁ ବିଜେଡି ସରକାର ଥିବାବେଳେ ଏବେ କିନ୍ତୁ ଭାଜପା ସରକାର ରହିଛି। ଅପରପକ୍ଷେ ଜୟ ଢୋଲକିଆ ଭାଜପାକୁ ଗଲା ପରେ ରାଜେନ୍ଦ୍ର ଢୋଲକିଆଙ୍କ ଅନେକ ସମର୍ଥକ ମଧ୍ୟ ଭାଜପାକୁ ଯାଇଛନ୍ତି। ପ୍ରାୟ ଅଧିକାଂଶ ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଧ୍ୟ ବିଜେଡିରୁ ଭାଜପାକୁ ଯାଇଛନ୍ତି। ସେତେବେଳେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କରିଥିବା ଅନେକେ ଏବେ ଭାଜପାକୁ ସମର୍ଥନ କରି ପ୍ରଚାର କରୁଛନ୍ତି। ସହାନୁଭୂତି ପାଇବା ପାଇଁ ପ୍ରଚାର ବେଳେ ଉଭୟ ଭାଜପା ଓ ବିଜେଡି ରାଜେନ୍ଦ୍ର ଢୋଲକିଆଙ୍କ ଫଟୋକୁ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଏଥିପାଇଁ ଉଭୟ ଦଳ ମଧ୍ୟରେ ତୁ ତୁ ମେ ମେ ଭଳି ପରିସ୍ଥିତି ଦେଖାଦେଇଥିଲା। ତିନି ଦଳର ହେଭିୱେଟ ନେତା ପ୍ରଚାର କରି ମତଦାତାଙ୍କୁ ନିଜ ସପକ୍ଷରେ ନେବାକୁ ପ୍ରୟାସ କରୁଛନ୍ତି।

ସାଧାରଣ ଲୋକଙ୍କୁ କିନ୍ତୁ ଭିନ୍ନ ମେସେଜ ଯାଇଛି। କେହି କେହି ଜୟଙ୍କ ଦଳବଦଳକୁ ଗ୍ରହଣ କରିପାରୁ ନାହାନ୍ତି। ସେହିପରି ବରଗଡ଼ ଜିଲା ଅତାବିରାରୁ ଆସି ଏଠାରେ ବିଜେଡିର ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆଙ୍କୁ ମଧ୍ୟ ବାହାରିଆ ବୋଲି କହୁଛନ୍ତି। ଏହାସହିତ ଗତ ନିର୍ବାଚନରେ ଘାସିରାମଙ୍କୁ ଆଦିବାସୀ ସଂଘ ସମର୍ଥନ ଦେଇଥିବା ବେଳେ ଏବେ କିନ୍ତୁ ଉକ୍ତ ସଂଘ ଭାଗ ଭାଗ ହୋଇଥିବା କୁହାଯାଉଛି। ମାତ୍ର କଂଗ୍ରେସ ପ୍ରାର୍ଥୀ ଘାସିରାମ ଆଦିବାସୀମାନେ ତାଙ୍କୁ ସମର୍ଥନ ଦେବେ ବୋଲି କହିଛନ୍ତି। ଏସବୁ ଭିତରେ ନୂଆପଡ଼ାରେ ଏବେ ସାରା ରାଜ୍ୟର ନେତା ଆସି ଭୋଟରଙ୍କୁ ଭିନ୍ନ ଢଙ୍ଗରେ ପ୍ରଭାବିତ କରୁଥିବା ଦେଖିବାକୁ ମିଳୁଛି। ବିପୁଳ ଟଙ୍କା ଖର୍ଚ୍ଚ କରି ସବୁ ଦଳ ସଭାସମିତି ଓ ରୋଡ୍ ଶୋ' କରି ଲୋକଙ୍କୁ ଏକାଠି କରାଉଛନ୍ତି। ସବୁଠି ଭୋଜି ଭାତ ଆୟୋଜନ ହେଉଛି। ଏହାସହିତ ସଭାସମିତି ଓ ରାଲିକୁ ଆସିବା ପାଇଁ ଜଣପିଛା ୨ ଶହରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ଦେଉଛନ୍ତି। ଏସବୁ ଭିତରେ ଭୋଟର କିନ୍ତୁ ଚାଲାକ ହୋଇଯାଇଛନ୍ତି। କୁଆଡେ ଜଣପିଛା ଏକ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯିବ ବୋଲି ଚର୍ଚ୍ଚା ହେଉଥିବାରୁ ଭୋଟରମାନେ ନିଜକୁ କୌଣସି ଗୋଟିଏ ଦଳର ବୋଲି କହୁନାହାନ୍ତି। ସାଧାରଣରେ ଏବେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ ବୋଲି ଆଲୋଚନା ହେଉଛି। କେହି ଭାଜପା ସପକ୍ଷରେ ମତଦାନ ହୋଇପାରେ ବୋଲି ଆକଳନ କରୁଥିବା ବେଳେ ଆଉ କେହି ନବୀନଙ୍କ ଲୋକପ୍ରିୟତା ଯୋଗୁ ବିଜେଡି ବାଜିମାତ କରିପାରେ ବୋଲି କହୁଛନ୍ତି। ଷଷ୍ଠ ଥର ପାଇଁ ନିର୍ବାଚନ ଲଢୁଥିବା କଂଗ୍ରେସର ଘାସିରାମ ବି କୌଣସି ପରିସ୍ଥିତିରେ ବିଜୟ ହାସଲ କରିପାରନ୍ତି ବୋଲି କେତେଜଣ ଚର୍ଚ୍ଚା କରୁଛନ୍ତି। ଆଗାମୀ ୧୧ତାରିଖରେ ମତଦାନ ହେବ। ଏଥିପାଇଁ ସମୁଦାୟ ୩୫୮ ବୁଥ୍ କରାଯାଇଛି। ନୂଆପଡ଼ା ଏନ୍ଏସିରେ ୧୭, ଖଡ଼ିଆର ରୋଡ୍ ଏନ୍ଏସିରେ ୧୯, ନୂଆପଡ଼ା ବ୍ଲକରେ ୧୫୭ ଓ କୋମନା ବ୍ଲକ ପାଇଁ ୧୬୫ ବୁଥ୍ କରାଯାଇଛି। ନିର୍ବାଚନ ଫଳାଫଳ ଆସନ୍ତା ୧୪ରେ ପ୍ରକାଶ ପାଇବ। ସେତେବେଳେ ଜଣାପଡ଼ିବ ନୂଆପଡାବାସୀ କାହା ମୁଣ୍ଡରେ ସୁନାକଳସ ଢାଳିଛନ୍ତି।

# ବିଭ୍ରାନ୍ତିକର ସୂଚନା, ଫଟୋର ପ୍ରଚାରରୁ ନିବୃତ୍ତ ରୁହନ୍ତୁ: ସିଇଓ

## ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲା ଭାଜପା

ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର)

ଏକ ଜାତୀୟ ଦଳର ଜଣେ ବିଶିଷ୍ଟ ନେତା ଏବଂ ସେହି ଦଳର ଜଣେ ନିର୍ବାଚିତ ବିଧାୟକଙ୍କ ସମ୍ପର୍କରେ ଏକ ବିଭ୍ରାନ୍ତିକର ଫଟୋ ଏ.ଆଇ. ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିଗୋଚର ହୋଇଛି। ସୋସିଆଲ ମିଡିଆର ଏକ ପ୍ଲାଟ୍‌ଫର୍ମରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏହି ଫଟୋ ପୋଷ୍ଟ କରାଯାଇଥିବା ଚିହ୍ନଟ ହୋଇଛି। ଏହି ପୋଷ୍ଟକୁ ଯାଞ୍ଚ ପରେ ଏହା ମିଥ୍ୟା ଏବଂ ବିଭ୍ରାନ୍ତିକର ବୋଲି ଜଣାପଡ଼ିଛି। ଏଭଳି ବିଭ୍ରାନ୍ତିକର ସୂଚନାର ପ୍ରଚାର ପ୍ରସାର ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ। ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସମସ୍ତଙ୍କୁ ଅନୁରୋଧ କରାଯାଉଛି, ଏଭଳି ବିଭ୍ରାନ୍ତିକର ସୂଚନା ଅନ୍ୟମାନଙ୍କୁ ପଠାଇବାରୁ ନିବୃତ୍ତ ରୁହନ୍ତୁ। କାରଣ ଏହାଦ୍ୱାରା ଆପଣଙ୍କ ପାଇଁ ଗମ୍ଭୀର ପରିଣାମ ସୃଷ୍ଟି ହୋଇପାରେ। ନୂଆପଡ଼ା ବିଧାନସଭା ଉପନିର୍ବାଚନର ମତଦାନ ଆସନ୍ତା ୧୧ରେ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନ ସମ୍ପର୍କିତ କୌଣସି ସୂଚନା ଅନ୍ୟ କାହାକୁ ପଠାଇବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବାକୁ ଅନୁରୋଧ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସୋସିଆଲ ମିଡିଆକୁ ସତର୍କତାର ସହ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ। ଏକ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କର ଆନ୍ତରିକ ସହଯୋଗ କାମନା କରିଛନ୍ତି। ବିଭ୍ରାନ୍ତିକର ସୂଚନା ଓ ଫଟୋର ପ୍ରଚାର ପ୍ରସାରରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଏଭଳି ଅଭିଯୋଗ ନେଇ ଶନିବାର ସିଇଓଙ୍କ ନିକଟରେ ବିଜେଡି ବିରୋଧରେ ଫେରାଦ ହେବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା।


### ପ୍ରଥମ ଜନ୍ମଦିନର ଶୁଭେଚ୍ଛା



ଏସ୍ ଶ୍ରେବାଂଶ ସେବାଷ୍ଟିଆନ୍ ମାଝୀ
ବିଜେଗଙ୍ଗାଧରପୁର, ଭଦ୍ରକ
-:ଶୁଭେଚ୍ଛା ସହ:-
ଜେଜେ, ଜେଜୀ, ନାନା, ନାନୀ, କୁନିଜେଜେ, ବଡ ବାବା, ବଡ ମା, ବୋଉ, ମମ୍, ଡ୍ୟାଡ୍, ମାମା, ମାଉଁ, କକା, ଭାଇ, ଦିଦିଙ୍କ ସମେତ ପରିବାରବର୍ଗ।
ଧ-୨୫୨୧

### ୧୬ତମ ଜନ୍ମଦିନ ଶୁଭେଚ୍ଛା



ସାଇ ସୁମନ(ଓମ୍)
ପଟିଆ, ଭୁବନେଶ୍ୱର
ଆଜି ତୋର ୧୬ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ସତ୍ୟନାରାୟଣ ତୋର ମଙ୍ଗଳ କରନ୍ତୁ ଓ ଚଲାପଥ କୁସୁମିତ କରନ୍ତୁ। ସାଇନାଥ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ- ଜେଜେବାପା, ବାବା, ମାମା, ଅଜା, ଆଈ, ମାମୁ ଓ ପରିବାରବର୍ଗ।
ଧ-୨୫୨୨


# ଗଣତନ୍ତ୍ରକୁ ହତ୍ୟା କରିବାକୁ ପଛାଉନି ଶାସକ ଦଳ: ବିଜେଡି

**ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର):** ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବାବେଳେ ସରକାରୀ କଳକୁ ରାଜନୀତି କାମରେ ଭାଜପା ବେଶ୍ ଉପଯୋଗ କରୁଛି। କ୍ଷମତା ଲୋଭରେ ଗଣତନ୍ତ୍ରକୁ ହତ୍ୟା କରିବାକୁ ସେମାନେ ପଛାଉ ନାହାନ୍ତି। ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚାର ପାଇଁ ଶନିବାର ସରକାରୀ ସମ୍ପଦର ଦୁରୁପଯୋଗରେ ଭାଜପା ସବୁ ସୀମା ଟପିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଟେଣ୍ଟ ବାନ୍ଧି ଜାତୀୟ ରାଜପଥରେ ଲୋକଙ୍କ ଯିବା ଆସିବା ବନ୍ଦ କରିଦିଆଯାଇଛି। ଲୋକଙ୍କୁ ଯନ୍ତ୍ରଣା ଦେବାରେ ଲୋକଙ୍କ ସରକାର ସାମାନ୍ୟ ହେଳା କରୁନାହିଁ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି।

ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେନିନ୍ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ଭାଜପା ପୂରା ପ୍ରଶାସନକୁ କାମରେ ଲଗାଇ ଦେଇଛି। ଖଡ଼ିଆର ରୋଡ୍ ଏନ୍ଏସି ଓ ନୂଆପଡା ଏନ୍ଏସିରେ ଭାଜପା ରୋଡ୍ ଶୋ' କାମରେ ସରକାରୀ ବ୍ୟବସ୍ଥାର ଦୁରୁପଯୋଗ କରିଛି। ପୂରା ପ୍ରଶାସନ ରାଜନୀତି କାମରେ ବ୍ୟସ୍ତ। କ୍ଷମତା ଲୋଭରେ ଅନ୍ଧ ଭାଜପା ଆଦର୍ଶ ଆଚରଣ ବିଧିକୁ ମାନୁ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ରାଇପୁର ଜାତୀୟ ରାଜପଥକୁ ବନ୍ଦ କରି ବିଶାଳ ଷ୍ଟେଜ୍ ନିର୍ମାଣ କରାଯାଇଛି। ସେଥିପାଇଁ ଗତ ରାତିରୁ ସେହି ବାଟେ ଗାଡ଼ି, ମୋଟର ଓ ଲୋକଙ୍କ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ରାଜନୀତି ପାଇଁ ଭାଜପା ଲୋକଙ୍କୁ ଦୁର୍ଦ୍ଦଶା ମୁହଁକୁ ଠେଲି ଦେଉଛି। ଭାଜପା ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସାଧାରଣ ଲୋକଙ୍କ ପାଇଁ କାଳ ହେଲା। ଜରୁରୀ, ବାଣିଜ୍ୟିକ ପରିବହନ ଠପ୍ କରିଦେଲେ। ଲୋକଙ୍କ ସରକାର ବୋଲାଉଛନ୍ତି, ଲୋକଙ୍କୁ ଦହଗଞ୍ଜ କରି ମାରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପ୍ରଚାର କାମ ପାଇଁ ୨୦୦ଟି ବସ୍ ବରଗଡ଼ ଜିଲାରୁ ଓ କଳାହାଣ୍ଡି ଜିଲାରୁ ୧୫୦ଟି ବସ୍ ଆଣି କାମରେ ଲଗାଯାଇଛି। ଦଳୀୟ କାମ ପାଇଁ ସରକାରୀ ସମ୍ପତ୍ତିର ବେଶ୍ ଦୁରୁପଯୋଗ କରି ଭାଜପା ତା'ର ରାଜନୈତିକ ପ୍ରଚାର କରିଛି। ଦୁଃଖର କଥା ରାଜନୀତି ପାଇଁ ଲୋକଙ୍କୁ କାହିଁକି କଷ୍ଟ ଦିଆଯାଉଛି ବୋଲି ଲେନିନ୍ କହିଛନ୍ତି।

# ଏକା ସମୟରେ ୨ ନିଯୁକ୍ତି ପରୀକ୍ଷା

## ବିଭାଗ ମଧ୍ୟରେ ରହୁନି ସମନ୍ୱୟ, ଚିନ୍ତାରେ ପରୀକ୍ଷାର୍ଥୀ

ଭୁବନେଶ୍ୱର,୮।୧୧(ସୁଚିସ୍ମିତା ସାହୁ)

ପୁଣି ନିଯୁକ୍ତି ପରୀକ୍ଷାକୁ ନେଇ ଦ୍ୱନ୍ଦ୍ୱ ଓ ବିବାଦ ଉପୁଜିଛି। ରବିବାର ଗୋଟିଏ ସମୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିଭିତ୍ତିକ ପରୀକ୍ଷା ରହିଛି। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ଅଫିସ୍ ପାଇଁ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପଦ ଲାଗି ଲିଖିତ ପରୀକ୍ଷା ରହିଥିବା ବେଳେ ଅନ୍ୟପଟେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ଆରଆଇ, ଅମିନ, ଏଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର ଏବଂ ଏସ୍‌ଏଫ୍‌ଏସ୍ ପରୀକ୍ଷା ରହିଛି। ଏହି ଦୁଇଟି ପରୀକ୍ଷା ପାଇଁ ବହୁ ଆଶାୟୀ ଆବେଦନ କରିଛନ୍ତି। ତେଣୁ ଏକା ସମୟରେ ଦୁଇଟି ପରୀକ୍ଷା ଥିବାରୁ କେଉଁ ପରୀକ୍ଷା ଦେବେ ଓ କାହାକୁ ଦେବେ ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱ ଓ ଚିନ୍ତାରେ ପଡିଛନ୍ତି।

ସୂଚନାନୁସାରେ, ଓପିଏସ୍‌ସି ଦ୍ୱାରା ପରିଚାଳିତ ଏଏସ୍‌ଓ ପରୀକ୍ଷା ୩ଟି ସିଟିଂରେ ହେବ। ପ୍ରଥମ ସିଟିଂ ସକାଳ ୯ଟାରୁ ଆରମ୍ଭ ହେଉଥିବାବେଳେ ଦ୍ୱିତୀୟ ସିଟିଂ ୧୧ଟା ୩୦ ଓ ତୃତୀୟ ସିଟିଂ ପରୀକ୍ଷା ୨ଟା ୩୦ରୁ ଆରମ୍ଭ ହେବ। ଅନ୍ୟପକ୍ଷରେ ଓଏସ୍‌ଏସ୍‌ଏସ୍‌ସି ପରିଚାଳିତ ଆରଆଇ, ଅମିନ, ଏଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର ଏବଂ ଏସ୍‌ଏଫ୍‌ଏସ୍ ପରୀକ୍ଷା ଗତ କିଛିଦିନ ହେଲା ଆରମ୍ଭ ହୋଇଛି। ରବିବାର ଏହି ପରୀକ୍ଷା ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ରହିଥିବା ବେଳେ ସମାନ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଏଏସ୍‌ଓ ପେପର-୧ ପରୀକ୍ଷା ମଧ୍ୟ ରହିଛି। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ନୂଆ ସରକାରୀ ପଦବୀ ବାହାରୁ ନ ଥିବା ବେଳେ ଗୋଟିଏ ସମୟରେ ଦୁଇଟି ପରୀକ୍ଷା କରାଯାଉଛି। ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବାରୁ ପରିକ୍ଷାର୍ଥୀମାନେ ହଇରାଣ ହେଉଛନ୍ତି।


# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

ଶୁଣ୍ଢୀ ମହାଜନ, ଯୌତୁକ ବିରୋଧି, ପ୍ରତିଷ୍ଠିତ ଆଧାତ୍ମିକ ପରିବାର, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, ଭୁବନେଶ୍ୱରରେ ଜାଗାବାଡି, ଘରଭଡ଼ା, ଦୁଇଟି ଲଜିଂ, ନିଜସ୍ୱ ବ୍ୟବସାୟ, ଶୀଘ୍ର ବାହାଘର। 9827385242.(whats). D-2338

**GROOM WANTED**

Groom wanted (only established business person/family) between "26 to 31" year age range, for Business Entrepreneur Brahmin caste bride:- good looking, 25year, 5.4 feet, Post Graduate, father established industrialist of Eastern India/ Contact- 8984661780. D-2510


REAL ESTATE

**SALE**

Khordha Municipality ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। ଧ-୦୮

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2473

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05


Bhubaneswar Gothapatna 100ft ମେନ୍‌ରୋଡ଼କୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

5BHK 2 STOREYED FULLY FURNISHED INDEPENDENT HOUSE FOR SALE IN LAXMISAGAR, BHUBANESWAR, Rs.3.33 CR. CONTACT 7894775333. D-2511

3BHK 1st floor, 1480sqft Sai Tower Apartment, National Highway, infront of ISKCON Temple, Bhubaneswar, Price 1cr. negotiable. Contact immediately: 9861096629. D-76871

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3Bedroom, 3Bathroom, Living Room, Kitchen, Balcony, Covered Parking, Shakti Nagar Near Axis Bank, Jharpada. Contact: 7377075640. D-2515

1st FLOOR 3BEDROOM, DRAWING ROOM, DINING HALL, KITCHEN, PUJA ROOM, TWO TOILETS, BALCONY, FAMILY HOLDERS FOR RESIDENTIAL PURPOSE ONLY. RENT= Rs. 13,000/- PER MONTH. GARAGE CHAWK, BHUBANESWAR. CONTACT: 9090111010. D-76077




The massage felt totally professional & comfortable at all times- 7978109255. D-205

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବା ଠିକଣା:- classifieddharitri@gmail.com

**AFFIDAVIT**

FARHA AHMEED, At/ P.O- Kudiary, Thana- Jatani, Dist.- Khurda changed my name as Anwesha Puri, W/o.- Avisekha Puri. D-2517

By virtue of an affidavit sworn before Executive Magistrate, Rasgovindpur, Mayurbhanj, dated- 07.11.2025, I, Jayanti Soren wife of Karam Chand Soren, Address Vill.-Parulia, P.O.-Gobara, P.S.- Rasgovindpur, Dist.- Mayurbhanj, Odisha 757016 declare that I have changed the name of my son from ABHIGYAN SOREN to ABHIGYAN SATYA PRAKASH NAGESWAR SOREN. Henceforth, he shall be known as ABHIGYAN SATYA PRAKASH NAGESWAR SOREN for all purposes. D-2519

I, PARMESWARI DEVI AGARWAL, W/o.- BHIKHRAJ AGRAWAL, Resident of Naya Sarak, P.O.- Chandini Chowk, P.S.- Lalbag, Cuttack- 753002, Odisha declare by this affidavit no 77AA101402, Dtd.- 06.11.2025 that now onwards I shall be known as PARMESWARI DEVI AGRAWAL for all future purposes. D-76945

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**MISSING**



ମୋ ସାନଭାଇ ଶ୍ରୀଯୁକ୍ତ ରମାକାନ୍ତ ମିଶ୍ର, ବୟସ ପ୍ରାୟ ୬୦, ଉଚ୍ଚତା-୫'10", ରଙ୍ଗ-ଗୋରା, ପାଟିରେ ସମ୍ପୂର୍ଣ୍ଣ ଦାନ୍ତ ନାହିଁ, କଥା କହିଲାବେଳେ ବେଳେବେଳେ ମୁଣ୍ଡ ହଲିଯାଏ। ଗତ ୨୪.୧୦.୨୫ ଠାରୁ ଆମ୍ଭ ବାସଭବନରୁ କେଉଁଆଡେ ଚାଲିଯାଇଛନ୍ତି। ତାଙ୍କର ସାମାନ୍ୟ ମାନସିକ ବିକୃତି ଅଛି। ତାଙ୍କରି ଚିନ୍ତାରେ ଆମ୍ଭର ମାତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ। କେହି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ, ନିମ୍ନଲିଖିତ ଠିକଣା ଓ ମୋବାଇଲରେ ଯୋଗାଯୋଗ କରିବାକୁ ଅନୁରୋଧ। ଠିକଣା: ରଜନୀକାନ୍ତ ମିଶ୍ର ୩, ମଧୁସୂଦନ ନଗର ଭୁବନେଶ୍ୱର- ୭୫୧୦୦୧ ମୋ- ୬୨୯୧୫୧୬୭୨୨, ୮୨୪୯୪୪୦୯୪୯. ଧ-୨୫୧୮

**ଧରିତ୍ରୀ DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**୧୧ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଦାମୋଦର ଦାଶ
(ପୂର୍ବତନ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ, ଟାଙ୍ଗୀ, ବ୍ଲକ୍ ପୂର୍ବତନ କଂଗ୍ରେସ କମିଟି ସଭାପତି, ଶ୍ରୀକପିଳେଶ୍ୱର ଦେବଙ୍କ ପୂର୍ବତନ ଟ୍ରଷ୍ଟି)
କୋଲ ସାହି, ନିରାକାରପୁର, ଖୋର୍ଦ୍ଧା।
ଆର୍ବିଭାବ- ୧୧.୧୧.୧୯୩୪
ତିରୋଧାନ- ୧୧.୧୧.୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଆମ୍ଭର ଇଷ୍ଟଦେବ ଶ୍ରୀ ଶ୍ରୀ କପିଳେଶ୍ୱରଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପରିବାର, ବନ୍ଧୁ, ଆତ୍ମୀୟ ସ୍ୱଜନ ଓ ଅଞ୍ଚଳବାସୀ।
ଧ-୨୫୨୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଯଶୋଦା ସେନାପତି
ଜଗନ୍ନାଥପୁର, ଭଦ୍ରକ
ଆବିର୍ଭାବ-୨୩।୧୦।୧୯୬୨
ତିରୋଧାନ- ୦୮।୧୧।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ମୃତ୍ୟୁ ବିନା ଅନିବାର୍ଯ୍ୟ ଆତ୍ମା ତ ଅମର।
ତୁମ ବିନା ଦୁଃଖୀ ଆମ ସାରା ପରିବାର।।
ଆତ୍ମା ତୁମ ଶାନ୍ତି ପାଉ ଏତିକି କାମନା।
ଶ୍ରୀଜଗନ୍ନାଥଙ୍କୁ ଆମ୍ଭେ କରୁଛୁ ପ୍ରାର୍ଥନା।।
-ଶୋକସନ୍ତପ୍ତ-
ଶୈଳବାଳା, ମଞ୍ଜୁବାଳା, ଆଶୁତୋଷ, ଉର୍ମିଳା, ଅରୁନ୍ଧତୀ, ବ୍ୟୋମକେଶ, ଚିନ୍ମୟୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୨୫୨୪

# ଗ୍ରୀନ୍ ଜବ୍

**ପଢ଼ା ପରେ ଭଲ ଚାକିରୀଟିଏ କରିବାକୁ କେଉଁ ଯୁବପିଢି ବା ନ ଚାହାଁ ହେଲେ ଭଲ ଜବ୍, ଭଲ ଦରମା ସହିତ ଯଦି କେବଳ ନିଜେ ଉପକୃତ ନ ହୋଇ ପରିବେଶକୁ ବି ସୁରକ୍ଷିତ ରଖି ହୁଏ ତେବେ ଏଭଳି ଜବ୍ କରିବାର ଚାର୍ମ ଅଲଗା। ତେଣୁ ଯୁବପିଢିଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ଦିଗରେ ଚାକିରୀ ବା ଗ୍ରୀନ୍ ଜବ୍‌ର ଡିମାଣ୍ଡ ଦିନକୁ ଦିନ ବଢିବାରେ ଲାଗିଛି...**





ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ସଭିଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସାଜିଛି। ଯେଉଁଥିପାଇଁ ପୋଷାକ, ଗୃହ, ବିଭିନ୍ନ ସାମଗ୍ରୀଠୁ ଆରମ୍ଭ କରି ଯାନବାହନ ପର୍ଯ୍ୟନ୍ତ ସବୁ କିଛି ଯେପରି ପରିବେଶ ଉପଯୋଗୀ ହୋଇପାରିବ, ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ତେଣୁ ପରିବେଶ ସମ୍ବନ୍ଧିତ ବିଭିନ୍ନ ଦିଗରେ ନିଯୁକ୍ତି ସୁଯୋଗ ବା ଗ୍ରୀନ୍ ଜବ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଉ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ଏଥିପାଇଁ ପ୍ରୋତ୍ସାହିତ ମଧ୍ୟ କରାଯାଉଛି...

**ଗ୍ରୀନ୍ ଜବ୍ କ'ଣ:** ବର୍ତ୍ତମାନ ବଢୁଥିବା ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ରୋକିବା ଅର୍ଥାତ୍ ପରିବେଶ ସୁରକ୍ଷାକୁ ଆଖିଆଗରେ ରଖି ବିଭିନ୍ନ କ୍ଷେତ୍ରରେ ବଢୁଥିବା ନିଯୁକ୍ତି ସୁଯୋଗକୁ ଗ୍ରୀନ୍ ଜବ୍ ବୋଲି କୁହାଯାଉଛି। ଏଥିପାଇଁ ସରକାରୀ ସ୍ତରରେ ମଧ୍ୟ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରାଯାଉଛି। ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ସଭିଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସାଜିଛି, ଯେଉଁଥିପାଇଁ ଦେଶରେ ଗ୍ରୀନ୍ ଜବ୍ ସଂଖ୍ୟା ବଢ଼ିବାରେ ଲାଗିଛି। ଏକ ରିପୋର୍ଟ ମୁତାବକ, ପୂର୍ବ ୫ ବର୍ଷ ମଧ୍ୟରେ ଆମ ଦେଶରେ ଏହି କ୍ଷେତ୍ରରେ ନିଯୁକ୍ତି ସଂଖ୍ୟା ପ୍ରାୟ ୧୦ ଗୁଣ ବୃଦ୍ଧି ପାଇଛି। ଏଥିରେ ନିମ୍ନସ୍ତରରୁ ଆରମ୍ଭ କରି ଇକୋଫ୍ରେଣ୍ଡ୍‌ଲୀ ହୋମ୍ ପାଇଁ ଆର୍କିଟେକ୍, ରିସାଇକ୍ଲିଂ ପ୍ଲାଣ୍ଟ ଟେକ୍ନିସିଆନ୍, ଇ-ଭେଇକିଲ୍ ନିର୍ମାଣ କରୁଥିବା ମେକାନିକ୍, ଇଞ୍ଜିନିୟର, ଏୟାର କ୍ୱାଲିଟି ରିସର୍ଚ୍ଚ ଆନାଲିଷ୍ଟ, ଏନ୍‌ଭାଇରନ୍‌ମେଣ୍ଟାଲ୍ ଇମ୍ପାକ୍ଟ ସ୍ପେଶାଲିଷ୍ଟ, ସଷ୍ଟେନେବିଲିଟି ମ୍ୟାନେଜର, ସୋଲାର ପ୍ୟାନେଲ୍ ଇନ୍‌ଷ୍ଟଲର, ଏନର୍ଜି ଅଡିଟର୍, ପାଣିପାଗ ବିଶେଷଜ୍ଞ (ମେଟେରୋଲୋଜିଷ୍ଟ), ପରିବେଶ ବିଜ୍ଞାନୀ (ଏନ୍‌ଭାଇରନ୍‌ମେଣ୍ଟ ସାଇଣ୍ଟିଷ୍ଟ) ହେବା ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ନିଯୁକ୍ତି ସୁଯୋଗ ରହିଛି। ଏନ୍‌ଏଲ୍‌ବି ସର୍ଭିସେସ୍ ଦ୍ୱାରା ହୋଇଥିବା ଏକ ସର୍ଭେ ରିପୋର୍ଟ ମୁତାବକ ୨୦୨୭-୨୮ ସୁଦ୍ଧା ଦେଶରେ ପ୍ରାୟ ୭୦ ଲକ୍ଷ ୨୯ ହଜାର ଆଶାୟୀ ପ୍ରାର୍ଥୀଙ୍କୁ ଗ୍ରୀନ୍ ସେକ୍ଟରରେ ନିଯୁକ୍ତି ସୁଯୋଗ ମିଳିପାରିବ। ୨୦୪୭ ସୁଦ୍ଧା ଗ୍ରୀନ୍ ସେକ୍ଟରରେ ନିଯୁକ୍ତି ସଂଖ୍ୟା ୩୫୦ ଲକ୍ଷରେ ପହଞ୍ଚିବ ବୋଲି ଆଶା କରାଯାଉଛି।



**କେଉଁସବୁ କ୍ଷେତ୍ରରେ ରହିଛି ସୁଯୋଗ:** ରିନ୍ୟୁଏବଲ୍ ଏନର୍ଜି ବା ନବୀକରଣଯୋଗ୍ୟ ଶକ୍ତି, ସଷ୍ଟେନେବିଲିଟି ଇନ୍‌ଫ୍ରାଷ୍ଟ୍ରକ୍ଚର, କଞ୍ଜରଭେଶନ୍, କ୍ଲିନ୍ ଏନର୍ଜି, ୱେଷ୍ଟ ମ୍ୟାନେଜ୍‌ମେଣ୍ଟ, ରିସାଇକ୍ଲିଂ, ଅର୍ବାନ୍ ଫାର୍ମିଂ, ଗ୍ରୀନ୍ ଟ୍ରାନ୍ସପୋର୍ଟ (ପେଟ୍ରୋଲ୍, ଡିଜେଲ୍ ଆଦି ବଦଳରେ ଇ-ଯାନ), ଅକ୍ଷୟ ଊର୍ଜା, ଇ-ଯାନ ନିର୍ମାଣ କ୍ଷେତ୍ର, ସଷ୍ଟେନେବଲ୍ ଟେକ୍ସଟାଇଲ, ଗ୍ରୀନ୍ କନ୍‌ଷ୍ଟ୍ରକ୍ସନ, ସଷ୍ଟେନେବଲ୍ ଏଗ୍ରିକଲ୍‌ଚର, ଏଗ୍ରୋଫରେଷ୍ଟ୍ରି, ଏନ୍‌ଭାଇରନ୍‌ମେଣ୍ଟ ଏଜୁକେଶନ୍, ରିସର୍ଚ୍ଚ ଆଦି ଭଳି ପରିବେଶ ସମ୍ବନ୍ଧିତ ବିଭିନ୍ନ ଦିଗରେ (ଗ୍ରୀନ୍ ସେକ୍ଟର) ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ରହିଛି। ଏହା ବ୍ୟତୀତ କାର୍ବନ ଫୁଟ୍‌ପ୍ରିଣ୍ଟ କମ୍ କରିବା ଲାଗି ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସୋଲାର ମିଶନ, ଏନର୍ଜି କଞ୍ଜରଭେଶନ୍ ବିଲ୍ଡିଂ କୋଡ୍, ନ୍ୟାଶନାଲ୍ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ, ସ୍ୱଚ୍ଛ ଭାରତ ମିଶନ ଭଳି ଯୋଜନା ପକ୍ଷରୁ ମଧ୍ୟ ଗ୍ରୀନ୍ ଜବ୍ ପ୍ରଦାନ କରାଯାଉଛି।

**ଯୋଗ୍ୟତା:** ବିଭିନ୍ନ ପ୍ରକାରର ଗ୍ରୀନ୍ ଜବ୍ ପାଇଁ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଭିନ୍ନ ହୋଇଥାଏ। ଯେପରିକି ପରିବେଶ ସମ୍ବନ୍ଧିତ କ୍ଷେତ୍ରରେ ଜବ୍ ପାଇଁ ଯୁକ୍ତ ୨ ପଢ଼ାପରେ ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସରେ ଗ୍ରାଜୁଏଶନ୍, ଇଞ୍ଜିନିୟରିଂ ଡିଗ୍ରୀ ଆବଶ୍ୟକ।

**କେଉଁଠି କରିବେ କୋର୍ସ:** ତେବେ ପରିବେଶ ସୁରକ୍ଷା ସହିତ ଭଲ ରୋଜଗାର କରିବା ଲାଗି ଗ୍ରୀନ୍ ଜବ୍ କରିବାକୁ ଚାହୁଁଥିଲେ କେତେକ କୋର୍ସ କରିପାରିବେ। ଆମ ଦେଶରେ ଅନେକ ଶିକ୍ଷା ସଂସ୍ଥାନରେ ପରିବେଶ ବିଜ୍ଞାନ ବା ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସ ସମ୍ବନ୍ଧିତ ବିଭିନ୍ନ କୋର୍ସ ଉପଲବ୍ଧ। ସେଥିମଧ୍ୟରୁ କେତୋଟି ପ୍ରମୁଖ ସଂସ୍ଥାନ ହେଉଛି...

- ଆଇଆଇଟି- ଦିଲ୍ଲୀ, ଖଡ଼ଗପୁର, ରୁର୍କି, ବମ୍ବେ, ମାଡ୍ରାସ୍
- ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ବେଙ୍ଗାଲୁରୁ
- ଜବାହାରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ), ଦିଲ୍ଲୀ
- ଦିଲ୍ଲୀ ୟୁନିଭର୍ସିଟି
- ବନାରସ୍ ହିନ୍ଦୁ ୟୁନିଭର୍ସିଟି
- ସେଣ୍ଟ୍ରାଲ୍ ୟୁନିଭର୍ସିଟି
- ପଞ୍ଜାବ ୟୁନିଭର୍ସିଟି, ପଟିଆଲା
- ମଣିପୁର ୟୁନିଭର୍ସିଟି, ଇମ୍ଫାଲ୍
- ଆନ୍ଧ୍ର ୟୁନିଭର୍ସିଟି, ବିଶାଖାପାଟଣା
- କୋଚିନ୍ ୟୁନିଭର୍ସିଟି, କୋଚି
- ଦେବୀ ଅହଲ୍ୟା ୟୁନିଭର୍ସିଟି, ଇନ୍ଦୋର
- ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ, ପୁଣେ

**ଆମ ରାଜ୍ୟରେ ମଧ୍ୟ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ମଧ୍ୟ ଏ ସମ୍ବନ୍ଧୀୟ ବିଭିନ୍ନ କୋର୍ସ ଉପଲବ୍ଧ। ସେଗୁଡ଼ିକ ମଧ୍ୟରୁ କେତୋଟି ପ୍ରମୁଖ ସଂସ୍ଥା ହେଉଛି-**

- ଉତ୍କଳ ୟୁନିଭର୍ସିଟି, ଭୁବନେଶ୍ୱରରେ ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସରେ ଏମ୍‌ଏସ୍‌ସି
- ଏକ୍ସଆଇଏମ୍ ୟୁନିଭର୍ସିଟିର ସ୍କୁଲ୍ ଅଫ୍ ସଷ୍ଟେନେବିଲିଟିରେ ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସରେ ବିଏସ୍‌ସି
- ଶ୍ରୀଶ୍ରୀ ୟୁନିଭର୍ସିଟିରେ ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସରେ ଉଭୟ ବିଏସ୍‌ସି ଏବଂ ଏମ୍‌ଏସ୍‌ସି
- ସମ୍ବଲପୁର ୟୁନିଭର୍ସିଟି
- ଫକୀର ମୋହନ ୟୁନିଭର୍ସିଟି
- ଏନ୍‌ଆଇଟି, ରାଉରକେଲା
- ଆଇଆଇଟି, ଭୁବନେଶ୍ୱର
- ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି), ଭୁବନେଶ୍ୱର
- କିଟ୍ ୟୁନିଭର୍ସିଟି





## ୟୁଥ୍ ଆଲର୍ଟ

# ପଢ଼ାରେ ମନ ଲାଗୁ ନ ଥିଲେ...


**ପାଠ ପଢ଼ିବା ବେଳେ କେବେକେବେ ବିଭିନ୍ନ କାରଣରୁ ପାଠପଢ଼ାରୁ ଧ୍ୟାନ ଦୂରେଇ ଯାଇଥାଏ ଅବା ପଢ଼ାରେ ମନ ଲାଗି ନ ଥାଏ। ଏମିତିରେ ପଢ଼ାରେ ମନ ଲାଗିବା ପାଇଁ କେତୋଟି ଟିପ୍ସ ଛାତ୍ରୀଛାତ୍ରଙ୍କ ପାଇଁ ଉପକାରୀ ହୋଇପାରେ...**



❖ ଏକାସଙ୍ଗେ ଅଧିକ ପାଠ ପଢ଼ିବା ଲାଗି ଅନେକ ଛାତ୍ରୀଛାତ୍ର ୮-୧୦ ଘଣ୍ଟା ଧରି ଗୋଟିଏ ସ୍ଥାନରେ ବସି ପଢ଼ିଥାନ୍ତି। ହେଲେ ଏହାଦ୍ୱାରା ପଢ଼ାରେ ମନ ଲାଗି ନ ଥାଏ। ତେଣୁ ପଢ଼ା ପାଇଁ ମାଇକ୍ରୋ ଷ୍ଟଡି ସେସନ୍ ପ୍ରସ୍ତୁତ କରନ୍ତୁ। ପ୍ରତ୍ୟେକ ବିଷୟ ଲାଗି ୧-୨ ଘଣ୍ଟା ସମୟ ନିଅନ୍ତୁ ଏବଂ ମଝିରେ ଛୋଟ ବ୍ରେକ୍ ନେଇ ପୁନର୍ବାର ପଢ଼ି ବସନ୍ତୁ। ବ୍ରେକ୍‌ରେ ନିଜର କୌଣସି ପ୍ରିୟ କାର୍ଯ୍ୟ କରିପାରିବେ, ଯାହାକି ମାଇଣ୍ଡକୁ ରିଲାକ୍ସ କରିଥାଏ ଏବଂ ଉର୍ଜାବାନ୍ କରିଥାଏ।

❖ ଟିଭି, କମ୍ପ୍ୟୁଟର୍, ମୋବାଇଲ୍ ଫୋନ୍ ଆଦି ଯେଉଁ ଇ-ଗ୍ୟାଜେଟ୍ ପଢ଼ିବା ସମୟରେ ଧ୍ୟାନ ଆକର୍ଷିତ କରୁଛି, ତାହାଠୁ ଦୂରେଇ ରୁହନ୍ତୁ। ପଢ଼ା ପରେ ମଧ୍ୟ ଏହାର ବ୍ୟବହାର ସମୟ କମ୍ ରଖନ୍ତୁ।

❖ ଅନେକଙ୍କୁ ରାତିରେ ଅଧିକ ସମୟ ବସି ପଢୁଥିବାର ଦେଖିବାକୁ ମିଳିଥାଏ। ହେଲେ ଏହାଦ୍ୱାରା ମସ୍ତିଷ୍କକୁ ରେଷ୍ଟ ମିଳି ନ ଥାଏ। ଫଳରେ ଦିନରେ ମୁଣ୍ଡ ବୁଲାଇବା, ଚିଡ଼ିଚିଡ଼ା ଲାଗିବା, ପାଠ ମନେ ନ ରହିବା ଭଳି ସମସ୍ୟା ଦେଖାଦେଇଥାଏ ଏବଂ ପଢ଼ାରେ ଆଦୌ ମନ ଲାଗି ନ ଥାଏ। ତେଣୁ ସ୍ମରଣଶକ୍ତି ଏବଂ ଏକାଗ୍ରତା ବଢ଼ାଇବା ଲାଗି ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଆବଶ୍ୟକ। ସେହିପରି ଦିନରେ ମଧ୍ୟ ଦୀର୍ଘ ସମୟ ପଢ଼ିବସିଲେ ଅନେକଙ୍କୁ ନିଦ ଆସିଥାଏ। ଏମିତିରେ ଜବରଦସ୍ତି ପଢ଼ିବା ଅପେକ୍ଷା କିଛି ସମୟ ଶୋଇବା ଭଲ। ଏହାଦ୍ୱାରା ମସ୍ତିଷ୍କକୁ ରେଷ୍ଟ ମିଳିଥାଏ ଏବଂ ପରବର୍ତ୍ତୀ ସମୟରେ ପଢ଼ିବାରେ ମନ ଲାଗିଥାଏ।



❖ ସବୁବେଳେ କେବଳ ପଢ଼ିଲେ ମନ ଲାଗି ନ ଥାଏ। ତେଣୁ ପଢ଼ା ସହ ଲେଖିଲେ ପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହୋଇଥାଏ ଏବଂ ଲେଖିବାର ସ୍ପିଡ୍ ମଧ୍ୟ ବଢ଼ିଥାଏ, ଯାହାକି ପରୀକ୍ଷାରେ ଭଲ ନମ୍ବର ଆଣିବାରେ ସାହାଯ୍ୟ କରିଥାଏ।

❖ ପଢ଼ାରେ ମନ ନ ଲାଗିବାର ଆଉ ଏକ କାରଣ ହେଉଛି ଦୀର୍ଘ ସମୟ ବସି ପଢ଼ିବା ଦ୍ୱାରା ଶାରୀରିକ ପରିଶ୍ରମ ଆଦୌ ହୋଇ ନ ଥାଏ, ଯଦ୍ୱାରା ମସ୍ତିଷ୍କକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ମିଳି ପାରି ନ ଥାଏ। ତେଣୁ ପ୍ରତିଦିନ କିଛି ସମୟ ଏକ୍ସରସାଇଜ୍ କଲେ ମସ୍ତିଷ୍କକୁ ରକ୍ତପ୍ରବାହ ଠିକ୍ ଭାବେ ହୋଇଥାଏ। ଏହାର କାର୍ଯ୍ୟକ୍ଷମତା, ସ୍ମରଣଶକ୍ତି ବୃଦ୍ଧି ପାଇଥାଏ। ଏହାବ୍ୟତୀତ ପଢ଼ାରେ ମନ ଲାଗିବା ପାଇଁ ମଝିରେ ମଝିରେ ମେଡିଟେଶନ୍ ବା ଧ୍ୟାନ କଲେ ଭଲ। ଫଳରେ ଏକାଗ୍ରତା ବୃଦ୍ଧି ହୋଇଥାଏ ଏବଂ ପାଠ ସହଜରେ ମନେରହିଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧- ନିଙ୍ଗୋଲ ଜକୌବା ଫେଷ୍ଟିଭାଲ୍ .......... ରାଜ୍ୟରେ ପାଳନ କରାଯାଏ ?
୨- ଏଟ୍‌ନା ପର୍ବତ .......... ଦେଶରେ ଅବସ୍ଥିତ ?
୩- ବିଲାଷ୍ଟିକ୍ ମିଜାଇଲ୍ ହ୍ୟୁନ୍‌ମୁ-୫ ............. ଦେଶ ନିର୍ମାଣ କରିଛି ?
୪- ନ୍ୟାଶନାଲ ୟୁନିଟି ଡେ' ............. ତାରିଖରେ ପାଳନ କରାଯାଏ ?
୫- ଓଲୋ ଜନଜାତି ମୁଖ୍ୟତଃ ........... ରାଜ୍ୟରେ ଦେଖିବାକୁ ମିଳନ୍ତି ?

## ଗତ ଥରର ଉତ୍ତର

୧ କେରଳ
୨ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍
୩ ସ୍ପେନ୍
୪ ଅରୁଣାଚଳ ପ୍ରଦେଶ
୫ ଫ୍ରାନ୍ସ

## ଉତ୍ତରଦାତା



ସ୍ମିତା ନାୟକ
ଗଞ୍ଜାମ



ଶୁଭମ୍ ଶାଶ୍ୱତ ବିଶ୍ୱାଳ
କାକଟପୁର



ଛବିଲାଲ୍ ଭାଟି,
କଳାହାଣ୍ଡି

## ଟପ୍ ଟେନ୍ ୧୦

**ସର୍ବାଧିକ ବ୍ୟବହୃତ ମୋବାଇଲ୍ ବ୍ରାଣ୍ଡ-୨୦୨୫**



୧ ........ ଆପଲ୍
୨ ........ ଶାମ୍‌ସଙ୍ଗ୍
୩ ........ ଜିଆଓମି
୪ ........ ଓପୋ
୫ ........ ଭିଭୋ
୬ ........ ଗୁଗୁଲ୍
୭ ........ ରିଏଲ୍‌ମି
୮ ........ ମୋଟୋରୋଲା
୯ ........ ୱାନ୍ ପ୍ଲସ୍
୧୦ ........ ହୁଆୱି

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ-ମେଲ୍ ଠିକଣା: dharitriagamiasha@gmail.com

## ଜାଣନ୍ତୁ ଦୁନିଆ

# ବର୍ଷରେ ଥରେ ଖୋଲେ ଏହି ଶିବ ମନ୍ଦିରର କବାଟ

**ଆମ ଦେଶରେ ଲକ୍ଷ ଲକ୍ଷ ସଂଖ୍ୟାରେ ଶିବ ମନ୍ଦିର ରହିଛି, ଯେଉଁଠି ପ୍ରତିଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ। ହେଲେ ଆମ ଦେଶରେ ଏମିତି ଏକ ରହସ୍ୟମୟ ଶିବ ମନ୍ଦିର ରହିଛି, ଯେଉଁଠି ବର୍ଷରେ ମାତ୍ର ଗୋଟିଏ ଦିନ ଅର୍ଥାତ୍ ମହାଶିବରାତ୍ରିରେ ମନ୍ଦିରର ଦ୍ୱାର ଖୋଲିଥାଏ। ଜାଣନ୍ତୁ ଏହି ମନ୍ଦିର ସମ୍ପର୍କରେ କିଛି ରୋଚକ ତଥ୍ୟ...**

➔ ଜୟପୁରରେ ମୋତିଡୁଙ୍ଗରୀ ଶଙ୍କରଗଡ଼ ପାହାଡ଼ରେ ଥିବା ଏକଲିଙ୍ଗେଶ୍ୱର ମହାଦେବ ମନ୍ଦିରର ଦ୍ୱାର ବର୍ଷରେମାତ୍ର ଥରେ ଶିବରାତ୍ରି ଦିନ ଖୋଲାଯାଇଥାଏ।

➔ ଏଠାରେ ଥିବା ପୂଜାରୀଙ୍କ କହିବା ଅନୁଯାୟୀ, ଜୟପୁର ସହର ସ୍ଥାପନାର ବହୁ ପୂର୍ବରୁ ଏହି ମନ୍ଦିର ସ୍ଥାପନା କରାଯାଇଛି। ଏହା ଜୟପୁର ରାଜ ପରିବାରର ନିଜସ୍ୱ ମନ୍ଦିର ଏବଂ ଏଠାକୁ ମହାରାଜା ଏବଂ ମହାରାଣୀମାନେ ପୂଜାର୍ଚ୍ଚନା କରିବାକୁ ଆସିଥା'ନ୍ତି। ବିଶେଷକରି ଶ୍ରାବଣ ମାସରେ ଏବଂ ପାରିବାରିକ ବଡ଼ କାର୍ଯ୍ୟକ୍ରମରେ ରାଜପରିବାର ଏଠାକୁ ପୂଜା କରିବାକୁ ଆସନ୍ତି। ତେବେ ସର୍ବସାଧାରଣଙ୍କ ପାଇଁ ଏଠାରେ ପ୍ରଭୁଙ୍କୁ ଦର୍ଶନ କରିବାକୁ ହେଲେ ବର୍ଷରେ ଗୋଟିଏ ଦିନ ଅର୍ଥାତ୍ ମହାଶିବରାତ୍ରିକୁ ହିଁ ଅପେକ୍ଷା କରିବାକୁ ପଡ଼ିଥାଏ।

➔ ଏକଲିଙ୍ଗେଶ୍ୱର ମନ୍ଦିରରେ ପୂର୍ବରୁ ମହାଦେବଙ୍କ ସହିତ ମାତା ପାର୍ବତୀ ଏବଂ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ସ୍ଥାପନା କରାଯାଇଥିଲା। ହେଲେ ଆଶ୍ଚର୍ଯ୍ୟର କଥା, ଏହି ମୂର୍ତ୍ତି ଆପେ ଆପେ ସେଠାରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ତେଣୁ କିଛି ବର୍ଷ ପରେ ପୁନର୍ବାର ସ୍ଥାପନା କରାଗଲା ଏବଂ ରହସ୍ୟମୟ ଭାବେ ତାହା ମଧ୍ୟ ବିଲୁପ୍ତ ହୋଇଗଲା। ଏହି ଘଟଣା ପରଠାରୁ କେହି ସେଠାରେ ମହାଦେବଙ୍କ ବ୍ୟତୀତ ଅନ୍ୟ କୌଣସି ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରିବାର ସାହସ କରିନାହାନ୍ତି।

➔ ମହାଶିବରାତ୍ରିରେ ଶ୍ରଦ୍ଧାଳୁମାନଙ୍କ ମହାଦେବଙ୍କୁ ଦର୍ଶନ ପାଇଁ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ପାହାଡ଼ ଚଢ଼ିବା ସହ ଘଣ୍ଟା ଘଣ୍ଟା ଲମ୍ବାଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥାଏ।





ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ଜିତିବା ପରେ ଟ୍ରଫି ସହ ଭାରତୀୟ କ୍ରିକେଟ ଦଳ।

# ସିରିଜ୍ ଜିତିଲା ଭାରତ

## ବର୍ଷାରେ ଧୋଇଗଲା ପଞ୍ଚମ ଟି୨୦

ବ୍ରିସ୍‌ବେନ୍, ୮।୧୧(ପି.ଟି.)

ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ଟି୨୦ ମ୍ୟାଚ୍ ବର୍ଷାରେ ଧୋଇଯାଇଛି। ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ କେବଳ ୪.୫ ଓଭର ଖେଳ ସମ୍ଭବ ହୋଇପାରିଥିଲା। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୪.୫ ଓଭରରେ ବିନା ଉଇକେଟରେ ୫୨ ରନ୍ କରିଥିଲା। ଅଭିଷେକ ଶର୍ମା ୧୩ ବଲ୍‌ରେ ୨୩ (୧ ଲେଖାଏ ଚୌକା ଓ ଛକା) ଓ ଶୁବମନ ଗିଲ୍ ୧୬ ବଲ୍‌ରେ ୨୯(୬ ଚୌକା) ରନ୍ କରି ଅପରାଜିତ ରହିଥିଲେ। ଲଗାଣ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ଏହି ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌କୁ ଭ୍ରମଣକାରୀ ଭାରତୀୟ ଦଳ ୨-୧ରେ ଜିତିନେଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁ ବାତିଲ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତିଥିବା ବେଳେ ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ସିରିଜ୍‌ରେ ସର୍ବାଧିକ ରନ୍ କରିଥିବା ଅଭିଷେକ ଶର୍ମାଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଏହି ସିରିଜ୍ ବିଜୟ ସହ ଭାରତର ଅଷ୍ଟ୍ରେଲିଆ ଟୁର୍ ଶେଷ ହୋଇଛି। ଏଥିଯୋଗୁ ଅଷ୍ଟ୍ରେଲିଆ ମାଟିରେ ଭାରତୀୟ ଦଳର ଟି୨୦ ସିରିଜ୍ ଜିତିବା ଧାରା ଲାଗି ରହିଛି। ସେହିଭଳି ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳର ଟି୨୦ ସିରିଜ୍ ଜିତିବା ଧାରା ଜାରି ରହିଛି।

# ଧ୍ରୁବ ଶୋରେଙ୍କ ଶତକ, ବିଦର୍ଭ ୨୩୪/୫

## ରଣ୍‌ଜୀ ଟ୍ରଫି

ଭୁବନେଶ୍ୱର, ୮।୧୧(ଅନାଦି କର)

ନାଗପୁରସ୍ଥିତ ବିଦର୍ଭ କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମରେ ଶନିବାରଠାରୁ ଓଡ଼ିଶା ଓ ବିଦର୍ଭ ମଧ୍ୟରେ ରଣ୍‌ଜୀ ଟ୍ରଫିର ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଛି। ଗତ ମ୍ୟାଚ୍‌ରେ ଇନିଂସ୍ ପରାଜୟ ବରଣ କରିଥିବା ଓଡ଼ିଶା ଦଳ ଦୁଇ ପରିବର୍ତ୍ତନ ସହ ମ୍ୟାଚ୍‌କୁ ଓହ୍ଲାଇଥିଲା। ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଅଧିନାୟକ ଶୁଭ୍ରାଂଶୁ ସେନାପତି। ତାଙ୍କ ନିଷ୍ପତ୍ତି ଠିକ୍ ସାବ୍ୟସ୍ତ ହୋଇଥିଲା। ଘରୋଇ ଦଳର ଦୁଇ ଓପ୍‌ନର ଅର୍ଥଭ ତାଇଡେ(୧) ଓ ଅମନ ମୋଖାଡେ(୦)ଙ୍କୁ ଖୁବ ଶସ୍ତାରେ ଆଉଟ୍ କରି ପାଭିଲିଅନ ବାଟ ଦେଖାଇଥିଲେ ଓଡ଼ିଆ ପେସର ରାଜେଶ ମହାନ୍ତି। ଦଶମ ଓଭରରେ ପାର୍ଥ ରେଖଡେ(୨)ଙ୍କୁ ତାପସ ଦାସ କ୍ଲିନ୍‌ବୋଲ୍ଡ କରିଦେଇଥିଲେ। ଫଳରେ ବିଦର୍ଭ ମାତ୍ର ୬ ରନ୍ ମଧ୍ୟରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ଧ୍ରୁବ ଶୋରେ ଓ ରବିକୁମାର ସମର୍ଥ ଚତୁର୍ଥ ଉଇକେଟରେ ୧୪୧ ରନ୍ ଯୋଡ଼ିଥିଲେ। ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବା ରବିକୁମାର ୪୯ ରନ୍ କରି ଜମଳା ମହାପାତ୍ରଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାପରେ ଧ୍ରୁବଙ୍କ ସହ ୟଶ୍ ରାଠୋଡ୍ ପଞ୍ଚମ ଉଇକେଟ ପାଇଁ ୮୩ ରନ୍ କରିଥିଲେ। ରାଠୋଡ୍ ୩୮ ରନ୍ କରି ଆଉଟ୍ ହୋଇଥିବା ବେଳେ ଧ୍ରୁବ ଶତକ ପୂରଣ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ୧୨୮(୧୦ ଚୌକା ଓ ୧ ଛକା) ଓ ଅଧିନାୟକ ଅକ୍ଷୟ ୱାଡକର ବିନା ରନ୍‌ରେ ଅପରାଜିତ ଅଛନ୍ତି। ଓଡ଼ିଶା ପାଇଁ ରାଜେଶ ମହାନ୍ତି ୨ ଉଇକେଟ ନେଇଥିବା ବେଳେ ତାପସ ଦାସ ଓ ଜମଳା ମହାପାତ୍ର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ବିଦର୍ଭ ପ୍ରଥମ ଇନିଂସ:** ୨୩୪/୫


ଧ୍ରୁବ ଶୋରେ

(ଧ୍ରୁବ ଶୋରେ-୧୨୮*, ରବିକୁମାର ସମର୍ଥ-୪୯, ୟଶ୍ ରାଠୋଡ-୩୮, ରାଜେଶ ମହାନ୍ତି-୨/୩୪, ତାପସ ଦାସ-୧/୨୯)।

# ରିଚା ଘୋଷ୍‌ଙ୍କୁ ବଙ୍ଗ ଭୂଷଣ, ଡିଏସ୍‌ପି ପଦବୀ

କୋଲ୍‌କାତା, ୮।୧୧(ପି.ଟି.)

ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା ଦଳର ଉଇକେଟ୍‌କିପର ବ୍ୟାଟର ରିଚା ଘୋଷ୍‌ଙ୍କୁ ଶନିବାର ଇଡେନ୍ ଗାର୍ଡେନ୍ସଠାରେ ଆୟୋଜିତ ଏକ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ରାଜ୍ୟର ସବୁଠୁ ବଡ଼ ସମ୍ମାନ ବଙ୍ଗ ଭୂଷଣ ପୁରସ୍କାର ଦିଆଯିବା ସହ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ଭାବେ ନିଯୁକ୍ତ କରାଯାଇଛି। ଏଥିସହ ତାଙ୍କୁ ଏକ ସୁନାହାର ମଧ୍ୟ ଦିଆଯାଇଛି। ଏହି ସମାରୋହର ଆୟୋଜନ କରିଥିବା କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ(ସିଏବି) ପକ୍ଷରୁ ରିଚାଙ୍କୁ ୩୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ରିଚା ପଶ୍ଚିମବଙ୍ଗର ପ୍ରଥମ ଖେଳାଳି ଭାବେ ବିଶ୍ୱକପ୍ ଜିତିଛନ୍ତି। ତାଙ୍କ ପୂର୍ବରୁ ସୌରଭ ଗାଙ୍ଗୁଲି ୨୦୦୩ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲେ।

# ୫୦ ମିଟର ପିସ୍ତଲ‌ରେ ରବିନ୍ଦର ସିଂଙ୍କୁ ସ୍ୱର୍ଣ୍ଣ



କାଇରୋ, ୮।୧୧(ପି.ଟି.)

ଭେଟେରାନ୍ ଆର୍ମି ମାର୍କସ୍‌ମ୍ୟାନ୍ ରବିନ୍ଦର ସିଂ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ୱାର୍ଲ୍ଡ ଚାମ୍ପିୟନଶିପ୍(ପିସ୍ତଲ/ରାଇଫଲ) ୫୦ ମିଟର ଫ୍ରି ପିସ୍ତଲ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଏବଂ ଟିମ୍ ଇଭେଣ୍ଟରେ ରୌପ୍ୟ ଜିତିଛନ୍ତି। ଭାରତୀୟ ସେନାରେ ହାବିଲଦାର ଭାବେ କାର୍ଯ୍ୟରତ ୨୯ ବର୍ଷୀୟଙ୍କର ଏପର୍ଯ୍ୟନ୍ତ ଏହା ସବୁଠାରୁ ବଡ଼ ସଫଳତା। ରବିନ୍ଦର ହେଉଛନ୍ତି ଜମ୍ମୁ-କଶ୍ମୀରର ବିଶ୍‌ନାହ ସହର ବାସିନ୍ଦା। ପୂର୍ବରୁ ବାକୁଠାରେ ଅନୁଷ୍ଠିତ ୨୦୨୩ ବିଶ୍ୱ ସଂସ୍କରଣରେ ଏକ ବ୍ୟକ୍ତିଗତ ବ୍ରୋଞ୍ଜ୍ ଜିତିଥିଲେ। ରବିନ୍ଦର ୨୦୧୯ ପରଠାରୁ ଭାରତୀୟ ଦଳରେ ନ ଥିଲେ। ଏଠାରେ ସେ ଅଣଅଲିମ୍ପିକ୍ ଇଭେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ୫୬୯ ଶଟ୍ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦକ୍ଷିଣ କୋରିଆର କିମ୍ ଚେଅନ୍‌ଗ୍ୟାଙ୍ଗ(୫୫୬) ରୌପ୍ୟ ଜିତିଥିବା ବେଳେ ଇଣ୍ଡିଭିଜୁଆଲ ନ୍ୟୁଟ୍ରାଲ ଆଥଲେଟ୍(ଏଆଇଏନ୍) ଆଣ୍ଟନ ଆରିସ୍ତାରଖୋଭ୍ (୫୫୬) ବ୍ରୋଞ୍ଜ୍ ପାଇଥିଲେ। ଟିମ୍ ଇଭେଣ୍ଟରେ ରଣଭିର (୫୬୯), କମଲଜିତ୍ (୫୪୦) ଏବଂ ଯୋଗେଶ କୁମାର (୫୩୭)ଙ୍କୁ ନେଇ ଭାରତୀୟ ଦଳ ମୋଟ ୧୬୪୬ ଶଟ୍ ସହ ରୌପ୍ୟ ପଦକ ଲାଭ କରିଥିବା ବେଳେ କୋରିଆ (୧୬୪୮) ଓ ୟୁକ୍ରେନ୍(୧୬୪୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।

## ଏଲାଭେନିଲଙ୍କୁ ବ୍ରୋଞ୍ଜ୍ ପଦକ

ଦୁଇଥର ଅଲିମ୍ପିଆନ୍ ଏଲାଭେନିଲ ଭାଲାରିଭାନ୍ ମହିଳା ୧୦ ମିଟର ପିସ୍ତଲ ଇଭେଣ୍ଟରେ ଏକ ବ୍ରୋଞ୍ଜ୍ ପଦକ ପାଇଛନ୍ତି। ଫାଇନାଲରେ ସେ ୨୩୨.୦ ସ୍କୋର ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦକ୍ଷିଣ କୋରିଆର ବାନ୍ ହ୍ୟୋଜିନ୍ ୨୫୫.୦ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିଥିବା ବେଳେ ଚାଇନାର ୱାଙ୍ଗ ଜିଫି(୨୫୪.୦) ରୌପ୍ୟ ହାସଲ କରିଥିଲେ।

# ଏସିଆ କପ୍ ଟ୍ରଫି ବିବାଦ ଶୀଘ୍ର ଅନ୍ତ ଘଟିବ

ନୂଆଦିଲ୍ଲୀ, ୮।୧୧(ପି.ଟି.)

ଏସିଆ କପ୍ ଟ୍ରଫିକୁ ନେଇ ଲାଗିରହିଥିବା ବିବାଦର ଖୁବ୍‌ଶୀଘ୍ର ଅନ୍ତ ଘଟିବାକୁ ଯାଉଛି। କେତେଜଣ ଆଇସିସି ଅଧିକାରୀଙ୍କ ହସ୍ତକ୍ଷେପ ପରେ ଉଭୟ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି) ଆଗାମୀ ଦିନରେ ସମାଧାନ ଦିଗରେ କାମ କରିବାକୁ ରାଜି ହୋଇଛନ୍ତି। ଦୁବାଇରେ ଚାଲିଥିବା ଆଇସିସି ମିଟିଂ ଅବସରରେ ପିସିବି ଚେୟାରମ୍ୟାନ ମହସିନ ନକ୍‌ଭିଙ୍କ ସହ ବୈଠକ ପରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହା କହିଛନ୍ତି।

ମୁଁ ଆଇସିସିର ଉଭୟ ଔପଚାରିକ ଓ ଅଣଔପଚାରିକ ବୈଠକରେ ଉପସ୍ଥିତ ଥିଲି। ପିସିବି ମୁଖ୍ୟ ମହସିନ ନକ୍‌ଭି ମଧ୍ୟ ଉପସ୍ଥିତ ଥିଲେ। ଔପଚାରିକ ବୈଠକ ବେଳେ ଏଜେଣ୍ଡାରେ ନଥାଇ ସୁଦ୍ଧା ଆଇସିସି ପକ୍ଷରୁ ମୋର ଓ ପିସିବି ମୁଖ୍ୟଙ୍କ ମଧ୍ୟରେ ଆଇସିସିର ସିନିୟର ପଦାଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇଥିଲା। ବୁଝାମଣା କରିବା ପାଇଁ ଏହା ଏକ ଭଲ ପ୍ରକ୍ରିୟା ଥିଲା। ଉଭୟ ପକ୍ଷ ଆନ୍ତରିକ ସହ ବୈଠକରେ ଭାଗ ନେଇଥିଲେ। ଆଗାମୀ ଦିନରେ ଯଦି ସବୁକିଛି ଠିକ୍ ରୁହେ, ତେବେ ଏସିଆ କପ୍ ଟ୍ରଫିକୁ ନେଇ ଲାଗି ରହିଥିବା ବିବାଦ ଖୁବ୍‌ଶୀଘ୍ର ସମାଧାନ ହୋଇଯିବ। ଉଭୟ ବୋର୍ଡ ସମାଧାନ ଦିଗରେ କାର୍ଯ୍ୟ କରିବେ। କେଉଁଭଳି ସମାଧାନ ହୋଇପାରିବ, ତା' ଉପରେ ସେମାନେ ଓ ଆମେ ବିକଳ୍ପ ଦେବୁ। ଯଦିଓ ଆଇସିସିର ଜଣେ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ, କିନ୍ତୁ ବୁଝାମଣା ପ୍ରକ୍ରିୟାରେ ବର୍ତ୍ତମାନ ସ୍ଥିତିରେ ସେଭଳି କୌଣସି କମିଟିର ଆବଶ୍ୟକତା ନାହିଁ ବୋଲି ସାଇକିଆ କହିଛନ୍ତି। ସେ କୌଣସି ଆଇସିସି ଅଧିକାରୀଙ୍କ ନାମ ନେବାକୁ ମନା କରିଥିବା ବେଳେ ସୂତ୍ରରୁ ଜଣାପଡ଼ିଛି ଯେ, ଆଇସିସିର ଡେପୁଟି ଚେୟାରମ୍ୟାନ ଇମ୍ରାନ୍ ଖ୍ୱାଜା ଓ ସିଇଓ ସଞ୍ଜୟ ଗୁପ୍ତା ଦୁଇ ବୋର୍ଡ ମଧ୍ୟରେ ଆଲୋଚନା ଆରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଏସିଆ କପ୍ ଟି୨୦ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହେବା ପରେ ଭାରତୀୟ ଦଳ ଏସିଆ କ୍ରିକେଟ୍ କାଉନ୍‌ସିଲ(ଏସିସି) ମୁଖ୍ୟ ଦାୟିତ୍ୱରେ ଥିବା ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ରାଜି ହୋଇ ନ ଥିଲା। ଫଳରେ ନକ୍‌ଭି ଟ୍ରଫି ସହ ଗ୍ରାଉଣ୍ଡରୁ ଚାଲିଯାଇଥିଲେ। ସେବେଠାରୁ ଟ୍ରଫି ଦୁବାଇସ୍ଥିତ ଏସିସି ମୁଖ୍ୟ କାର୍ଯ୍ୟାଳୟରେ ରହିଛି। ହେଲେ ସେଠାକାର କର୍ମଚାରୀଙ୍କୁ ନକ୍‌ଭିଙ୍କ ଅନୁମତି ବିନା ଟ୍ରଫିରେ ହାତ ନ ଲଗାଇବାକୁ କୁହାଯାଇଛି।




## ମହିଳା ବିଶ୍ୱକପ୍ ଆୟୋଜନକୁ ଆଇସିସିର ପ୍ରଶଂସା

ଆଇସିସି ବୋର୍ଡ ଅଫ୍ ଡାଇରେକ୍ଟର୍ସ ଭାରତ ଓ ଶ୍ରୀଲଙ୍କାରେ ମହିଳା ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ବିସିସିଆଇକୁ ଅଭିନନ୍ଦନ ଜଣାଇଛନ୍ତି। ସେମାନେ ଭାରତର ଉଦ୍ୟମକୁ ପ୍ରଶଂସା କରିବା ସହ ଭାରତ ଓ ଦକ୍ଷିଣ ଆଫ୍ରିକାକୁ ସେମାନଙ୍କର ଉନ୍ନତ ପ୍ରଦର୍ଶନ ଲାଗି ଅଭିନନ୍ଦନ ଜଣାଇଥିଲେ। ଲଗାତର ତୃତୀୟ ଆଇସିସି ଫାଇନାଲ ଖେଳିଥିବା ଦକ୍ଷିଣ ଆଫ୍ରିକା ମହିଳା ଦଳର ପ୍ରଶଂସା କରାଯାଇଥିଲା ବୋଲି ସାଇକିଆ କହିଛନ୍ତି।

# ରଥିକା ସିଲାନ ଫାଇନାଲରେ

ନୂଆଦିଲ୍ଲୀ, ୮।୧୧(ପି.ଟି.)

ଭାରତୀୟ ସ୍କାଶ ଖେଳାଳି ରଥିକା ସୁଥାନ୍ଥିରା ସିଲାନ୍ ସିଡ୍‌ନୀଠାରେ ଚାଲିଥିବା ଏନ୍‌ଏସ୍‌ଡବ୍ଲ୍ୟୁ ଓପନ୍ ସ୍କାଶ୍ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ସେମିଫାଇନାଲରେ ସେ ୬ଷ୍ଠ ସିଡ୍ ନ୍ୟୁଜିଲାଣ୍ଡର ଏମା ମର୍ସନ୍‌ଙ୍କ ବିପକ୍ଷରେ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରିଛନ୍ତି। ଏହା ହେଉଛି ତାଙ୍କର ୪ର୍ଥ ପିଏସ୍ଏ ଫାଇନାଲ। ଗତ ସପ୍ତାହରେ ନର୍ଥ କୋଷ୍ଟ ଓପନ୍ ସେମିଫାଇନାଲିଷ୍ଟ ତଥା ଦ୍ୱିତୀୟ ସିଡ୍ ରଥିକା ୩୨ ମିନିଟ୍‌ରେ ଏମାଙ୍କୁ ୧୧-୯, ୧୧-୭, ୧୧-୬ରେ ହରାଇ ଦେଇଛନ୍ତି। ବିଶ୍ୱର ୧୮୦ତମ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ତାମିଲନାଡୁର ଏହି ୨୪ ବର୍ଷୀୟା ଖେଳାଳି ଉକ୍ତ ଚ୍ୟାଲେଞ୍ଜର ଇଭେଣ୍ଟ ଟାଇଟଲ ପାଇଁ ଟପ୍ ସିଡ୍ ତଥା କାନାଡ଼ାର ଇମାନ ଶାହିନଙ୍କୁ ଭେଟିବେ। ଅନ୍ୟପକ୍ଷରେ ସ୍ପ୍ରିଙ୍ଗ୍‌ଫିଲ୍ଡ(ଯୁକ୍ତରାଷ୍ଟ୍ର ଆମେରିକା)ରେ ୫ମ ସିଡ୍ ତଥା ବିଶ୍ୱର ୫୧ନମ୍ବର ମାନ୍ୟତାପ୍ରାପ୍ତ ବୀର୍ ଛୋଟ୍‌ରାନୀ ସେଣ୍ଟ ଜେମ୍ସ ଏକ୍ସପ୍ରେସନ ଓପନ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



# ଭୁବନେଶ୍ୱର ଆନ୍ତଃ-ବିଦ୍ୟାଳୟ ଭଲିବଲ୍ ୧୫ରୁ

ଭୁବନେଶ୍ୱର, ୮।୧୧(ଅନାଦି କର)

ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି କିଟ୍ ୟୁନିଭର୍ସିଟିଠାରେ ଭୁବନେଶ୍ୱର ଆନ୍ତଃ-ବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା ଆୟୋଜନ ହେବ। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ୧୨ ଓ ବାଳିକା ବିଭାଗରେ ୬ ଦଳ ଭାଗନେବେ। ଉଭୟ ପ୍ରତିଯୋଗିତା ଲିଗ୍‌ଭିତ୍ତିରେ ଖେଳାଯିବ ଏବଂ ଫାଇନାଲ ମ୍ୟାଚ୍ ୧୬ ତାରିଖରେ ହେବ। ଏନେଇ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ(ବିଏଏ)ର ସାଧାରଣ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା ସୂଚନା ଦେଇଛନ୍ତି।

# ଅର୍ଶିତା ପ୍ରିୟଦର୍ଶିନୀ ଚାମ୍ପିୟନ

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଚେସ୍

ଭୁବନେଶ୍ୱର, ୮।୧୧ (ବିଜୟ ରଣା)

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଚେସ୍ ପ୍ରତିଯୋଗିତାରେ ୫ମ ବର୍ଷ ଆଇନ ଛାତ୍ରୀ ଅର୍ଶିତା ପ୍ରିୟଦର୍ଶିନୀ ଅପରାଜିତ ରହି ୫ ରାଉଣ୍ଡରୁ ୪.୫ ପଏଣ୍ଟ ଅର୍ଜନକରି ଚାମ୍ପିୟନ ହୋଇଛନ୍ତି। ସେହିପରି ପ୍ରଥମ ବର୍ଷ ଛାତ୍ର ଆଶୁତୋଷ ପ୍ରସାଦ ବୋଷ୍ ସମାନ ପଏଣ୍ଟ ଯୋଗୁ ଟାଇବ୍ରେକରରେ ଜିତି ରନରଅପ୍ ହୋଇଛନ୍ତି। ପ୍ରତ୍ୟେକେ ୪ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ଆଶିଷ କୁମାର ବେହେରା, ବଳଭଦ୍ର ପରିଡ଼ା ଓ ସୂର୍ଯ୍ୟକାନ୍ତ ନାୟକ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଦିନିକିଆ ଚେସ୍ ଟୁର୍ଣ୍ଣାମେଣ୍ଟରେ ବିଶ୍ୱବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ପ୍ରଫେସର କମଲଜିତ୍ ସିଂ, ରେଜିଷ୍ଟ୍ରାର ନିରୁପମା ସ୍ୱାଇଁ, ଡାଇରେକ୍ଟର ୱେଲ୍‌ଫେୟାର ନିଧି ଚୌହାନ ଓ ସି.ଡି.ସି. ନିର୍ଦ୍ଦେଶିକା ହିରଣ୍‌ମୟୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟ ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ରାହୁଲ ଭାରତର ୯୧ତମ ଗ୍ରାଣ୍ଡମାଷ୍ଟର

ନୂଆଦିଲ୍ଲୀ, ୮।୧୧(ପି.ଟି.)

ଭାରତୀୟ ଚେସ୍ ଖେଳାଳି ରାହୁଲ ଭି.ଏସ୍ ଦେଶର ୯୧ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ୬ଷ୍ଠ ଆସିଆନ ଇଣ୍ଡିଭିଜୁଆଲ ଚାମ୍ପିୟନଶିପ୍ ଜିତିବା ପରେ ସେ ଏହି ସଫଳତା ହାସଲ କରିଛନ୍ତି। ୨୧ ବର୍ଷୀୟ ରାହୁଲ ହେଉଛନ୍ତି ଏସିଆନ୍ ଜୁନିୟର ଚାମ୍ପିୟନ। ୨୦୨୧ରେ ସେ ଇଣ୍ଟରନ୍ୟାଶନାଲ ମାଷ୍ଟର ଟାଇଟଲ ଜିତିଥିଲେ। ସେତେବେଳେ ସେ ୨୪୦୦ ଲାଇଭ୍ ରେଟିଂ ଅତିକ୍ରମ କରିବା ପୂର୍ବରୁ ତାଙ୍କର ଚତୁର୍ଥ ଓ ପଞ୍ଚମ ଆଇଏମ୍ ନର୍ମ ହାସଲ କରିଥିଲେ। ରାହୁଲ ଦେଶର ୯୧ତମ ଗ୍ରାଣ୍ଡମାଷ୍ଟର ହେବା ପରେ ସର୍ବଭାରତୀୟ ଚେସ୍ ମହାସଂଘ(ଏଆଇସିଏଫ୍) ସଭାପତି ନୀତିନ ନାରଙ୍ଗ ତାଙ୍କୁ ସୋସିଆଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ ବଧେଇ ଜଣାଇଛନ୍ତି। କିଛି ସପ୍ତାହ ମଧ୍ୟରେ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିବାରେ ରାହୁଲ ହେଉଛନ୍ତି ଭାରତର ଦ୍ୱିତୀୟ ଚେସ୍ ଖେଳାଳି। ଗତ ଅକ୍ଟୋବର ୩୦ରେ ଅନ୍ୟ ଜଣେ ଯୁବ ପ୍ରତିଭା ଇଲମପାର୍ଥି ଏ.ଆର୍ ଏହି ସଫଳତା ହାସଲ କରିଥିଲେ।

# ସଞ୍ଜୟ ଭାରତୀୟ ଦଳର ଅଧିନାୟକ

ନୂଆଦିଲ୍ଲୀ, ୮।୧୧(ପି.ଟି.)

ସୁଲ୍‌ତାନ ଆଜ୍‌ଲାନ ଶାହ କପ୍ ହକିର ୩୧ତମ ସଂସ୍କରଣ ପାଇଁ ସିନିୟର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ମର୍ଯ୍ୟାଦାପୂର୍ଣ୍ଣ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୨୩ରୁ ୩୦ ଯାଏ ମାଲେସିଆର ଇପୋଠାରେ ଖେଳାଯିବ। ଏଥିରେ ଭାରତର ବହୁ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ସେମାନଙ୍କ ମଧ୍ୟରେ ଭାରତର ଦୁଇ ପ୍ରଥମ ପସନ୍ଦ ଗୋଲ୍‌କିପର କ୍ରିଶନ ବାହାଦୁର ପାଠକ ଓ ସୂରଜ କ୍ରେରକେରାଙ୍କୁ ବିଶ୍ରାମ ଦିଆଯାଇଛି। ସେମାନଙ୍କ ସ୍ଥାନରେ ପୱନ ଏବଂ ମୋହିତ ହୋନେନାହାଲି ଶଶିକୁମାରଙ୍କୁ ଦଳରେ ନିଆଯାଇଛି। ନିୟମିତ ଅଧିନାୟକ ହରମନପ୍ରୀତ ସିଂ, ଅଭିଜ୍ଞ ମିଡ୍‌ଫିଲ୍ଡର ମନପ୍ରୀତ ସିଂ ଓ ଷ୍ଟ୍ରାଇକର ମନଦୀପ ସିଂ ମଧ୍ୟ ଟୁର୍ଣ୍ଣାମେଣ୍ଟରେ ଖେଳିବେ ନାହିଁ। ଡିଫେନ୍‌ସିଭ ଲାଇନ୍ ପାଇଁ ସଞ୍ଜୟ, ଯୁଗରାଜ ସିଂ ଓ ଅମିତ ରୋହିଦାସ ପ୍ରମୁଖ ସିନିୟର ଖେଳାଳିଙ୍କୁ ମନୋନୀତ କରାଯାଇଛି। ଡିଫେନ୍‌ସିଭ ୟୁନିଟ୍‌ରେ ଆହୁରି ମଧ୍ୟ ପୁଭାନ୍ନା ଚାନ୍ଦୁରା ବବି, ନୀଲମ ସଞ୍ଜୀପ ଖେସ୍ ଓ ୟଶ୍‌ଦୀପ ସିୱାଚ୍ ପ୍ରମୁଖ ସ୍ଥାନ ପାଇଛନ୍ତି। ମିଡ୍‌ଫିଲ୍ଡ ପାଇଁ ଦଳରେ ରାଜିନ୍ଦର ସିଂ, ରାଜକୁମାର ପାଲ୍, ନୀଳକାନ୍ତ ଶର୍ମା, ରବିଚନ୍ଦ୍ରନ ସିଂ, ମୋଇରାଙ୍ଗ୍‌ଥେମ୍, ବିବେକ ସାଗର ପ୍ରସାଦ ଓ ମହମ୍ମଦ ରାହିଲ ମୋଟ୍‌ସିନଙ୍କୁ ନିଆଯାଇଛି। ବିପକ୍ଷ ଦଳ ଉପରେ ଆକ୍ରମଣର ନେତୃତ୍ୱ ନେବେ ସୁଖଜିତ୍ ସିଂ। ଏହି ୟୁନିଟ୍‌ରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଶିଳାନନ୍ଦ ଲାକ୍ରା, ସେଲ୍‌ଭାମ କାର୍ଥି, ଆଦିତ୍ୟ ଅର୍ଜୁନ ଲାଲାଗେ, ଦଳପ୍ରୀତ ସିଂ ଓ ଅଭିଷେକ। ଟୁର୍ଣ୍ଣାମେଣ୍ଟ ପାଇଁ ଷ୍ଟାଣ୍ଡବାଇ ଖେଳାଳି ଭାବେ ସ୍ଥାନ ପାଇଛନ୍ତି ବରୁଣ କୁମାର, ବିଷ୍ଣୁକାନ୍ତ ସିଂ, ହାର୍ଦ୍ଦିକ ସିଂ ଓ ଅଙ୍ଗଦବୀର ସିଂ। ଅନ୍ତର୍ଜାତୀୟ କ୍ୟାଲେଣ୍ଡରରେ ସୁଲ୍‌ତାନ ଆଜ୍‌ଲାନ ଶାହ କପ୍‌କୁ ଏକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଭାବେ ବିବେଚନା କରାଯାଇଥାଏ। ଏକ ସନ୍ତୁଳିତ ଦଳ ସହ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ଆମେ ଉତ୍ସାହିତ ବୋଲି ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫଲ୍‌ଟନ ପ୍ରକାଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ନଭେମ୍ବର ୨୩ରେ କୋରିଆ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ଅନ୍ୟ ମ୍ୟାଚ୍‌ଗୁଡ଼ିକ ବେଲ୍‌ଜିୟମ(ନଭେମ୍ବର ୨୪), ଆୟୋଜକ ମାଲେସିଆ (ନଭେମ୍ବର ୨୬), ନ୍ୟୁଜିଲାଣ୍ଡ(ନଭେମ୍ବର ୨୭) ଓ କାନାଡ଼ା(ନଭେମ୍ବର ୨୯) ବିପକ୍ଷରେ ଖେଳିବ। ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ୍ ଫର୍ମାଟ୍‌ରେ ଖେଳାଯିବ। ଶ୍ରେଷ୍ଠ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବ। ଏହି ମ୍ୟାଚ୍ ନଭେମ୍ବର ୩୦ରେ ଖେଳାଯିବ। ଭାରତ ଗତ ୨୦୧୦ରେ ଆଜ୍‌ଲାନ ଶାହ କପ୍ ଟାଇଟଲ ଜିତିଥିଲା ଏବଂ ୨୦୧୯ରେ ରନରଅପ୍ ହୋଇଥିଲା।



ଭାରତୀୟ ହକି ଦଳ।

## ସୁଲ୍‌ତାନ ଆଜ୍‌ଲାନ ଶାହ କପ୍ ହକି

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ